CMYK

- Vol.- 46, Issue No. 160
- Wednesday, 09 September 2026
- ବୁଧବାର,୦୯ ସେପ୍ଟେମ୍ବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

# ୫ ବିରଳ ଓରାଙ୍ଗଓଟାନ୍ ଓଡ଼ିଶାରେ



- ଭୋଗରାଇରୁ ନିଆଗଲା ନନ୍ଦନକାନନ
- ଦେଖଣାହାରୀଙ୍କ ଛୁଟିଲା ସୁଅ
- ବନ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ
- ଅନ୍ତର୍ଜାତୀୟ ଚୋରା ଚାଲାଣ ସନ୍ଦେହ

ବାଲେଶ୍ୱର/ଭୁବନେଶ୍ୱର,୮।୯: ଦକ୍ଷିଣ-ପୂର୍ବ ଏସିଆର ବର୍ଷାବହୁଳ ଜଙ୍ଗଲରେ ବାସ କରିଥାନ୍ତି ବିରଳ ଓରାଙ୍ଗଓଟାନ। ମାତ୍ର ବାଲେଶ୍ୱର ଜିଲ୍ଲାର ଏକ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରୁ ଏଥିରୁ ୫ଟି ଉଦ୍ଧାର କରାଯାଇଛି। ତେବେ ଏହି ବିଦେଶୀ ପ୍ରାଣୀମାନଙ୍କୁ ଭାରତରେ କିପରି କିଏ ପହଞ୍ଚାଇଲା ତାହା ବିସ୍ମୟ ସୃଷ୍ଟି କରିଛି। ଏପରି ବନ୍ୟପ୍ରାଣୀ ଚୋରା ଚାଲାଣରେ କିଏ ବା କେଉଁମାନେ ସାମିଲ ସେ ବିଷୟରେ ତଦନ୍ତ ଆରମ୍ଭ ହୋଇଛି। ଭୋଗରାଇ ବ୍ଲକ ଅଞ୍ଚଳରୁ ଏସବୁ ଠାବ ହେବା ପରେ ଏଠାକୁ ସକାଳୁ ସକାଳୁ ସ୍ଥାନୀୟ ଦେଖେଣାହାରୀଙ୍କ ସୁଅ ଛୁଟିଥିଲା। ସ୍ଥାନୀୟ ବାସିନ୍ଦାଙ୍କଠାରୁ ସୂଚନା ପାଇବା ପରେ ବନ ଅଧିକାରୀମାନେ ମଙ୍ଗଳବାର ସକାଳେ ଉଦୟପୁର ବନ ବିଭାଗ ଅଧୀନରେ ଥିବା ବଡ଼ପାଇ ରଣକାଠ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରୁ ପାଞ୍ଚଟି ଓରାଙ୍ଗଓଟାନ୍‌ଙ୍କୁ ଉଦ୍ଧାର କରିଛନ୍ତି। ସୂଚନା ଅନୁଯାୟୀ, ଉଦୟପୁର ସେକ୍ସନ୍‌ର ବନରକ୍ଷୀ ସଞ୍ଜୟ କୁମାର ମହାନ୍ତିଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ସକାଳ ପ୍ରାୟ ୬ଟା ସମୟରେ ନିୟମିତ ପାଟ୍ରୋଲିଂ କରୁଥିବା ବେଳେ ଜଙ୍ଗଲ ମଧ୍ୟରେ ୫ଟି ଓରାଙ୍ଗଓଟାନଙ୍କୁ ଦେଖିଥିଲେ। ପଶୁମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବନ ବିଭାଗ ସେମାନଙ୍କୁ ତୁରନ୍ତ ଉଦୟପୁର ସେକ୍ସନ୍ କାର୍ଯ୍ୟାଳୟ ପରିସରକୁ ଆଣିଥିଲା। ସେଠାରେ ସେମାନଙ୍କୁ ନିରନ୍ତର ନଜରରେ ରଖାଯାଇଥିବା ବେଳେ ବାରିପଦା ସର୍କଲ୍‌ର ଭେଟେରିନାରୀ ଟିମ୍ ପକ୍ଷରୁ ଆବଶ୍ୟକ ଚିକିତ୍ସା ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପରେ ଖବର ପାଇ ନନ୍ଦନକାନନ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଯାଞ୍ଚ କରିଥିଲେ ଓ ଏହା ପରେ ନନ୍ଦନକାନନକୁ ପଠାଯାଇଥିଲା। ଗ୍ରାମାଞ୍ଚଳ ଜଙ୍ଗଲରେ ପ୍ରଥମ ଥର ପାଇଁ ଠାବ ଏହି ବନ୍ୟପଶୁଙ୍କ ଅନ୍ତର୍ଜାତୀୟ ସ୍ମଗଲିଂର ସନ୍ଦେହ କରାଯାଉଛି ବୋଲି ପିସିସିଏଫ୍ ପ୍ରେମ୍ ଝା କହିଛନ୍ତି। ପିସିସିଏଫ୍ କହିଛନ୍ତି, ଦେଶର ଦୁଇରୁ ତିନୋଟି ସ୍ଥାନରେ କ୍ୱଚିତ୍ ଓରାଙ୍ଗଓଟାନ ଦେଖାଯାଆନ୍ତି। ଓଡ଼ିଶାରେ ଏହି ପ୍ରଜାତିର ପ୍ରାଣୀ କେବେ ଦେଖାଯିବାର ନଜିର ନାହିଁ। ତେଣୁ ଭୋଗରାଇରୁ ଏକାଥରକେ ୫ଟି ଓରାଙ୍ଗଉଟାନ ଠାବ ହେବା ଘଟଣାକୁ ଗୁରୁତ୍ୱର ସହ ନିଆଯାଇଛି। ଘଟଣାର ତଦନ୍ତ ବନ ବିଭାଗ ପକ୍ଷରୁ ଆରମ୍ଭ ହୋଇଛି। ଏହା ପଛରେ ଥିବା ରହସ୍ୟ ଉପରୁ ପରଦା ହଟିବାକୁ ଅପେକ୍ଷା କରାଯାଉଛି।

## ଜୟପୁରରେ ବାଘ ଛାଲ ଜବତ, ଜଣେ ଗିରଫ

- ନୂଆପଡ଼ାରେ ଚିତାବାଘ ଆତଙ୍କ
- ବାଛୁରୀକୁ ମାରିବା ପରେ ଗ୍ରାମବାସୀ ଆତଙ୍କରେ

ଜୟପୁର/ନୂଆପଡା,୮।୯: ଜୟପୁର ସହରାଞ୍ଚଳର ଏକ ଘରେ ଚଢ଼ାଉ କରି ଗୁଜରାଟର ସ୍ୱତନ୍ତ୍ର ଟିମ୍, ଓଡ଼ିଶା ବନବିଭାଗର ମିଳିତ ଚଢ଼ାଉରେ ଶୁଖିଲା ତଥା ପୂର୍ଣ୍ଣାଙ୍ଗ ଏକ କଲରାପତରିଆ ବାଘ ଛାଲ ଜବତ କରିଛି। ଏହି ଘଟଣାରେ ଜୟପୁର କେନ୍ଦୁଗୁଡ଼ାସ୍ଥିତ ଜଳସମ୍ପଦ ବିଭାଗ କଲୋନୀର ବିଭୂତି ଭୂଷଣ ପାତ୍ର(୪୪)ଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ଛାଲ ରଖିବାରେ ବ୍ୟବହୃତ ଏକ ବ୍ୟାଗ୍, ହ୍ୟୁଣ୍ଡାଇ କ୍ରେଟା କାର୍ ଓ ମୋବାଇଲ୍ ଫୋନ୍ ଜବତ ହୋଇଛି। ସୂଚନା ଅନୁଯାୟୀ, ସେପ୍ଟେମ୍ବର ୭ ତାରିଖ ରାତି ପ୍ରାୟ ସାଢ଼େ ୮ଟାରେ ଗୁଜରାଟରୁ ଆସିଥିବା ସ୍ୱତନ୍ତ୍ର ଗୁଇନ୍ଦା ଟିମ୍ ଜୟପୁର ଅଞ୍ଚଳରେ ଚଢ଼ଉ କରିଥିଲା। ଅନ୍ୟଏକ ଘଟଣା ଅନୁଯାୟୀ ନୂଆପଡା ଜିଲ୍ଲାର ସୁନାବେଡା ଅଭୟାରଣ୍ୟର ସୋସେଙ୍ଗ ସେକ୍ସନ ଅନ୍ତର୍ଗତ ଦେଓସିଲ ଗାଁ ଭିତରକୁ ଏକ ଚିତାବାଘ ପଶିଆସି ଗୋଟିଏ ବାଛୁରୀକୁ ମାରି ଦେଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି । ସୋମବାର ରାତିରେ ଗ୍ରାମ ରାସ୍ତାରେ ଗ୍ରାମର ବ୍ୟାସଦେବ ମାଝୀଙ୍କ ଏହି ବାଛୁରୀଟି ବନ୍ଧା ହୋଇଥିଲା। ମଙ୍ଗଳବାର ସକାଳେ ଗାଁ ଲୋକମାନେ ଏହାର ମୃତଦେହ ଦେଖି ସୁନାବେଡା ବନ୍ୟପ୍ରାଣୀ ଅଭୟାରଣ୍ୟ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ। ବନ ଅଧିକାରୀ ଏବଂ ବିଶେଷଜ୍ଞଙ୍କ ଏକ ଦଳ ଘଟଣାସ୍ଥଳ ପରିଦର୍ଶନ କରିଥିଲେ ଏବଂ ଘଟଣାସ୍ଥଳ ତଦନ୍ତ ପରେ ନିଶ୍ଚିତ କରିଥିଲେ ଯେ ବାଛୁରୀଟି ଚିତାବାଘ ହିଁ ମାରି ଦେଇଛି। ବନ ବିଭାଗ ଜନ୍ତୁଟିକୁ ଖୋଜିବା ପାଇଁ ନିକଟସ୍ଥ ଜଙ୍ଗଲରେ କ୍ୟାମେରା ଟ୍ରାପ୍ ସ୍ଥାପନ କରିଛି।

## ୟୁଏଇ ଗସ୍ତରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ

# ଆୟୋଜିତ ହେବ ନିବେଶ ରୋଡ୍ ଶୋ



ଭୁବନେଶ୍ୱର,୮।୯: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)କୁ ତିନି ଦିନିଆ ସରକାରୀ ଗସ୍ତ କରିଛନ୍ତି। ଏହାଦ୍ୱାରା ସେ ବିଶ୍ୱସ୍ତରୀୟ ନିବେଶକୁ ଆକର୍ଷିତ କରିପାରିବେ ଏବଂ ରାଜ୍ୟ ଏବଂ ଉପସାଗରୀୟ ଦେଶ ମଧ୍ୟରେ ବ୍ୟବସାୟିକ ସମ୍ପର୍କକୁ ସୁଦୃଢ଼ କରିପାରିବେ ବୋଲି ଆଶା ପ୍ରକଟ କରାଯାଇଛି। ସେପ୍ଟେମ୍ବର ୯ ରୁ ୧୨ ପର୍ଯ୍ୟନ୍ତ ଶ୍ରୀ ମାଝୀଙ୍କ ଏହି ଗସ୍ତ କାଳରେ ଦ୍ୱିତୀୟ ଅନ୍ତର୍ଜାତୀୟ ନିବେଶ ରୋଡ୍ ଶୋ ହେବ । ଏହା ଆବୁଧାବି ଏବଂ ଦୁବାଇକୁ ସଂପ୍ରସାରିତ ହେବ। ମୁଖ୍ୟମନ୍ତ୍ରୀ ୟୁଏଇ ସରକାରୀ ଅଧିକାରୀ, ସାର୍ବଭୌମ ନିବେଶ ପାଣ୍ଠି, ପ୍ରତିଷ୍ଠାନ ନିବେଶକ ଏବଂ ବ୍ୟବସାୟିକ ନେତାଙ୍କ ସହିତ ଉଚ୍ଚସ୍ତରୀୟ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି। ଆବୁଧାବିରେ, ମୁଖ୍ୟମନ୍ତ୍ରୀ ବିଶ୍ୱର ସର୍ବବୃହତ ନିବେଶ ସଂସ୍ଥା ମଧ୍ୟରୁ ଗୋଟିଏ ସହିତ ଏକ ଗୋଲ ଟେବୁଲରେ ଅଂଶଗ୍ରହଣ କରିବେ। ୟୁଏଇ ନିବେଶ ମନ୍ତ୍ରୀ ମହମ୍ମଦ ହାସନ ଅଲସୁୱାଇଦି ଏବଂ ସାର୍ବଭୌମ ନିବେଶ ପାଣ୍ଠିର ପ୍ରତିନିଧିମାନଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଭେଟିବେ। ମୁଖ୍ୟମନ୍ତ୍ରୀଙ୍କ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀରେ ଓଡ଼ିଶା ଶିଳ୍ପ ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ଅନୁଗର୍ଗ ଓ ଅନ୍ୟାନ୍ୟ ଅଧିକାରୀମାନେ ଅଛନ୍ତି । ୟୁଏଇଠାରେ ସେଠାକାର ଅଧିକାରୀ ଓ ପ୍ରତିନିଧି ଦଳ ସମେତ ଭାରତୀୟ ଦୂତାବାସର ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କ ଟିମ୍‌କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି ।

## ପୂର୍ବ ଚୀନରେ ଭୂସ୍ଖଳନ, ୬ ମୃତ

ବେଜିଂ,୮।୯: ପୂର୍ବ ଚୀନରେ ଭୂସ୍ଖଳନ ଯୋଗୁଁ ୬ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୯ ଜଣ ଏପର୍ଯ୍ୟନ୍ତ ନିଖୋଜ ଅଛନ୍ତି। ଟାଇଫୁନ୍ ସାଉଡେଲ୍ ଦ୍ୱାରା ହୋଇଥିବା ପ୍ରବଳ ବର୍ଷାର କିଛି ଦିନ ପରେ ମଙ୍ଗଳବାର ରାଷ୍ଟ୍ର ଗଣମାଧ୍ୟମ କହିଛି।ଶନିବାର ଝିଆଙ୍ଗସି ପ୍ରଦେଶର ମିଙ୍ଗକେଙ୍ଗ ଗାଁରେ ହୋଇଥିବା ଏକ କାଦୁଅ ଭୂସ୍ଖଳନରେ ୫ ଜଣଙ୍କର ମୃତ୍ୟୁ ଘଟିଥିଲା ଓ ୭ ଜଣ ନିଖୋଜ ଏ ପର୍ଯ୍ୟନ୍ତ ଅଛନ୍ତି। ନିକଟସ୍ଥ ଜୁଓଆନ୍ ଏବଂ ଟାଙ୍ଗହୁ ସହରଗୁଡ଼ିକରେ ଭୂସ୍ଖଳନ ପରେ ଜଣେ ମୃତ ଏବଂ ୨ ଜଣ ନିଖୋଜ ଅଛନ୍ତି।ସାଉଡେଲ୍ ଦ୍ୱାରା ଅଣାଯାଇଥିବା କିଛି ଦିନର ମୂଷଳଧାର ବର୍ଷା ପରେ ଭୂସ୍ଖଳନ ହୋଇଥିଲା। ପ୍ରବଳ ବର୍ଷା ଯୋଗୁଁ ଅନେକ ସହର କାର୍ଯ୍ୟ, ସ୍କୁଲ ଏବଂ ପରିବହନ ସେବାକୁ ସ୍ଥଗିତ କରିଥିଲା।

## ଆଜି ସୃଷ୍ଟି ହୋଇପାରେ ଘୂର୍ଣ୍ଣିବଳୟ

ଭୁବନେଶ୍ୱର,୮।୯: ରାଜ୍ୟରେ ବଢ଼ିବ ବର୍ଷାର ପରିମାଣ। ପଛକୁ ପଛ ଆସୁଛି ୨ଟି ଲଘୁଚାପ । ଆସନ୍ତା ୯ ତାରିଖ ବେଳକୁ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ସମ୍ଭାବନା ରହିଛି। ୧୦ ତାରିଖ ବେଳକୁ ଏହା ଲଘୁଚାପର ରୂପ ନେଇପାରେ। ପ୍ରଭାବରେ ୯ ତାରିଖରୁ ଉତ୍ତରଓଡ଼ିଶା ଓ ଉତ୍ତର ଉପକୂଳବର୍ତ୍ତୀ ଓଡ଼ିଶାରେ ବର୍ଷାର ପ୍ରଭାବ ବଢ଼ିବ। ସେହିପରି ୧୭ରୁ ୨୦ ତାରିଖ ଭିତରେ ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ସୃଷ୍ଟିର ସମ୍ଭାବନା ରହିଛି ।

## ଦୁଗ୍ଧ କିଣା: ୧୧ରୁ ଚାଷୀଙ୍କୁ ମିଳିବ ଅଧିକ ୨ ଟଙ୍କା

ଭୁବନେଶ୍ୱର, ୮।୯: ସେପ୍ଟେମ୍ବର ୧୧ ତାରିଖରୁ ଚାଷୀମାନଙ୍କଠାରୁ ଦୁଗ୍ଧ କ୍ରୟ ମୂଲ୍ୟରେ ଲିଟର ପ୍ରତି ୨ ଟଙ୍କା ବୃଦ୍ଧି କରାଯିବ । ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟର ପ୍ରାୟ ୩ ଲକ୍ଷରୁ ଅଧିକ ଦୁଗ୍ଧ ଚାଷୀ ଉପକୃତ ହେବେ । ରାଜ୍ୟର ଦୁଗ୍ଧ ଚାଷୀଙ୍କ ଜୀବିକା, ଆୟ ଓ ସ୍ୱାର୍ଥକୁ ପ୍ରାଥମିକତା ଦେଇ ଓମଫେଡ୍ ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ଗୋଖାଦ୍ୟ, ଚିକିତ୍ସା, ରକ୍ଷଣାବେକ୍ଷଣ, ଘାସଚାରା ଓ ପରିବହନ ଖର୍ଚ୍ଚ ବୃଦ୍ଧି ପାଇବା ଯୋଗୁଁ ଦୁଗ୍ଧ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଚାଷୀଙ୍କ ଦାବି ଓ ବର୍ତ୍ତମାନର ବଜାର ପରିସ୍ଥିତିକୁ ବିଚାର କରି ଓମଫେଡ୍ ଏହି କ୍ରୟ ମୂଲ୍ୟ ବୃଦ୍ଧି କରିଛି । ଏହା ଦ୍ୱାରା ଚାଷୀଙ୍କ ଆର୍ଥିକ ସ୍ଥିତି ମଜଭୁତ ହେବା ସହ ଗୋପାଳନ ଓ ଦୁଗ୍ଧ ଉତ୍ପାଦନ ପ୍ରତି ସେମାନେ ଆହୁରି ଉତ୍ସାହିତ ହେବେ ବୋଲି କହିଛନ୍ତି ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ।

## ଜାହଜ ବୁଡ଼ି: କ୍ଷତିପୂରଣ ପାଇଁ ଆବେଦନ




ଭୁବନେଶ୍ୱର,୮।୯: ଓଡ଼ିଶା ଉପକୂଳରେ ମାଲବାହୀ ଜାହାଜ 'ଏମଭି ଓସେନ୍ ୱିନର' ବୁଡ଼ିବା ଘଟଣାରେ ମଙ୍ଗଳବାର ଓଡ଼ିଶା ହାଇକୋର୍ଟରେ ଏକ କ୍ଷତିପୂରଣ ଆବେଦନ ଦାଖଲ କରାଯାଇଛି। ପ୍ରଭାବିତ କମ୍ପାନୀ ଓସିଏଲ ଆଇରନ୍ ଆଣ୍ଡ ଷ୍ଟିଲ୍ ଲିମିଟେଡ୍, ଘଟଣାରୁ ହୋଇଥିବା କ୍ଷତି ପାଇଁ ଅନ୍ତର୍ଜାତୀୟ ବାଣିଜ୍ୟିକ ମଧ୍ୟସ୍ଥତା ଆରମ୍ଭ କରିବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ସରକାରୀ ସୂତ୍ର ଅନୁଯାୟୀ, କୋର୍ଟରେ ଆବେଦନ ଆନୁଷ୍ଠାନିକ ଭାବରେ ଦାଖଲ କରାଯାଇଥିଲା। କମ୍ପାନୀ ଜାହାଜ ବୁଡ଼ିବା ସହିତ ଜଡିତ କ୍ଷତିପୂରଣ ପାଇଁ ଆଇନଗତ ଆଶ୍ରୟ ନେଇଛି ଏବଂ ଅନ୍ତର୍ଜାତୀୟ ବାଣିଜ୍ୟିକ ମଧ୍ୟସ୍ଥତା ଅଧୀନରେ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଛି।

# ୧୫ ଦିନରେ ହେବ ଅସୁରକ୍ଷିତ କୋଠା ଚିହ୍ନଟ

- ➔ ବିପଦପୂର୍ଣ୍ଣ ପ୍ରମାଣିତ କୋଠା ଭାଙ୍ଗିବାକୁ ହେବ ନୋଟିସ୍
- ➔ ଫାୟାର ସେଫ୍ଟି ନ ମାନିଲେ ବନ୍ଦ ହେବ କୋଚିଂ ସେଣ୍ଟର



ଭୁବନେଶ୍ୱର/କଟକ,୮।୯: ବିପଦପୂର୍ଣ୍ଣ କୋଠା ବିରୋଧରେ ସରକାର କଡ଼ା ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି। ୧୫ ଦିନ ଭିତରେ ଅସୁରକ୍ଷିତ କୋଠାଗୁଡ଼ିକୁ ଚିହ୍ନଟ କରାଯାଉ। ଏପରି ନିର୍ଦ୍ଦେଶ ଦେଇଛନ୍ତି ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର । ବିଶେଷକରି କଟକ ଓ ପୁରୀ ଉପରେ ଧ୍ୟାନ କେନ୍ଦ୍ରିତ ପାଇଁ ପରାମର୍ଶ ଦିଆଯାଇଛି। ଯାଞ୍ଚକାରୀ ଦଳ ସନ୍ଦେହଜନକ ବିପଦପୂର୍ଣ୍ଣ କୋଠାଗୁଡ଼ିକର ବିସ୍ତୃତ ଯାଞ୍ଚ କରିବେ । ରିପୋର୍ଟ ଆଧାରରେ ଅସୁରକ୍ଷିତ ବିଲ୍ଡିଂଗୁଡ଼ିକୁ ଭଙ୍ଗା ଯିବ । ସହରାଞ୍ଚଳରେ ନାଗରିକଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ବିପଦପୂର୍ଣ୍ଣ ଓ ଅସୁରକ୍ଷିତ କୋଠାଗୁଡ଼ିକ ବିରୋଧରେ କଡ଼ା ପଦକ୍ଷେପ ନେବାକୁ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇଛି । ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ଧନଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ସରକାରୀ ଓ ଘରୋଇ କୋଠାଗୁଡ଼ିକୁ ଚିହ୍ନଟ କରି ଯାଞ୍ଚ, ମୂଲ୍ୟାଙ୍କନ ଓ ଆଇନାନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ବିପଦପୂର୍ଣ୍ଣ ସରକାରୀ କୋଠାଗୁଡ଼ିକର ମୂଲ୍ୟାଙ୍କନ ପୂର୍ବରୁ କରାଯାଇଛି ଏବଂ ଆବଶ୍ୟକ ସ୍ଥଳେ ନୋଟିସ୍ ମଧ୍ୟ ଜାରି ହୋଇଛି । ମୂଲ୍ୟାଙ୍କନ ଆଧାରରେ ବିପଦସଙ୍କୁଳ ଭାବେ ଚିହ୍ନଟ ସମସ୍ତ ସରକାରୀ କୋଠା ଯାଞ୍ଚ କରାଯାଇଛି ଏବଂ ନୋଟିସ୍ ମଧ୍ୟ ପଠାଯାଇଛି । ଖୁବ୍ ଶୀଘ୍ର ବିପଦପୂର୍ଣ୍ଣ ପ୍ରମାଣିତ କୋଠାଗୁଡ଼ିକୁ ଭାଙ୍ଗିବା ପାଇଁ ନୋଟିସ୍ ଜାରି କରାଯିବ ବୋଲି ଡଃ ମହାପାତ୍ର କହିଛନ୍ତି ।

ଫାୟାର ସେଫ୍ଟି ନ ମାନିଲେ କୋଚିଂ ସେଣ୍ଟର ବନ୍ଦ ହେବ ବୋଲି କଟକ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ତାଗିଦ୍ କରାଯାଇଛି । ଅକ୍ଟୋବର ୧୫ ଯାଏଁ ଚୂଡାନ୍ତ ସମୟସୀମା ଦିଆଯାଇଛି । ବୈଠକରେ ୨୦୦ରୁ ଅଧିକ କୋଚିଂ ସେଣ୍ଟର କର୍ତ୍ତୃପକ୍ଷ ସାମିଲ ଥିଲେ ।

# 'ଶ୍ରୀମନ୍ଦିର, ରତ୍ନ ଭଣ୍ଡାର ଓ ଶ୍ରୀନହର'କୁ ଟ୍ରେଡମାର୍କ

- ★ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ମିଳିଲା ସଫଳତା
- ★ ଅନଧିକୃତ ବ୍ୟବହାର ଉପରେ ହେବ ରୋକ



ପୁରୀ,୮।୯(ନିପ୍ର):ଶ୍ରୀଜଗନ୍ନାଥ ମନ୍ଦିରର ଅନନ୍ୟ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷିତ ରଖିବା ଦିଗରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଆଜି ବଡ଼ ସଫଳତା ହାସଲ କରିଛି । ମହାପ୍ରଭୁଙ୍କ ସହ ଜଡିତ ଆହୁରି ୩ଟି ପବିତ୍ର ପରିଚୟ ବା ନାମକୁ 'ଟ୍ରେଡମାର୍କ' ସୁରକ୍ଷା ମିଳିଛି । ଫଳରେ ଏହି ନାମଗୁଡ଼ିକର ଅନଧିକୃତ ଏବଂ ଅନୁଚିତ ବ୍ୟବସାୟିକ ବ୍ୟବହାର ଉପରେ ରୋକ୍ ଲାଗିବ । ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ କରାଯାଇଥିବା ଆବେଦନ ପରେ ଶ୍ରୀମନ୍ଦିର - କ୍ଲାସ୍ ୧୯ ଏବଂ ୪୫ , ରତ୍ନ ଭଣ୍ଡାର - କ୍ଲାସ୍ ୧୪ ଏବଂ ୪୫ଏବଂ ଶ୍ରୀନହର- କ୍ଲାସ୍ ୧୯କୁ ଟ୍ରେଡ ମାର୍କ ରେଜେଷ୍ଟ୍ରି ପ୍ରକାଶନ ପାଇଁ ଗ୍ରହଣ କରିଛି । ଏହା ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ଆନନ୍ଦ ବଜାର, ପତିତପାବନ ଏବଂ ନୀଳଚକ୍ର ଲୋଗୋକୁ ଟ୍ରେଡମାର୍କ ଅନୁମୋଦନ ମିଳିଥିଲା । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଜଗନ୍ନାଥ ଧାମ, ଶ୍ରୀକ୍ଷେତ୍ର, ମହାପ୍ରସାଦ, ନୀଳଚକ୍ର ଓ କୋଇଲି ବୈକୁଣ୍ଠ ପରି ୫ଟି ନାମ ପ୍ରକାଶନ ପାଇଁ ଗ୍ରହଣ କରାଯାଇଥିଲା । ଅନେକ ସମୟରେ ବ୍ୟାବସାୟିକ ସଂସ୍ଥାମାନେ ଶ୍ରୀମନ୍ଦିରର ବିଭିନ୍ନ ପବିତ୍ର ସ୍ଥାନ ଓ ପରମ୍ପରାର ନାମକୁ ନିଜର ଫାଇଦା ପାଇଁ ବ୍ୟବହାର କରିଥାନ୍ତି । ଏହି ଅନଧିକୃତ ବ୍ୟବହାରକୁ ରୋକିବା ଏବଂ ଶ୍ରୀମନ୍ଦିରର ଗରିମା ରକ୍ଷା କରିବା ପାଇଁ ପ୍ରଶାସନ ପକ୍ଷରୁ ମୋଟ ୨୯ଟି ଟ୍ରେଡମାର୍କ ପାଇଁ ଆବେଦନ କରାଯାଇଛି । ବାକି ଆବେଦନ ଗୁଡ଼ିକ ପାଇଁ ମଧ୍ୟ ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି ।

### ଦାରା ସିଂ ମୁକ୍ତି ଆବେଦନ

## ଶିଥିଳତା ନେଇ 'ସୁପ୍ରିମ' ତାଗିଦା

### ପରବର୍ତ୍ତୀ ଶୁଣାଣି ୧୭ରେ

ଭୁବନେଶ୍ୱର/ନୂଆଦିଲ୍ଲୀ,୮।୯: ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହାମ ଷ୍ଟେନ୍ସ ଓ ତାଙ୍କ ଦୁଇ ନାବାଳକ ପୁଅଙ୍କ ହତ୍ୟା ମାମଲାରେ ଜେଲ୍ ଦଣ୍ଡ ଭୋଗୁଥିବା ଦାରା ସିଂ ଓରଫ୍ ରବୀନ୍ଦ୍ର କୁମାର ପାଲଙ୍କ ଆଗୁଆ ମୁକ୍ତି ଉପରେ ରାଜ୍ୟର 'ସେଣ୍ଟେନ୍ସ ରିଭ୍ୟୁ ବୋର୍ଡ' ତୁରନ୍ତ ଫଇସଲା ନ କଲେ, ସମ୍ପୃକ୍ତ ସଚିବ ବା ଦାୟିତ୍ୱରେ ଥିବା ବରିଷ୍ଠ ଅଫିସରଙ୍କୁ କୋର୍ଟକୁ ତଲବ କରାଯିବ । ସୁପ୍ରିମକୋର୍ଟ ସ୍ପଷ୍ଟ ଚେତାବନୀ ଦେଇଛନ୍ତି। ଦୁଇ ବର୍ଷ ଧରି ଏହି ପ୍ରସଙ୍ଗରେ କୌଣସି ଫଇସଲା ନକରି ମାମଲାକୁ ଝୁଲାଇ ରଖାଯାଇଥିବାରୁ ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ



କରିଛନ୍ତି। ଗତ ଅଗଷ୍ଟ ୧୯ ତାରିଖରେ କୋର୍ଟ ସ୍ପଷ୍ଟ ଭାବେ ବୋର୍ଡକୁ ନିଷ୍ପତ୍ତି ନେଇ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବାରମ୍ବାର ଶୁଣାଣି ସ୍ଥଗିତ ରଖିବା ଛଡ଼ା କୌଣସି ଅଗ୍ରଗତି ହେଉନାହିଁ। ସରକାରଙ୍କ ଅନୁରୋଧରେ କୋର୍ଟ ପରବର୍ତ୍ତୀ ଶୁଣାଣି ଆସନ୍ତା ସେପ୍ଟେମ୍ବର ୧୭ ତାରିଖକୁ ଧାର୍ଯ୍ୟ କରିଛନ୍ତି। ସେଦିନ ଆଉ କୌଣସି ସ୍ଥଗିତାଦେଶ ଗ୍ରହଣ କରାଯିବ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।



# ଶାନ୍ତ ମନ, ଶ୍ରେଷ୍ଠ ମାର୍ଗ...



ବିବେକଶୀଳ ନିର୍ଣ୍ଣୟର କ୍ଷମତାକୁ ବିକଶିତ କରିବା ଯେତେବେଳେ ମନ ଶାନ୍ତ ଥାଏ । ତା'ହେଲେ କେତେ ଶୀଘ୍ର,କେତେ ସହଜରେ କେତେ ସୁନ୍ଦରତାରେ ପ୍ରତ୍ୟେକ ବସ୍ତୁକୁ ବୁଝି ଯିବେ । ଜଣେ ଶାନ୍ତ ବ୍ୟକ୍ତି ନିଜର ଆଖିରେ ଶାନ୍ତି,ନିଜର ଚେହେରାରେ ତୀକ୍ଷ୍ଣ ବୁଦ୍ଧି ଆଉ ନିଜ ମନରେ ଉଚିତ୍ ଗ୍ରହଣଶୀଳତାକୁ ପ୍ରତିବିମ୍ବିତ କରିଥାଏ ।

ସେ ଗୋଟିଏ ନିର୍ଣ୍ଣାୟକ ଏବଂ ଶୀଘ୍ର କାର୍ଯ୍ୟ କରିବା ବାଲା ବ୍ୟକ୍ତି ଅଟେ, କିନ୍ତୁ ସେ ଅଚାନକ ଆସିବା ବାଲା ଆବେଗ ଏବଂ ଇଛାରେ ପ୍ରଭାବିତ ହୋଇ ନଥାଏ । ସଦୈବ ପ୍ରଥମେ ଏହା ଭାବିକରି କି ଅପଣ କ'ଣ କରିବାକୁ ଯାଉଛନ୍ତି ଆଉ ଏହା ଆପଣଙ୍କୁ କେମିତି ପ୍ରଭାବିତ କରିବ । କୌଣସି ଆବେକ ବଶରେ ହୋଇକରି କାର୍ଯ୍ୟ କରିବା ସ୍ୱତନ୍ତ୍ରତା ନୁହେଁ,କାହିଁକି ଆପଣ ଭୁଲ୍ କାର୍ଯ୍ୟରେ ହେବା ବାଲା ଅପ୍ରିୟ ଭାବନାରେ ବାନ୍ଧି ହୋଇଯିବେ । କିନ୍ତୁ ସେହି କାର୍ଯ୍ୟକୁ କରିବା ପାଇଁ ଆପଣଙ୍କ ବିବେକନୁସାରେ ଆପଣଙ୍କ ପାଇଁ ଭଲ ହେବେ, ପୂର୍ଣ୍ଣ ମୁକ୍ତଦାୟକ ହୋଇଥାଏ ।

ଏହିପରି ଜ୍ଞାନ-ନିର୍ଦ୍ଦେଶିତ କାର୍ଯ୍ୟ ଦିବ୍ୟ ଅସ୍ତିତ୍ୱର ଆଡକୁ ବଢିଥାଏ । ମନୁଷ୍ୟକୁ ପଶୁର ପରି,ମାନସିକ ରୂପରେ ଯନ୍ତ୍ରମାନବ ହେବାର ଆବଶ୍ୟକତା ନାହିଁ । ଯାହା କେବଳ ସହଜ ବୃତ୍ତିର ଦ୍ୱାରା କାର୍ଯ୍ୟ କରିଥାଏ । ପରମାତ୍ମା ଯିଏ ଆପଣଙ୍କୁ ଅନ୍ତରରେ ରହିଥାନ୍ତି, ତାଙ୍କ ପ୍ରତି ବିଚାର ଶୂନ୍ୟ ହୋଇ ରହିବା ମହାପାପ ଅଟେ । ଆମେ ଯେଉଁ କାର୍ଯ୍ୟ କରିଥାନ୍ତି ତାହାର ପାଇଁ ଆମେ ସଚେତ ହେବା ଜରୁରୀ । ଆପଣଙ୍କୁ କାର୍ଯ୍ୟ କରିବା ପୂର୍ବରୁ ବିଚାର କରିବା ଦରକାର । ଆମକୁ ନିଜର ମନକୁ ଠିକ୍ ଢଙ୍ଗରେ ଉପଯୋଗ କରିବା ଶିଖିବା ଦରକାର । କାହିଁକି ଆମେ କ୍ରମ-ବିକାଶ କରିପାରିବା ଆଉ ସୃଷ୍ଟି-କର୍ତ୍ତାର ସହିତ ନିଜର ଏକରୂପତାକୁ ଅନୁଭବ କରିପାରିବା । ପ୍ରତ୍ୟେକ କାର୍ଯ୍ୟ ଯେମିତି ଆମେ କରିବା ତାହା ପ୍ରଥମରୁ ହିଁ ଚିନ୍ତନ କରା ଯାଇଥିବା ବିଚାରର ପରିଣାମ ହେବା ଦରକାର ।

*ମନୋଜ କୁମାର ବେହେରା*
*ଫୋନ୍-୭୯୭୮୮୩୦୬୧୧*



## ଜୀବାତ୍ମା, ପରମାତ୍ମାଙ୍କ ରହିଛି ସାମଞ୍ଜସ୍ୟ



ଭଗବାନ ଶ୍ରୀକୃଷ୍ଣ ଗୀତାରେ ଠାଏ କହିଛନ୍ତି , ହେ ପରନ୍ତପ ଅର୍ଜୁନ ! ତୁମେ ଓ ମୁଁ ଉଭୟ ଅନେକ ଜନ୍ମ ଗ୍ରହଣ କରିଅଛେ । ତୁମେ ସେସବୁ ଭୁଲିଯାଇଛ, କିନ୍ତୁ ମୋର ସବୁ ସ୍ମରଣ ଅଛି । ଶ୍ରୀକୃଷ୍ଣ କହୁଛନ୍ତି ଯେ ଅର୍ଜୁନଙ୍କ ସମ୍ମୁଖରେ ସେ ମନୁଷ୍ୟ ରୂପରେ ଛିଡ଼ା ହୋଇଛନ୍ତି, ସେଥିପାଇଁ ତାଙ୍କୁ ମନୁଷ୍ୟମାନଙ୍କ ସହିତ ସମାନ ଜ୍ଞାନରେ ମନେ କରିବା ଉଚିତ ନୁହେଁ । ଧରାପୃଷ୍ଠରେ ଭଗବାନ ଅବତରଣ କରିଥାନ୍ତି ସତ, କିନ୍ତୁ ନିଜର ଦିବ୍ୟଗୁଣ ଓ ଦିବ୍ୟଶକ୍ତି ରହିତ କେବେ ହୋଇ ନ ଥାନ୍ତି । ଜୀବାତ୍ମା ଏବଂ ପରମାତ୍ମାଙ୍କ ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଛି - ଉଭୟ ସତ୍-ଚିତ୍-ଆନନ୍ଦ (ନିତ୍ୟ, ଚୈତନ୍ୟ ଏବଂ ଆନନ୍ଦ) । ତଥାପି ସେମାନଙ୍କ ମଧ୍ୟରେ ରହିଛି ଅନେକ ପାର୍ଥକ୍ୟ । ଭଗବାନ ସର୍ବବ୍ୟାପକ । ଜୀବ କେବଳ ଶରୀରରେ ବ୍ୟାପ୍ତ । ଭଗବାନ ସର୍ବଶକ୍ତିମାନ, କିନ୍ତୁ ଭଗବାନଙ୍କର କୃପା ବିନା ଜୀବର ମାୟା କବଳରୁ ମୁକ୍ତି ହୋଇପାରିବାର ଶକ୍ତି ମଧ ନାହିଁ । ଭଗବାନ ସୃଷ୍ଟିର ନିୟାମକ ହେତୁ ଜୀବ ନିୟମାଧୀନ । ଭଗବାନ ବା ଈଶ୍ୱର ହେଲେ ସୃଷ୍ଟିର ରକ୍ଷକ । ଜୀବ ତାଙ୍କ ଦ୍ୱାରା ରକ୍ଷିତ ହୋଇଥାଏ । ଭଗବାନ ସର୍ବଜ୍ଞ ମାତ୍ର ଆତ୍ମାର କୌଣସି ଗୋଟିଏ ବିଷୟରେ ମଧ ପୂର୍ଣ୍ଣଜ୍ଞାନ ନ ଥାଏ । ଶ୍ରୀକୃଷ୍ଣ ଆଲୋଚିତ ଶ୍ଳୋକରେ ଅର୍ଜୁନଙ୍କୁ 'ପରନ୍ତପ' ଭାବରେ ସମ୍ବୋଧନ କରିଛନ୍ତି । ଏହାର ଅର୍ଥ ଯିଏ "ଶତ୍ରୁମାନଙ୍କର ବିନାଶକାରୀ" । ଏହା ଜରିଆରେ ଅର୍ଜୁନଠାରେ ଶ୍ରୀକୃଷ୍ଣ ଆତ୍ମବିଶ୍ୱାସ ସୃଷ୍ଟି କରାଇଛନ୍ତି । ଅର୍ଜୁନ, ବହୁତ ପରାକ୍ରମୀ ଶତ୍ରୁମାନଙ୍କୁ ବଧ କରିଥିବା ଜଣେ ବୀର ଯୋଦ୍ଧା । ତେଣୁ ସେ ନିଜ ମନରେ ଉଠୁଥିବା ଶଙ୍କା ଆଗରେ ପରାସ୍ତ ହେବା ଅନୁଚିତ ।





## ବୃକ୍ଷରେ ବାସ କରନ୍ତି ଭଗବାନ

*ନିୟମିତ ଭାବେ ଭଗବାନ ଗଣେଶଙ୍କୁ ହଳଦୀ ଲଗାଇ ଦୁବ ଅର୍ପଣ କରିବା ଦ୍ୱାରା ସମସ୍ୟା ଦୂର ହୁଏ ବୋଲି ବିଶ୍ୱାସ ଅଛି...*

ଶାସ୍ତ୍ରରେ ପ୍ରକୃତିକୁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବୋଲି ବର୍ଣ୍ଣନା କରାଯାଇଛି । ଏହି କାରଣରୁ ବିଭିନ୍ନ ବୃକ୍ଷଲତା,ଫୁଲ ଓ ଜଳରେ ଦେବୀ-ଦେବତାଙ୍କ ବାସ ବୋଲି କୁହାଯାଏ । ତେବେ ଏଭଳି କିଛି ବୃକ୍ଷଲତା ବିଷୟରେ ଜାଣନ୍ତୁ,ଯେଉଁଥିରେ ସ୍ୱୟଂ ଦେବୀଦେବତା ବାସ କରନ୍ତି । ଧାର୍ମିକ ଶାସ୍ତ୍ର ଅନୁଯାୟୀ, ଅଁଳା,ତୁଳସୀ ଓ କଦଳୀ ବୃକ୍ଷରେ ମା'ଲକ୍ଷ୍ମୀ ଓ ଭଗବାନ ବିଷ୍ଣୁଙ୍କ ବାସ ରହିଛି । ତେଣୁ ନିୟମିତ ଏହି ସମସ୍ତ ବୃକ୍ଷ ନିକଟରେ ଜଳ ଅର୍ପଣ କରିବା ଦ୍ୱାରା ସୁଖସମୃଦ୍ଧି ପ୍ରାପ୍ତ ହୋଇଥାଏ । ଏହାସହ ଭଗବାନ ବିଷ୍ଣୁଙ୍କୁ ପ୍ରସନ୍ନ କରିବା ପାଇଁ ଏକାଦଶୀ ଦିନ ଅଁଳା ବୃକ୍ଷ ନିକଟରେ ଜଳ ନିଶ୍ଚୟ ଅର୍ପଣ କରନ୍ତୁ । କଦଳୀ ବୃକ୍ଷ ନିକଟରେ ପ୍ରତ୍ୟେକ ଗୁରୁବାର ହଳଦୀ ମିଶ୍ରିତ ଜଳ ଅର୍ପଣ କରିବା ଦ୍ୱାରା ସୁଖ ପ୍ରାପ୍ତି ହୋଇଥାଏ । ମାନ୍ୟତା ଅନୁଯାୟୀ, କଦମ୍ବ ବୃକ୍ଷରେ ମା'ଲକ୍ଷ୍ମୀ ବାସ କରିଥାଆନ୍ତି । ମା'ଙ୍କ ବିଶେଷ କୃପା ପ୍ରାପ୍ତି ପାଇଁ କଦମ୍ବ ବୃକ୍ଷ ତଳେ ବସି ଯଜ୍ଞ କରାନ୍ତୁ । ମା'ଙ୍କ ଆଶୀର୍ବାଦରୁ ଘରେ ସୁଖଶାନ୍ତି ପ୍ରାପ୍ତି ହୋଇଥାଏ । ଆର୍ଥିକ ସମସ୍ୟା ଦୂର ହେବ । ବେଲ ଓ ବରଗଛରେ ମହାଦେବ ବାସ କରନ୍ତି ବୋଲି କୁହାଯାଏ । ଭଗବାନ ଶଙ୍କରଙ୍କୁ ନିୟମିତ ବେଲପତ୍ର ଅର୍ପଣ ସହ ତ୍ରୟୋଦଶୀ ଦିନ ବରଗଛର ପୂଜାର୍ଚ୍ଚନା କରନ୍ତୁ । ବିଶେଷ କୃପା ପ୍ରାପ୍ତି ହେବ । ଭଗବାନ ଶିବଙ୍କୁ ଶମି ବୃକ୍ଷର ପତ୍ର ଅର୍ପଣ କରିବା ଦ୍ୱାରା ଖୁବ ପ୍ରସନ୍ନ ହୋଇଥାଆନ୍ତି । ଏହାସହ ପ୍ରତ୍ୟେକ ଶନିବାର ଶମି ବୃକ୍ଷ ନିକଟରେ ସୋରିଷ ତେଲରେ ଦୀପ ଲଗାନ୍ତୁ । ଏହାଦ୍ୱାରା ଜୀବନରେ ଥିବା ଅନେକ ସମସ୍ୟା ଦୂର ହୋଇଥାଏ । ଘରେ ନକାରାତ୍ମକ ଶକ୍ତି ପ୍ରବେଶ କରି ନଥାଏ । ମାନ୍ୟତା ଅନୁଯାୟୀ, ବୁଧବାର ନିୟମିତ ଭାବେ ଭଗବାନ ଗଣେଶଙ୍କୁ ହଳଦୀ ଲଗାଇ ଦୁବ ଅର୍ପଣ କରିବା ଦ୍ୱାରା ସମସ୍ୟା ଦୂର ହୁଏ ବୋଲି ବିଶ୍ୱାସ ଅଛି ।



## ଅଷ୍ଟବକ୍ର ଗୀତା




ପ୍ରାଚୀନ ଋଷିମାନଙ୍କଠାରୁ ଆମ ପାଖକୁ ଆସିଥିବା ପ୍ରାଚୀନ ଶାସ୍ତ୍ରୀୟ ଆଧ୍ୟାତ୍ମିକ ଗ୍ରନ୍ଥଗୁଡ଼ିକ ମଧ୍ୟରୁ ଅନ୍ୟତମ ଅଷ୍ଟବକ୍ର ଗୀତା । ଏହାର ପ୍ରତ୍ୟେକ ଶବ୍ଦ ପାଠକଙ୍କ ଉପରେ ଗଭୀର ପ୍ରଭାବ ପକାଇବାକୁ ସମର୍ଥ । ଶବ୍ଦଗୁଡ଼ିକ ଏତେ ଶକ୍ତିରେ ପରିପୂର୍ଣ୍ଣ ଯେ ପାଠକ ସ୍ୱୟଂଚାଳିତ ଭାବରେ ଆତ୍ମ-ପରୀକ୍ଷାର ପଥକୁ ଚାଲିବାକୁ ଅନୁପ୍ରେରିତ ହୁଏ । ଏହି ଶାସ୍ତ୍ରର ନିରନ୍ତର ଏକ-ନିର୍ଦ୍ଦିଷ୍ଟ ପ୍ରକୃତି ଏହାକୁ ଏକ ଅନନ୍ୟ ପାଠ କରିଥାଏ । ସମସ୍ତ ଦ୍ୱୈତତାଠାରୁ ଉପରକୁ ଉଠି ସମସ୍ତ ପରିଚୟ ଏବଂ ପରିସ୍ଥିତିରୁ ବାହାରକୁ ଯିବାର ଅତ୍ୟାବଶ୍ୟକ ଆବଶ୍ୟକତା ଉପରେ ଏହା ଗୁରୁତ୍ୱାରୋପ କରେ । ବ୍ୟବହୃତ ଶବ୍ଦଗୁଡ଼ିକର ଶକ୍ତି, ଏବଂ ସେଗୁଡ଼ିକୁ ବ୍ୟବହାର କରିବାର ପଦ୍ଧତି, ଏହି ପାଠକୁ ଅନ୍ୟ ସମସ୍ତ ପ୍ରାଚୀନ ଶାସ୍ତ୍ରଠାରୁ ଭିନ୍ନ କରିଥାଏ । ଅଷ୍ଟବକ୍ର ଗୀତାର ପାଠ୍ୟ ଏତେ କେନ୍ଦ୍ରିତ କରିଥାଏ ଯେ ଏହା ଅଷ୍ଟବକ୍ରଙ୍କ ଉଦ୍ଦେଶ୍ୟମୂଳକ ଅର୍ଥରୁ ବାହାରକୁ ଯିବା ପାଇଁ ସମ୍ଭାବନା କମ୍ । ଏହି ଗୀତା ଅଷ୍ଟବକ୍ର, ଗୁରୁ ଏବଂ ତାଙ୍କ ଶିଷ୍ୟ, ମିଥିଳାର ରାଜା ଜନକଙ୍କ ମଧ୍ୟରେ ଏକ ସଂଳାପ ରୂପରେ ଉପସ୍ଥାପିତ ହୋଇଛି । ଜନକଙ୍କ ଦରବାରର ଜଣେ ଦାର୍ଶନିକଙ୍କ ସହିତ ଏକ ବୌଦ୍ଧିକ ଦ୍ୱନ୍ଦ୍ୱରେ ପରାସ୍ତ ହୋଇଥିଲେ ଅଷ୍ଟବକ୍ରଙ୍କ ପିତା । ଅଷ୍ଟବକ୍ର ମିଥିଳାକୁ ଯାଇ ଉକ୍ତ ଦାର୍ଶନିକଙ୍କୁ ଏକ ବୌଦ୍ଧିକ ପ୍ରତିଯୋଗିତାରେ ସାମିଲ କରନ୍ତି ଏବଂ ତାଙ୍କୁ ପରାସ୍ତ କରନ୍ତି । ଏହାଦ୍ୱାରା ତାଙ୍କ ପିତାଙ୍କୁ ରାଜାଙ୍କ ବନ୍ଦୀତ୍ୱରୁ ମୁକ୍ତ କରନ୍ତି । ପରବର୍ତ୍ତୀ ସମୟରେ, ଅଷ୍ଟବକ୍ର ଜନକଙ୍କ ଗଭୀର ସମ୍ମାନ ହାସଲ କରନ୍ତି । ଋଷି ଏବଂ ରାଜାଙ୍କ ମଧ୍ୟରେ ସଂଳାପ ଏହି ଆଶ୍ଚର୍ଯ୍ୟଜନକ କାବ୍ୟିକ ରୂପନିଏ, ଯାହାକୁ ଅଷ୍ଟବକ୍ର ଗୀତା କୁହାଯାଏ । ଅଷ୍ଟବକ୍ର ଜଣେ ସତ୍ୟବାଦୀ ବ୍ୟକ୍ତି ଏବଂ କୌଣସି ଶବ୍ଦ ଛିନ୍ନ କରନ୍ତି ନାହିଁ । ସେ ସ୍ପଷ୍ଟବାଦୀ । ସତ୍ୟକୁ 'ଯେପରି ଅଛି' କୌଣସି କଳାକୃତି କିମ୍ବା ରଙ୍ଗ ବିନା ସେ ପ୍ରକାଶ କରନ୍ତି ।

## ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ

# ସୋମେଶ୍ୱର ବାବାଙ୍କ ପୀଠ






**ପୂରା କରନ୍ତି ସମସ୍ତ ମନସ୍କାମନା**

ତନ୍ତ୍ର, ମନ୍ତ୍ର ଓ ଯନ୍ତ୍ରର ପୀଠ ବଲାଙ୍ଗିର ଜିଲ୍ଲାର ରାଣୀପୁର । ସର୍ବଧର୍ମ ସମନ୍ୱୟରେ ନବମ ଶତାବ୍ଦୀରେ ଗଢି ଉଠିଥିଲା ରାଣୀପୁର ଝରିଆଲ ପୀଠ । ବିରାଟକାୟ ଲଣ୍ଡା ପାହାଡ ଚଟାଣରେ ରହିଛି ସୋମେଶ୍ୱର ବାବାଙ୍କ ମନ୍ଦିର । ପଶ୍ଚିମ ଓଡିଶାର ଅନେକ ଶୈବପୀଠ ମଧ୍ୟରୁ ସୋମେଶ୍ୱର ବାବାଙ୍କ ପୀଠ ବହୁ ପୁରୁଣା । ବାବାଙ୍କ ଦର୍ଶନ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଶ୍ରଦ୍ଧାଳୁଙ୍କ ଭିଡ ଜମେ । ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ରାଣୀପୁର ଝରିଆଲରେ ପୂଜା ପାଉଛନ୍ତି ବାବା ସୋମେଶ୍ୱର । ସର୍ବଧର୍ମ ସମନ୍ୱୟରେ ନବମ ଶତାବ୍ଦୀରେ ଗଢି ଉଠିଥିବା ଏହି ପୀଠରେ ପୂଜା ପାଉଛନ୍ତି ସୋମେଶ୍ୱର ମହାଦେବ । ସୋମବଂଶୀ ରାଜାମାନେ ଏହି ଭବ୍ୟ ମନ୍ଦିର ନିର୍ମାଣ କରିଥିବା ଜଣାଯାଏ । ମନ୍ଦିର ନିକଟରେ ଏକ ପୁଷ୍କରିଣୀ ଅଛି । ସମିଆ ବନ୍ଧ ନାମରେ ନାମିତ ଏହି ପୋଖରୀରେ ଏକ ସୁଡଙ୍ଗ ଅଛି । ଏହି ସୁଡ଼ଙ୍ଗ ଟିଟିଲାଗଡ କୁମୁଡା ପାହାଡ ନିକଟସ୍ଥ ପ୍ରସିଦ୍ଧ ଧବଳେଶ୍ୱର ବାବାଙ୍କ ପୀଠକୁ ଲମ୍ବିଥିବା ବିଶ୍ୱାସ କରାଯା । ସୋମେଶ୍ୱର ମନ୍ଦିରର କାରୁକାର୍ଯ୍ୟ ନିଆରା । ଏହି ମନ୍ଦରରେ ଥିବା ଏକ ପ୍ରାଚୀନ ଶିଳାଲେଖକୁ ଗବେଷକମାନେ ବହୁ ଚେଷ୍ଟା କରି ପଢିପାରି ନାହାନ୍ତି । ରାଣୀପୁର ଝରିଆଲରେ ଥିବା ଚଉଷଠି ଯୋଗିନୀ ମନ୍ଦିର ଓ ଇନ୍ଦଲାଟ ମନ୍ଦିର ବିରଳ କଳାକୃତି । ଏହି ଚଉଷଠି ଯୋଗିନୀ ମନ୍ଦିର ପରିସରରେ ପୂର୍ବରୁ ୧୦୮ ଟି ମନ୍ଦିର ଥିବାବେଳେ ବର୍ତ୍ତମାନ କେବଳ ୪୮ ଟି ମନ୍ଦିର ଅଛି । ସେ ମଧ୍ୟରୁ କେବଳ ସୋମେଶ୍ୱର ପୂଜା କରାଯାଉଥିବା ବେଳେ ଅନ୍ୟମନ୍ଦିର ଅପୂଜା ରହିଛି । ଏଠାରେ ଥିବା ପଥର ଚଟାଣରେ ୨ଟି ଚକ୍ରବ୍ୟୂହ ରହିଛି । ପର୍ଯ୍ୟଟକମାନେ ଏହି ଚକବ୍ୟୂହର ବୁଲିବାର ବେଶ୍ ମଜା ଉଠାନ୍ତି । ଏହି ସ୍ଥାନରେ ବର୍ଷର ପ୍ରତିଟି ସମୟରେ ଭିଡ଼ ଜମୁଥିବା ବେଳେ ପ୍ରତି ସୋମବାର ଭକ୍ତଙ୍କ ସଂଖ୍ୟା ବଢିଥାଏ । ବଙ୍ଗୋମୁଣ୍ଡା ବ୍ଲକ ଠାରୁ ସିନ୍ଧେକେଲା ପଟକୁ ଗଲେ ମୁଣ୍ଡପଦର ପାର ହୋଇ ରାଣୀପୁର ଝରିଆଲକୁ ଯିବାକୁ ହୁଏ । କଣ୍ଟାବାଞ୍ଜି ରେଳ ଷ୍ଟେସନରୁ ଏହି ପୀଠର ଦୂରତା ୩୦ କିଲୋମିଟର । ସୋମେଶ୍ୱର ବାବାଙ୍କ ପୀଠରେ ବାବାଙ୍କୁ ଦର୍ଶନ କରି ଲୋକେ ମାନସିକ ରଖିଥିବା ବେଳେ ଅନେକ ଲୋକଙ୍କ ମାନସିକ ପୂରଣ ହେଉଛି । ଅଞ୍ଚଳର ପ୍ରାକୃତିକ ପରିବେଶ ଉପଭୋଗ କରିବା ସହିତ ବିଭୁକୃପା ଲାଭ କରିବା ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସବୁଦିନେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥାଏ ।

## ସେ ନିରାକାର ପୁଣି ସାକାର

ଈଶ୍ୱର ଉଭୟ ପ୍ରକାରରେ ଆବିର୍ଭୂତ ହୁଅନ୍ତି । ସେ ନିରାକାର ବ୍ରହ୍ମ ଏବଂ ସାକାର ଭଗବାନ । ଉଭୟ ତାଙ୍କ ବ୍ୟକ୍ତିତ୍ୱର ପରିପ୍ରକାଶ । ବାସ୍ତବରେ, ଆତ୍ମାର ମଧ୍ୟ ଏହି ଦୁଇଟି ଅବସ୍ଥିତି ଅଛି । ଏହା ନିରାକାର, ତେଣୁ ମୃତ୍ୟୁ ସମୟରେ ଶରୀର ତ୍ୟାଗ କରିବା ସମୟରେ ଦୃଶ୍ୟମାନ ହୋଇ ନ ଥାଏ । ତଥାପି ଏହା ଏକ ଶରୀର ଧାରଣ କରିଥାଏ ଏବଂ କେବଳ ଥରେ ନୁହେଁ ଅସଂଖ୍ୟ ଥର ଗୋଟିଏ ଜନ୍ମରୁ ଅନ୍ୟ ଜନ୍ମକୁ ଗତି କରିଥାଏ । ଯଦି ଗୋଟିଏ କ୍ଷୁଦ୍ର ଆତ୍ମା ଶରୀର ଧାରଣ କରିପାରୁଛି, ତା'ହେଲେ ସର୍ବଶକ୍ତିମାନ ଭଗବାନ କ'ଣ ଶରୀର ଧାରଣ କରିପାରିବେ ନାହିଁ ? ଭଗବାନ ସ୍ପଷ୍ଟ କରିଛନ୍ତି ଯେ "ମୋର ସାକାର ରୂପ ଧାରଣ କରିବାର ଶକ୍ତି ନାହିଁ, ତେଣୁ ମୁଁ ଏକ ନିରାକାର ଜ୍ୟୋତି ମାତ୍ର ରହିବି" ? ନିର୍ଦ୍ଦୋଷ ଏବଂ ପରିପୂର୍ଣ୍ଣ ହେବା ପାଇଁ, ସେ ଉଭୟ ସାକାର ଓ ନିରାକାର ହେବା ଆବଶ୍ୟକ । ପାର୍ଥକ୍ୟ ଏହା ଯେ ଆମର ରୂପ ଜଡ଼ ଶକ୍ତି ମାୟା ଦ୍ୱାରା ନିର୍ମିତ । ଭଗବାନଙ୍କର ରୂପ ତାଙ୍କର ଦିବ୍ୟଶକ୍ତି ଯୋଗମାୟା ଦ୍ୱାରା ସୃଷ୍ଟି ହୋଇଥାଏ । ତେଣୁ ଏହା ଦିବ୍ୟ ଏବଂ ମାୟିକ ଦୋଷରହିତ ଅଟେ ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କଟକ ଜିଲ୍ଲା ବିଜେପି ଗଣମାଧ୍ୟମ କାର୍ଯ୍ୟକର୍ତ୍ତା

ବାଙ୍କୀ,(ନିପ୍ର ): କଟକ ଇନ୍‌ଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ବିଶାଳ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କଟକ ଜିଲ୍ଲା ବିଜେପିର ସୂଚନା ପ୍ରଯୁକ୍ତି ଓ ଗଣମାଧ୍ୟମ ବିଭାଗର କାର୍ଯ୍ୟକର୍ତ୍ତାମାନେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମାଝୀ ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କାର୍ଯ୍ୟକର୍ତ୍ତାମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ଯୁବ କାର୍ଯ୍ୟକର୍ତ୍ତାମାନେ ଏକଜୁଟ ହୋଇ ସଂଗଠନକୁ ଆହୁରି ସୁଦୃଢ଼ କରିବା ସହ 'ସଶକ୍ତ



ବିଜେପି, ବିକଶିତ ଓଡ଼ିଶା' ଲକ୍ଷ୍ୟ ନେଇ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରାୟ ୩୦ ମିନିଟ୍ ଧରି ଆହ୍ୱାନ ଦେଇଥିଲେ। ଏହି ଅବସରରେ କଟକ ଜିଲ୍ଲା ସଂଯୋଜକ ଅସୀମ ଅମିତାଭ ମହାନ୍ତି, ସହ-ସଂଯୋଜକ ଲଲାଟେନ୍ଦୁ ପ୍ରଧାନଙ୍କ ସମେତ ବାଙ୍କୀ ବ୍ଲକ କଳାପଥର ଗ୍ରାମର ବିଶ୍ୱଜିତ ବିଶ୍ୱାଳ, ସଂଜୀବ କୁମାର ସାହୁ, ବିଶ୍ୱରଞ୍ଜନ ଦାସ, କପିଳ ମହାନ୍ତି, ସ୍ମୃତି ମହାନ୍ତି, ଶାଶ୍ୱତ ବିଶ୍ୱାଳ, ଅଲେଖ ନାୟକ, ଶୁଭ୍ରମ ବାରିକ, ସିପ୍ରା ଗୋସ୍ୱାମୀ, ଶ୍ୱେତା ସ୍ମିତା ବେହେରାଙ୍କ ସମେତ ବହୁ ଯୁବ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## 'ବେଟି ବଚାଓ , ବେଟି ପଢ଼ାଓ' ସଚେତନତା

କାଶୀନଗର,(ନିପ୍ର): କାଶୀନଗର ଠାରେ ଥିବା ଶ୍ରୀରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମିଳନୀ କକ୍ଷ ମଧ୍ୟରେ ବେଟି ବଚାଓ , ବେଟି ପଢ଼ାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଭାରପ୍ରାପ୍ତ ଅଧ୍ୟକ୍ଷ ରଞ୍ଜନ କୁମାର ବାରିକଙ୍କ ସଭାପତିତ୍ୱରେ ଉପଲକ୍ଷେ ଆୟୋଜିତ ସମାବେଶରେ ମୁଖ୍ୟ ଅତିଥି ଭାବେ ଏ ବି ଡି ଓ ମାନସ ରଞ୍ଜନ ପ୍ରଧାନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ପୋଲିସ୍ ଏସଏଇ, ସି ଡି ପି ଓ ସ୍ଥାନୀୟ ସିଏଚ୍ ସି ଡାକ୍ତର, ଡି ଏଚ ଇ ଡବ୍ଲ୍ୟୁ ସଂଯୋଜକ , ଜେଣ୍ଡେର ବିଶେଷଜ୍ଞ, କାଶୀନଗର ବରିଷ୍ଠ ସାମ୍ବାଦିକ ତଥା କବି, ସମାଜସେବୀ ପ୍ରମୁଖ ମଂଚାସୀନ ହୋଇ ବାଳିକା ଓ ମହିଳା ସଶକ୍ତିକରଣ , ବାଳିକା ଶିକ୍ଷାର ଆବଶ୍ୟକତା, ଲିଙ୍ଗ ପକ୍ଷପାତିତା ଓ ନିର୍ଦ୍ଧାରଣର ନିରାକରଣ , ସ୍ଥାନୀୟ ସ୍ତରରେ ଯୁବ ଚାମ୍ପିଆନ ସୃଷ୍ଟି ପ୍ରସଙ୍ଗରେ ବକ୍ତବ୍ୟ ରଖିଥିଲେ ।

## ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ରଘୁନାଥ ପୁରରେ ବୃକ୍ଷରୋପଣ

ରମ୍ଭା (ନିପ୍ର): ଗଞ୍ଜାମ ବ୍ଲକ ଅନ୍ତର୍ଗତ ରାମଗଡ଼ ପଞ୍ଚାୟତସ୍ଥ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିର ରଘୁନାଥପୁର ପରିସରରେ ବୃକ୍ଷ ରୋପଣ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବରେ ଗଞ୍ଜାମ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ସଚିଦାନନ୍ଦ ନାୟକ, ମୁଖ୍ୟ ବକ୍ତା ଭାବେ ରାଜ୍ୟପାଳ ପୁରସ୍କୃତ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ ଓ ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ପ୍ରଭାକର ନାହାକ ( ସିପକୁଦା) ଯୋଗଦେଇ ପ୍ରମୁଖ ଉପସ୍ଥିତ ଛାତ୍ର ଛାତ୍ରୀମାନଙ୍କୁ ବୃକ୍ଷ ରୋପଣର ଉଦ୍ଦେଶ୍ୟ,ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ବ୍ଲକର ଜଣେ ଆଦର୍ଶ ଶିକ୍ଷକ ରୂପେ ପ୍ରଭାକର ନାହାକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅୟମାରମ୍ଭ ପୂର୍ବରୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଶ୍ରୀ ଅଞ୍ଜନା ମୁଦୁଲି ଅତିଥିମାନଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ପରିଚୟ ପ୍ରଦାନ ଦେଇଥିଲେ।

## ମହାବିଦ୍ୟାଳୟରେ ସଂସ୍କୃତ ଦିବସ ସମାରୋହ

କୃଷ୍ଣପ୍ରସାଦ,(ନି ପ୍ର): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ରୁକ୍ମିଣୀ ଦେବୀ ଚିଲିକା ଡିଗ୍ରୀ ମହାବିଦ୍ୟାଳୟ ନୂଆପଡା ପରିସରରେ ସଂସ୍କୃତ ଦିବସ ସମାରୋହ ପାଳିତ ହୋଇଯାଇଛି। ପ୍ରାକ୍ତନ ଅଧ୍ୟକ୍ଷ ଅକ୍ଷୟ କୁମାର ଜେନା ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ବାସନ୍ତୀ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରୁକ୍ମଣୀ ଦେବୀ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବରିଷ୍ଠ ସଂସ୍କୃତ ଅଧ୍ୟାପିକା ଅନ୍ନପୂର୍ଣ୍ଣା ମହାପାତ୍ର ମୁଖ୍ୟବକ୍ତା, ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ମନୋଜ କୁମାର ପ୍ରଧାନ, ନଳିନୀ କାନ୍ତ ପାହାଣ, କରଣ ବେହେରା, ପ୍ରମୁଖ ଯୋଗଦେଇ ସମଗ୍ର ଦେଶରେ କିଭଳି ଭାବରେ ସଂସ୍କୃତ ଭାଷାର ପ୍ରଚାର ପ୍ରସାର ହୋଇପାରିବ ସେ ଦିଗରେ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ।


## ଗୋବନ୍ଧ୍ୟା ନିରାକରଣ ଚିକିତ୍ସା ଶିବିର

ବୁଗୁଡ଼ା,(ନିପ୍ର): ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବ୍ଲକ କରସିଙ୍ଗି ପଞ୍ଚାୟତରେ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଗୋ ବନ୍ଧ୍ୟା ନିରାକରଣ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବ୍ଲକ ଭେଟନାରୀ ଅଫିସର ଶୁଭ୍ରାଂଶୁ ଶେଖର ରାଉତ, ଭିଏସ ସାଇସିବ ଶତପଥି,କରଚୁଲି ଏଲ ଆଇ ସନ୍ତୋଷ କୁମାର ପାତ୍ର ଉପସ୍ଥିତ ରହି ଗାଈମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ବନ୍ଧ୍ୟା ସମସ୍ୟାର କାରଣ ଚିହ୍ନଟ କରି ଆବଶ୍ୟକ ଚିକିତ୍ସା ଓ ପରାମର୍ଶ ପ୍ରଦାନ କରିଥିଲେ।

### ମୋଚିବାହାଲ 'ଆୟୁଷ୍ମାନ ଆରୋଗ୍ୟ ମନ୍ଦିର' ଏବେ ଭୂତଙ୍କର ଆଡ୍ଡା !

# ରାସ୍ତା ନାହିଁ, ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ: ବଢୁଛି ଜନ ଅସନ୍ତୋଷ

ରେଢ଼ାଖୋଲ ,(ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ଅନ୍ତର୍ଗତ ମୋଚିବାହାଲ ପୁରୁଣା ପଞ୍ଚାୟତ ଅଫିସ୍ ପଛପାଖରେ ନୂତନ ଭାବେ ନିର୍ମାଣାଧୀନ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର (ଉପ ସ୍ୱାସ୍ଥ୍ୟକେନ୍ଦ୍ର) ଏବେ ଖତଖାଉଥିବା ବେଳେ ଏହା ଏକପ୍ରକାର 'ଭୂତକୋଠରି'ରେ ପରିଣତ ହୋଇଛି। ସରକାରୀ ଅର୍ଥରେ ନିର୍ମିତ ଏହି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ କେନ୍ଦ୍ରଟି ଲୋକଙ୍କ କୌଣସି କାମରେ ନଲାଗି ଅବହେଳିତ ଅବସ୍ଥାରେ ପଡ଼ିରହିବା ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି ।



ମିଳିଥିବା ସୂଚନା ଅନୁଯାୟୀ, ପୂର୍ବରୁ ନିର୍ମିତ ରାଜୀବ ଭବନର ପାଚେରୀକୁ ଭାଙ୍ଗି ସେହି ସ୍ଥାନରେ ଏହି ଆରୋଗ୍ୟ ମନ୍ଦିର ଘର ନିର୍ମାଣ କରାଯାଇଛି। କିନ୍ତୁ ଆଶ୍ଚର୍ଯ୍ୟର କଥା ଯେ, କେନ୍ଦ୍ରକୁ ଯିବା ପାଇଁ କୌଣସି ପ୍ରକାର ରାସ୍ତା ନ ଥିବା ସତ୍ତ୍ୱେ ଏଭଳି ସ୍ଥାନରେ କୋଠା କିପରି ନିର୍ମାଣ ହେଲା, ତାହାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପଞ୍ଚାୟତରେ ପ୍ରଚୁର ଗୋଚର ଜମି ଥାଇ ମଧ୍ୟ ଜଣଙ୍କର ବାରିଆଡ଼େ ଏହା ନିର୍ମାଣ କରାଯିବା ଏବଂ ବିଡ଼ିଓଙ୍କ ଦ୍ୱାରା ଏହାକୁ ଏନ୍‌ଓସି ମିଳିବା ନେଇ ସ୍ଥାନୀୟ ବାସିନ୍ଦା ଓ ଯୁବକ ସଂଘ ଦୁର୍ନୀତିର ଗନ୍ଧ ବାରିଛନ୍ତି । କେବଳ ସରକାରୀ ପାଣ୍ଠି ହଡ଼ପ କରିବା ଉଦ୍ଦେଶ୍ୟରେ ଏହି ପ୍ରକଳ୍ପ କରାଯାଇଛି ବୋଲି ସେମାନେ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି । ଅଞ୍ଚଳବାସୀଙ୍କ ବହୁବାର ଅଭିଯୋଗ ପରେ ବିଡ଼ିଓ ଘଟଣାସ୍ଥଳ ପରିଦର୍ଶନ କରି ଅନୁଧ୍ୟାନ କରିଥିଲେ ସୁଦ୍ଧା ଆଜିପର୍ଯ୍ୟନ୍ତ ଏହାର କୌଣସି ସୁଫଳ ମିଳିପାରି ନଥିବା ମଧ୍ୟ ସ୍ଥାନୀୟ ଲୋକେ କହିଛନ୍ତି। ସେହିପରି ଏହା ଆଗରେ ଥିବା ପୁରୁଣା ଏଏନ୍‌ଏମ୍ ସେଣ୍ଟରଟି ମଧ୍ୟ ବହୁବର୍ଷ ହେବ ବନ୍ଦ ହୋଇପଡ଼ିଛି। ଫଳରେ ଗ୍ରାମବାସୀମାନେ କୌଣସି ପ୍ରକାର ମୌଳିକ ସ୍ୱାସ୍ଥ୍ୟସେବା ପାଇପାରୁନାହାନ୍ତି । ବର୍ଷାଋତୁରେ ସର୍ପାଘାତ କିମ୍ବା ସାମାନ୍ୟ ଜ୍ୱର, କାଶ, ଥଣ୍ଡା କିମ୍ବା ଇଞ୍ଜେକସନ ଦେବା ପାଇଁ ମଧ୍ୟ ଲୋକଙ୍କୁ ବାଧହୋଇ ଚାରମାଳ କିମ୍ବା ରେଢ଼ାଖୋଲ ଡାକ୍ତରଖାନାକୁ ଦୌଡ଼ିବାକୁ ପଡୁଛି, ଯାହାଦ୍ୱାରା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସାଧାରଣ ଲୋକେ । ବିଶେଷକରି ଏହା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ସ୍ୱାସ୍ଥ୍ୟସେବାର ଅଭାବ କାରଣରୁ ଲୋକେ ଆଜି ମଧ୍ୟ ରୋଗ ହେଲେ ଗୁଣିଆ ତଥା ବଇଦଙ୍କ ଉପରେ ଅଧିକ ଭରସା କରୁଛନ୍ତି। ଏହି ପଛୁଆ ଅଞ୍ଚଳରେ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଏଭଳି କରୁଣ ଚିତ୍ର ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ବଡ଼ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି। ତେଣୁ ଜନସାଧାରଣରେ ଦାବି ହେଉଛି ଯେ, ପ୍ରଶାସନ ତୁରନ୍ତ ଏହି ଘଟଣାର ତଦନ୍ତ କରି ଅଧାପନ୍ତରିଆ କାମକୁ ସମ୍ପୂର୍ଣ୍ଣ କାମରେ ଲଗାଉ ଏବଂ ଆରୋଗ୍ୟ ମନ୍ଦିରକୁ ଶୀଘ୍ର କାର୍ଯ୍ୟକ୍ଷମ କରାଯାଉ । ଫଳରେ ଲୋକେ ସ୍ୱାସ୍ଥ୍ୟ ସେବା ପାଇବାରେ ସଫଳ ହେବେ।

## ରାସ୍ତାକାମ ଓ ପୋଲ ନିର୍ମାଣରେ ନିମ୍ନମାନର ସାମଗ୍ରୀ ବ୍ୟବହାର, ଅଭିଯୋଗ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ

ରାୟଗଡା,(ନିପ୍ର): ରାୟଗଡା ଜିଲ୍ଲା କାଶୀପୁର ବ୍ଲକ ସ୍ଥିତ ଗୋରଖପୁର ପଞ୍ଚାୟତ ଅନ୍ତର୍ଗତ କାନ୍ହୁଗୁଡ଼ା ଗ୍ରାମବାସୀ ଆଜି ଅଭିଯୋଗ ଶୁଣାଣି କକ୍ଷରେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏକ ଲିଖିତ ଅଭିଯୋଗ ମାଧ୍ୟମରେ ଜଣାଇଛନ୍ତି ଯେ, ଗ୍ରାମରେ ମୌଳିକ ସୁବିଧା ଯୋଗାଇଦେବା ପାଇଁ ସେମାନେ ଅହିଂସା ସତ୍ୟାଗ୍ରହର ଆଶ୍ରୟ ନେବା ପରେ ପ୍ରଶାସନ ଏକ ମାସ ମଧ୍ୟରେ ରାସ୍ତା, ପାଣି ଓ ପୋଲ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇ କାମ ବି ଆରମ୍ଭ କରିଥିଲା। କିନ୍ତୁ ସେହି ପ୍ରତିଶ୍ରୁତି ପ୍ରକାରେ ଦୁଇଗୋଟି ନଳକୂପ ସ୍ଥାପନ କରାଯାଇଥିଲେ ମଧ୍ୟ ଗୋଟିକରେ ପାଣି ଆସୁନଥିବା ବେଳେ ଅନ୍ୟଟିରେ ଲୁହାଗୁଣ୍ଡ ବାହାରୁଥିବାରୁ ତାହା ପାନୀୟ ଉପଯୋଗୀ ନୁହଁ ବୋଲି ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଅଭିଯୋଗ ଶୁଣାଣି କକ୍ଷରେ ଭେଟି ଅବଗତ କରାଇବା ସହ ନିର୍ମାଣାଧୀନ ପୋଲ ଓ ରାସ୍ତା କାମରେ ଅତି ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଥିବା ଅଭିଯୋଗ କରିଛନ୍ତି। ନିର୍ମାଣ କରାଯାଉଥିବା କାମରେ ଲୋକାଲ କମ୍ପାନୀର ଲୁହା, ସିମେଣ୍ଟ ବଦଳରେ କ୍ରସର ଗୁଣ୍ଡ, ଗାଁ ନଦୀର ବାଲି ଯେଉଁଥିରେ ଆନୁପାତିକ ଭାବେ ମାଟିର ପରିମାଣ ଅଧିକା ରହୁଥିବା ଏବଂ ସେହିଭଳି ରାସ୍ତା କାମରେ ମୋରମ ପରିବର୍ତ୍ତେ ବିଲମାଟି ବ୍ୟବହାର କରାଯାଉଥିବା ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଅବଗତ କରାଇ ଏହାର କିଛି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବା ପାଇଁ ନିବେଦନ କରିଛନ୍ତି।

ଏହାସହ ବିଡ଼ିଓ ନୂତନ ନଳକୂପ ଖୋଳି ସେଥିରେ ବୋରିଙ୍ଗ ଲଗାଇବା ପାଇଁ ନିର୍ଦ୍ଦେଶ ଦେଇ ନିଦାବିଷ୍ଟୁ ସାଜିଥିବା, ସେମାନଙ୍କ ପାଇଁ ଅତି କଷ୍ଟକର ହୋଇପଡିଛି ବୋଲି ଦୁଃଖର ସହ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଗ୍ରାମରେ ଲାଗିରହିଥିବା ପାନୀୟଜଳ ସମସ୍ୟା, ରାସ୍ତା ଏବଂ ପୋଲ ନିର୍ମାଣ ଭଳି ଅତୀବ ଗୁରୁତ୍ୱପୂର୍ଣ୍ଣ ଦୁଇଦୁଇଟି ନିର୍ମାଣ କାର୍ଯ୍ୟରେ ଅତ୍ୟନ୍ତ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଥିବା ହେତୁ ଏହାର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ଯୋଗୁଁ ଏହାର ଯାଞ୍ଚ କରି ପ୍ରଶାସନ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମବାସୀଙ୍କ ଏହି ମୌଳିକ ସମସ୍ୟାକୁ ବ୍ଲକ ପ୍ରଶାସନ ଦ୍ୱାରା ଅଣଦେଖା କରାଯାଉଥିବାରୁ ସେମାନେ ଆଜି ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏହାର ଆଶୁ ସମାଧାନ ପାଇଁ ଗ୍ରାମର ମଦନ ମାଝୀ, ଦୀନକୃଷ୍ଣ ମାଝୀ, ଚୁମକି ମାଝୀ, ଯଦୁମଣି ମାଝୀ, ପ୍ରଶାନ୍ତ ମାଝୀ, ଯମୁନା ମାଝୀ, କନ୍ତାରୁ ମାଝୀ, ବଦ୍ଧୁ ଲହରା, ଚିନୁ ସାହୁ, ବିଶ୍ୱ ସାହୁ ପ୍ରମୁଖ ନିବେଦନ କରିଛନ୍ତି।

## ଘରୋଇ ହିଂସାରୁ ମହିଳାଙ୍କୁ ସୁରକ୍ଷା ଅଧିନିୟମ କର୍ମଶାଳା



ପୁରୀ(ନିପ୍ର): ମହିଳାମାନଙ୍କୁ ସୁରକ୍ଷା ଓ ସମ୍ମାନ ଏକ ସାମାଜିକ ଦାୟିତ୍ୱ। ତେଣୁ ପ୍ରତ୍ୟେକ ସ୍ତରରେ ସଚେତନତା ସୃଷ୍ଟି କରାଯାଇ ମହିଳାମାନଙ୍କ ପ୍ରତି ହିଂସାକୁ ରୋକିବା ସହ ମହିଳାମାନଙ୍କୁ ସଶକ୍ତ କରିବାକୁ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ଆହ୍ୱାନ ଦେଇଛନ୍ତି। ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଘରୋଇ ହିଂସାରୁ ମହିଳାଙ୍କୁ ସୁରକ୍ଷା ଅଧିନିୟମ ସମ୍ପର୍କରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ଆଜିର ସମାଜରେ ମହିଳା ମାନଙ୍କ ପ୍ରତି ହିଂସା ବୃଦ୍ଧି ପାଇବା ଉଦବେଗର ବିଷୟ। କୁସଂସ୍କାର, ଶିକ୍ଷାର ଅଭାବ, ଅହଂଭାବ, ପାରିବାରିକ ସଂସ୍କାରର ଅଭାବ, ଗରିବି, ସହନଶୀଳତା ର ଅଭାବ ଓ ପାରସ୍ପରିକ ସମନ୍ୱୟ ର ଅଭାବ ଘରୋଇ ହିଂସାକୁ ବୃଦ୍ଧି କରୁଛି। ଏଥିପାଇଁ ପ୍ରତ୍ୟେକ ପରିବାରକୁ ଉପଯୁକ୍ତ ସଚେତନ କରାଇବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ଶ୍ରୀ ଭୋଇ କହିଥିଲେ। ଉପ ଜିଲ୍ଲାପାଳ ରାଜକିଶୋର ଜେନା, ଅତିରିକ୍ତ ଏସପି ସୌମ୍ୟ ରଞ୍ଜନ ମଲ୍ଲିକ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ,କ୍ରାଇମ କଣ୍ଟ୍ରୋଲ ବୋର୍ଡ ର ଇନିସ୍ପେକ୍ଟର ସୁମତୀ ମହାପାତ୍ର ପ୍ରମୁଖ ଯୋଗ ଦେଇ ଘରୋଇ ହିଂସା ର କାରଣ, ନିରାକରଣ, ଆମ ସମସ୍ତ ଙ୍କ ସାମାଜିକ ଓ ପାରିବାରିକ ଦାୟିତ୍ୱ ,ନିରାକରଣ ପାଇଁ ବିବିଧ ସମାଧାନ ର ପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ।

## ବେଲଗୁଣ୍ଠାରେ ବର୍ଦ୍ଧିତ ହୋଲଡିଂ ଟାକ୍ସ ବିରୋଧରେ ଗର୍ଜିଲେ ଗ୍ରାମବାସୀ ଓ ବଣିକ ସଙ୍ଘ

ବେଲଗୁଣ୍ଠା-(ନିପ୍ର): ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ପୂର୍ବ ତୁଳନାରେ ବହୁ ଗୁଣରେ ଅପ୍ରତ୍ୟାଶିତ ହୋଲଡିଂ ଟାକ୍ସ ଓ ଦୋକାନ ଘର ଭଡା ବୃଦ୍ଧି ପ୍ରତିବାଦରେ ଆଜି ସହରରେ ଆନ୍ଦୋଳନାତ୍ମକ ପରିସ୍ଥିତି ସୃଷ୍ଟି ହୋଇଛି। ପୂର୍ବରୁ ବଣିକ ସଂଘ ପକ୍ଷରୁ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ଏନଏସି କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ଦିଆଯାଇଥିଲେ ବି ସ୍ଥାନୀୟ ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ଆଜି ସକାଳ ୯ ଘଣ୍ଟା ସମୟରୁ ବଣିକ ସଂଘ ଓ ନଗରବାସୀଙ୍କ ମିଳିତ ଆହ୍ୱାନରେ ଏକ ବିଶାଳ ଆନ୍ଦୋଳନ ସହିତ ସହର ବନ୍ଦ ଡାକରା ଦିଆଯାଇଥିଲା। ଲକ୍ଷ୍ମୀ ନୃସିଂହ ମନ୍ଦିର ନିକଟରୁ ଏକ ପ୍ରତିବାଦ ରାଲି ବାହାରି ବାଙ୍କ ବଜାର ଓ ହାଟପଦା ପରିକ୍ରମା କରି ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା।



ବଣିକ ସଂଘ ସଭାପତି ସନ୍ତୋଷ କୁମାର ସୁବୁଦ୍ଧି, ସମ୍ପାଦକ ସୁଦାମ ଚରଣ ତ୍ରିପାଠୀ, ଉପସଭାପତି ପ୍ରଶାନ୍ତ କୁମାର ସରାବ, ସହସମ୍ପାଦକ ସୁରେଶ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଗୁଣ୍ଡିଚା ପ୍ରସାଦ ବେହେରା, ଉପଦେଷ୍ଟା ତଥା ପୂର୍ବତନ ନଗରପାଳ ପ୍ରଶାନ୍ତ କୁମାର ସାହୁ, ପୂର୍ବତନ ସଭାପତି ଲିଙ୍ଗରାଜ ପାତ୍ର ଓ ପୂର୍ବତନ କାଉନସିଲର ଜତିନ ପାତ୍ରଙ୍କ ନେତୃତ୍ୱରେ ସଂଘର ସମସ୍ତ ସଦସ୍ୟ ଏନଏସି ସାମ୍ନାରେ ଧାରଣା ଦେବା ସହ ସ୍ଥାନୀୟ ପ୍ରଶାସନ ତଥା ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଜୋରଦାର ନାରାବାଜି କରିଥିଲେ। ପରବର୍ତ୍ତୀ ସମୟରେ ନିର୍ବାହୀ ଅଧିକାରୀ ନିଜ ପ୍ରକୋଷ୍ଠରେ ବଣିକ ସଂଘର କର୍ମକର୍ତ୍ତାଙ୍କ ସହ ବହୁ ସମୟ ଧରି ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ୭ ଦିନର ସମୟ ମାଗିଥିଲେ। ପ୍ରଥମେ ସଂଘ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ ବି ପରେ ଲିଖିତ ପ୍ରତିଶ୍ରୁତି ଭିତ୍ତିରେ ୭ ଦିନର ମହଲତ ପ୍ରଦାନ କରିଛି।

## ପେଷ୍ଟା ହାଇସ୍କୁଲ୍‌ରେ ଛାତ୍ର ନିର୍ଯାତନା ଅଭିଯୋଗ, ବିଭାଗୀୟ ତଦନ୍ତ ଆରମ୍ଭ

ରାୟଗଡା,(ନି:ପ୍ର): ରାୟଗଡ଼ା ଜିଲ୍ଲାର ପେଷ୍ଟା ହାଇସ୍କୁଲ୍‌ରେ ପୁଣି ଛାତ୍ର ନିର୍ଯାତନା ଅଭିଯୋଗ। କନିଷ୍ଠ ଛାତ୍ରଙ୍କୁ ବରିଷ୍ଠ ଛାତ୍ରମାନେ ମାଡ଼ ମାରିବା, ଜବରଦସ୍ତି କାମ କରାଇବା ଓ ଅଶୋଭନୀୟ ଆଚରଣ କରିଥିବା ଅଭିଯୋଗ ହୋଇଛି। ଏନେଇ ଆଇନଜୀବୀ ତଥା ମାନବାଧିକାର କର୍ମୀ ଅନୁପ କୁମାର ପାତ୍ର ଏନ୍‌ସିପିସିଆର୍‌ରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ନିର୍ଦ୍ଦେଶରେ ବ୍ଲକ୍ ମଙ୍ଗଳ ଅଧିକାରୀ ପେଷ୍ଟା ଆବାସିକ ବିଦ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ବିଭିନ୍ନ ଦିଗରେ ପଚରାଉଚରା କରାଯାଉଛି। ତଦନ୍ତ ରିପୋର୍ଟ ଆଧାରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ହେବ। ସେପଟେ, ରାୟଗଡ଼ାର ଅନ୍ୟ ଏକ ଆବାସିକ ବିଦ୍ୟାଳୟରେ ମଧ୍ୟ ଏଭଳି ଅଭିଯୋଗ ଆସିଥିବାରୁ ଆବାସିକ ବିଦ୍ୟାଳୟରେ ଶିଶୁ ସୁରକ୍ଷା ଓ ନିରୀକ୍ଷଣ ବ୍ୟବସ୍ଥା ନେଇ ପ୍ରଶ୍ନ ଉଠିଛି। ମାମଲାରେ ସ୍ୱାଧୀନ ତଦନ୍ତ, ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଓ ସମସ୍ତ ଆବାସିକ ବିଦ୍ୟାଳୟର ସୁରକ୍ଷା ବ୍ୟବସ୍ଥା ଅଡିଟ୍ ପାଇଁ ଏନ୍‌ସିପିସିଆର୍‌ରେ ଦାବି କରାଯାଇଛି।

## ବ୍ଲକସ୍ତରୀୟ ସାକ୍ଷରତା ପଦଯାତ୍ରା

ଡାବୁଗାଁ,(ନିପ୍ର): ସାକ୍ଷରତାର ବିକାଶ, ନିରକ୍ଷରତା ଦୂରୀକରଣ ଏବଂ ସମାଜର ସମସ୍ତ ବର୍ଗଙ୍କୁ ଶିକ୍ଷାର ମୁଖ୍ୟସ୍ରୋତ ସହିତ ଯୋଡ଼ିବା ଲକ୍ଷ୍ୟରେ ଉଲ୍ଲାସ ଅଭିଯାନ ମାଧ୍ୟମରେ ଡାବୁଗାଁ ବ୍ଲକରେ ଏକ ବ୍ଲକସ୍ତରୀୟ ସାକ୍ଷରତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି।ପଦଯାତ୍ରାର ଶିକ୍ଷା ଅଧିକାରୀ ରଶ୍ମିତା ନେତାମ,ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଗବାନ ମାଝୀ ଓ ସନ୍ତୋଷ କୁମାର ସାହୁ, ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃଷ୍ଣ ଚନ୍ଦ୍ର ପାତ୍ର, ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇଂରାଜି ଅଧ୍ୟାପିକା ପ୍ରତିକ୍ଷା ପ୍ରିୟଦର୍ଶନୀ ସ୍ୱାଇଁ,କ୍ରୀଡା ଶିକ୍ଷକ ହେମନ୍ତ କୁମାର ସାମଲ ପ୍ରମୁଖଙ୍କ ସହ ଶିକ୍ଷୟିତ୍ରୀ, ଶିକ୍ଷକ , ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ଅନ୍ୟ ଶିକ୍ଷକ ବୃନ୍ଦ ରାଲିରେ ଯୋଗ ଦେଇଥିଲେ । ସରକାରୀ (ନୂତନ) ପଞ୍ଚାୟତ ଉଚ୍ଚ



ବିଦ୍ୟାଳୟ ପରିସରରୁ ଉଲ୍ଲାସ ପଦଯାତ୍ରା ରାଲି ବାହାରି ସାକ୍ଷରତାର ବାର୍ତ୍ତା ଜଣାଇବା ସହ ହାତରେ ପ୍ଲାକାର୍ଡ ଧରି ଛାତ୍ରୀ ଛାତ୍ର ସାକ୍ଷରତାର ସଚେତନତାର ଗୁରୁତ୍ୱ ସମ୍ପର୍କିତ ବିଭିନ୍ନ ସଚେତନତା ମୂଳକ ସ୍ଲୋଗାନ ଦେଇଥିଲେ । ଉଲ୍ଲାସ କାର୍ଯ୍ୟକ୍ରମର ଲକ୍ଷ୍ୟ, ମୁଖ୍ୟ ଉଦ୍ଦେଶ୍ୟ ଓ ସାମାଜିକ ଗୁରୁତ୍ୱ ଉପରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ୧୫ ବର୍ଷରୁ ଉର୍ଦ୍ଧ୍ୱ ଜନସାଧାରଣ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇ ନିରକ୍ଷରତା ଦୂର କରି ସମସ୍ତେ ସାକ୍ଷରତା ପାଇବାର ଏହାର ମୂଳ ଲକ୍ଷ୍ୟ । ସାକ୍ଷରତା କେବଳ ପଢ଼ିବା ଓ ଲେଖିବାର ଦକ୍ଷତା ନୁହେଁ, ବରଂ ବ୍ୟକ୍ତିଙ୍କୁ ନିଜ ଅଧିକାର, କର୍ତ୍ତବ୍ୟ ଓ ସୁଯୋଗ ସମ୍ପର୍କରେ ସଚେତନ କରିବା ସହିତ ତାଙ୍କୁ ଅଧିକ ସଶକ୍ତ ଓ ସ୍ୱାବଲମ୍ବୀ କରିବାର ଏକ ମହତ୍ତ୍ୱପୂର୍ଣ୍ଣ ମାଧ୍ୟମ ବୋଲି ମତ ପ୍ରକାଶ ପାଇଥିଲା। ନବଶିକ୍ଷାର୍ଥୀମାନଙ୍କୁ ମୌଳିକ ସାକ୍ଷରତା ସହିତ ଦୈନନ୍ଦିନ ଜୀବନରେ ଆବଶ୍ୟକ ଜ୍ଞାନ ଓ ଦକ୍ଷତା ପ୍ରଦାନ, ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି ଏବଂ ସମାଜରେ ଶିକ୍ଷାର ଗୁରୁତ୍ୱ ବୃଦ୍ଧି କରିବା ଦିଗରେ ଉଲ୍ଲାସ ଅଭିଯାନର ଭୂମିକା ସମ୍ପର୍କରେ ମଧ୍ୟ ସଚେତନ କରାଯାଇଥିଲା। ସମ୍ପୃକ୍ତ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ସାକ୍ଷରତା ପକ୍ଷ ଉପରେ ଏକ ସଭାର ଆୟୋଜନ କରାଯାଇଥିଲା। ବ୍ଲକ ପ୍ରଶାସନ ଓ ଶିକ୍ଷା ବିଭାଗ ପକ୍ଷରୁ ଡାବୁଗାଁ ବ୍ଲକରେ ସାକ୍ଷରତାର ପ୍ରସାର, ନବଶିକ୍ଷାର୍ଥୀ ମାନଙ୍କୁ ଶିକ୍ଷା ସହିତ ଯୋଡ଼ିବା ଏବଂ ଏକ ସମ୍ପୂର୍ଣ୍ଣ ସାକ୍ଷର ଓ ସଶକ୍ତ ସମାଜ ଗଠନ ଦିଗରେ ନିରନ୍ତର ପ୍ରୟାସ ଜାରି ରହୁଛି।

ପ୍ରତ୍ୟେକ ବିଦ୍ୟାଳୟ ପ୍ରତ୍ୟେକ ଗ୍ରାମରୁ ନିରକ୍ଷର ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ସାକ୍ଷରତା କାର୍ଯ୍ୟକ୍ରମରେ ସାମିଲ କରାଯାଇ ଏଇ ମାସ ୨୦ ତାରିଖରେ ପରୀକ୍ଷା କରାଯିବାର କାର୍ଯ୍ୟକ୍ରମ ରହିଥିବା ଆଜି ସଭାର ସଭାପତି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୂଚନା ଦେଇଥିଲେ।

## ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କାର୍ଯ୍ୟକ୍ଷମ ନ ହୋଇ ଝୁଲୁଛି ତାଲା


କଣ୍ଟିଲୋ, (ନି.ପ୍ର): ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତର ପାଣ୍ଡୁସାହୁ ପାଟଣା ଓ ଆଖପାଖ ଗ୍ରାମର ବାସିନ୍ଦାଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାର ମହତ ଲକ୍ଷ୍ୟ ନେଇ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଆନୁକୂଲ୍ୟରେ ଲକ୍ଷାଧିକ ଟଙ୍କା ବ୍ୟୟରେ ପାଣ୍ଡୁସାହୁ ପାଟଣା ଠାରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ନିର୍ମାଣ କରାଯାଇଛି। ମାତ୍ର ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅଣଦେଖା ଓ ଆନ୍ତରିକତାର ଅଭାବ ଯୋଗୁଁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରଟି କାର୍ଯ୍ୟକ୍ଷମ ନ ହୋଇ ପଡି ରହିଥିବା ପରିଲକ୍ଷିତ ହେଉଛି। ଫଳରେ ସ୍ଥାନୀୟ ବାସିନ୍ଦା ହାତ ପାହାନ୍ତରେ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଥିବା ଜଣାପଡିଛି। ଉକ୍ତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ନିର୍ମାଣ କାର୍ଯ୍ୟ ଗତ ୬ ମାସ ତଳୁ ଶେଷ ହୋଇଥିବା ବେଳେ ଅଦ୍ୟାବଧି ସେଠାକୁ ବିଦ୍ୟୁତ ସଂଯୋଗୀକରଣ ଓ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରାଯାଇ ନଥିବା ସ୍ଥାନୀୟ ବାସିନ୍ଦାଙ୍କ ସୂତ୍ରରୁ ଜଣାପଡିଛି। ଫଳରେ କେବେ ଆଉ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରଟି କାର୍ଯ୍ୟକ୍ଷମ ହେବ ସେ ନେଇ ଅନିଶ୍ଚିତତା ଦେଖା ଦେଇ ଥିବାରୁ ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ନୟାଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜିଲ୍ଲାପାଳ ସେଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ.ଅଭିସାର ପଣ୍ଡାଙ୍କୁ ପଚାରିବାରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରଟିକୁ କାର୍ଯ୍ୟକ୍ଷମ କରିବା ଦିଗରେ ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ନେଇ ସୂଚନା ଦେଇଛନ୍ତି।

## ସଡ଼କ ଦୁର୍ଘଟଣା ରୋକିବା ପାଇଁ ସଚେତନତା କାର୍ଯ୍ୟକ୍ରମ

ବୁଗୁଡ଼ା,(ନିପ୍ର): ଟ୍ରାଫିକ୍ ନିୟମ ପାଳନ ଓ ସଡ଼କ ଦୁର୍ଘଟଣା ରୋକିବା ଲକ୍ଷ୍ୟରେ ବୁଗୁଡ଼ା ପୁଲିସ ପକ୍ଷରୁ ଏକ ଅଭିନବ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବାଲିପଦର ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହେଲମେଟ୍ ପିନ୍ଧି ସୁରକ୍ଷିତ ଭାବେ ଗାଡ଼ି ଚାଳନା କରୁଥିବା ବାଇକ୍ ଆରୋହୀଙ୍କୁ ନାଲି ଗୋଲାପ ଫୁଲ ଦେଇ ଉତ୍ସାହିତ କରାଯାଇଥିଲା। ବିନା ହେଲମେଟ୍‌ରେ ଯାତାୟାତ କରୁଥିବା ଗାଡ଼ି ଚାଳକମାନଙ୍କୁ ଜରିମାନା ବଦଳରେ ଲଲିପପ୍ ପ୍ରଦାନ କରି ସଚେତନ କରାଯାଇଥିଲା। ହେଲମେଟ୍ ବ୍ୟବହାର କରିବା, ନିଜ ଜୀବନ ଓ ପରିବାରର ସୁରକ୍ଷା ପାଇଁ ଟ୍ରାଫିକ୍ ନିୟମ ମାନି ନିରାପଦରେ ଯାତାୟାତ କରିବାକୁ ପୁଲିସ ପକ୍ଷରୁ ନିବେଦନ କରାଯାଇଥିଲା। ଥାନାଧିକାରୀ ସୀତାଂଶୁ ଶେଖର ମାନ୍ଧାତାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୁଗୁଡ଼ା ଥାନାର ପୋଲିସ କର୍ମଚାରୀ ସମେତ ବାଲିପଦର ଫାଣ୍ଡିର ପୋଲିସ କର୍ମଚାରୀମାନେ ଉପସ୍ଥିତ ରହି ଚାଳକମାନଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରିଥିଲେ।

# ଛାତ ପଡ଼ିବାର ୧୦ ମିନିଟରେ ଭୁଶୁଡ଼ିଲା ମା' ବାସନ୍ତୀ ଦୁର୍ଗା ମଣ୍ଡପ ଛାତ

ଧାମନଗର(ନିପ୍ର): ସ୍ୱଚ୍ଛ ପ୍ରଶାସନ ଓ ଦୁର୍ନୀତି ବିରୋଧରେ ଡିଣ୍ଡିମ ପିଟା ଯାଉଥିବାବେଳେ ଧାମନଗର ବ୍ଲକରୁ ଆସିଛି ଏକ ଅତ୍ୟନ୍ତ ଚାଞ୍ଚଲ୍ୟକର ଘଟଣା। ହସନାବାଦ ପଞ୍ଚାୟତ ଅନ୍ତର୍ଗତ ଗୋପବନ୍ଧୁ ନଗର ହାଇସ୍କୁଲ ନିକଟସ୍ଥ 'ମା' ବାସନ୍ତୀ ଦୁର୍ଗା ମଣ୍ଡପ ଘର ଛାତ ପକାଯିବାର ମାତ୍ର ୧୦ ମିନିଟ୍ ମଧ୍ୟରେ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ନିମ୍ନମାନର ସାମଗ୍ରୀ ବ୍ୟବହାର ଏବଂ ବିଭାଗୀୟ ଯନ୍ତ୍ରୀଙ୍କ ମନମୁଖି କାର୍ଯ୍ୟକଳାପ ଯୋଗୁଁ ସରକାରୀ ପାଣ୍ଠି କିପରି ପାଣିରେ ପଡୁଛି, ଏହି ଘଟଣା ତାହାର ଏକ ଜ୍ୱଳନ୍ତ ଉଦାହରଣ ସାଜିଛି ବୋଲି ସାଧାରଣରେ ପ୍ରକାଶ ପାଇଛି। ଏହି ପ୍ରକଳ୍ପ ପାଇଁ ପୂର୍ବ ସରକାରଙ୍କ ସମୟରେ ଜିଲ୍ଲାପରିଷଦ ସଭ୍ୟ ଙ୍କ ଉଦ୍ୟମରେ ୩ ଲକ୍ଷ ଟଙ୍କା ପ୍ରଦାନ କରାଯାଇ ମୂଳ କାମ ଶେଷ ହୋଇଥିଲା। ଏହାପରେ ବର୍ତ୍ତମାନର ସରକାରଙ୍କ



ଅମଳରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଯୋଜନାରୁ ପ୍ରାୟ ୫ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇ ଛାତ କାମ କରାଯାଉଥିଲା। ମାତ୍ର ପ୍ରାୟ ୧୬ ଫୁଟ୍ ଉଚ୍ଚତାରେ ଏହି ଘର ନିର୍ମାଣ ହେଉଥିବାବେଳେ ଠିକାଦାର ଓ ଯନ୍ତ୍ରୀଙ୍କ ମଧ୍ୟରେ ହୋଇଥିବା ଅଘୋଷିତ ବୁଝାମଣା ଯୋଗୁଁ ନିମ୍ନମାନର ବାଉଁଶ ଓ ଭଙ୍ଗା ବାଉଁଶ ଦେଇ ସେଣ୍ଟ୍ରିଂ କରାଯାଇଥିଲା। ଫଳରେ ଛାତର ଭାର ସହି ନପାରି ନିର୍ମାଣ କାର୍ଯ୍ୟ ସରିବାର ମାତ୍ର କିଛି ମିନିଟ୍ ଭିତରେ ତାହା ଧୂଳିସାତ୍ ହୋଇଯାଇଥିଲା। ଭାଗ୍ୟବଶତ କାହାର କିଛି କ୍ଷତି ହୋଇନାହିଁ। ସବୁଠାରୁ ବଡ଼ କଥା ହେଲା, ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ଅତ୍ୟଧିକ ଲାଭଖୋର ମନବୃତ୍ତି ଏବଂ ଠିକାଦାରଙ୍କୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ ଯୋଗୁଁ ଏଭଳି ସ୍ଥାୟୀ ନୁହେଁ ବରଂ ବିପଦପୂର୍ଣ୍ଣ କାମ କରାଯାଇଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ଜଣେ ଯନ୍ତ୍ରୀଙ୍କ ହାତରେ ଏକାସାଙ୍ଗେ ପ୍ରାୟ ୯ଟି ପଞ୍ଚାୟତର ଦାୟିତ୍ୱନ୍ୟସ୍ତ ଥିବାରୁ ସେ କୌଣସି ପ୍ରକଳ୍ପରେ ଠିକ୍ ଭାବେ ତଦାରଖ କରୁନାହାନ୍ତି ଏବଂ ଏହାର ସୁଯୋଗ ନେଇ ଠିକାଦାରମାନେ ମନମୁଖି କାମ କରି ସରକାରୀ ଟଙ୍କା ଲୁଟି ଚାଲିଛନ୍ତି। ସରକାରଙ୍କ 'ଜିରୋ ଟଲରେନ୍ସ' ନୀତିକୁ ଏଭଳି କର୍ମଚାରୀମାନେ ଖୋଲାଖୋଲି ଚ୍ୟାଲେଞ୍ଜ କରୁଥିବାରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଦୁର୍ନୀତିର ପର୍ଦ୍ଦାଫାସ କରିବା ସହ ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦାୟି ଯନ୍ତ୍ରୀ ଓ ଠିକାଦାରଙ୍କ ବିରୁଦ୍ଧରେ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପରିଷଦ ସଭ୍ୟ ଦୃଢ଼ ଦାବି କରିଛନ୍ତି। ଅନ୍ୟପକ୍ଷରେ, ଘଟଣା ସମ୍ପର୍କରେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପଚାରିବାରୁ ସେ ଏହାର ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଶ୍ନ ଉଠୁଛି, କେବଳ ତଦନ୍ତର ପ୍ରତିଶ୍ରୁତି ରେ କଥା ସରିବ, ନା ପ୍ରକୃତରେ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ତାହାକୁ ହିଁ ଅପେକ୍ଷା।

ତିଥି :(ତ୍ରୟୋଦଶୀ): (ଅଶ୍ଲେଷା କର୍କଟ)
ଅମୃତ ବେଳା: ଦିବା ଘ ୭।୧୨ ମଧ୍ୟେ ଘ୧୨।୦ ମଧ୍ୟେ

## ଆଜିର ଅନୁଚିନ୍ତନ

ଜନ୍ମ-ମରଣ ପ୍ରବାହର ପରିହାର ହୋଇପାରିବ ନାହିଁ। ତେଣୁ ତୁମେ ଏ ବିଷୟରେ ଶୋକ କରିବା ଉଚିତ ନୁହେଁ।।

- ଶ୍ରୀମଦ୍ ଭଗବଦ୍ ଗୀତା

# ଆରାବଳୀ ସୁରକ୍ଷା

ଆରାବଳୀ ପାର୍ବତ୍ୟ ଶୃଙ୍ଖଳ ଆମ ଦେଶର ଅନ୍ୟତମ ପ୍ରାଚୀନ ଭୌଗୋଳିକ ସ୍ୱରୂପ, ଯାହା ଦିଲ୍ଲୀ ଠାରୁ ହରିୟାନା, ରାଜସ୍ଥାନ ଦେଇ ଗୁଜରାଟ ପର୍ଯ୍ୟନ୍ତ ଅନ୍ୟୁନ ୩୭ଟି ଜିଲ୍ଲାକୁ ପରିବ୍ୟାପ୍ତ। ଜୈବବିବିଧତା ହେଉ କି ଜଳ ସଂରକ୍ଷଣ ଅବା ମରୁଭୂମି ନିରୋଧୀକରଣରେ ଏହାର ଭୂମିକା ପ୍ରାକୃତିକ ସନ୍ତୁଳିତାକୁ କେତେ ମାତ୍ରାରେ ବଜାୟ ରଖିଛି ତାହା ସଂପୃକ୍ତ ଅଞ୍ଚଳବାସୀ ଅନୁଭବ କରନ୍ତି। ମାତ୍ର ଅନିୟନ୍ତ୍ରିତ ଖଣି ଖନନ ଏହା ପ୍ରତି ବିପଦ ସୃଷ୍ଟି କରେ। ଏ ସଂକ୍ରାନ୍ତରେ ପୂର୍ବରୁ ସୁପ୍ରିମକୋର୍ଟ ସତର୍କ କରାଇ ସାରିଛନ୍ତି। ପରିବେଶୀୟ ସ୍ଥିରତା, ସାଂସ୍କୃତିକ ଐତିହ୍ୟ ଓ ସମର୍ଥନର ବିକାଶ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ଯେବେ ଏହାର ସଂରକ୍ଷଣ ଅକ୍ଷୁଣ୍ଣ ରହିବ। ନେପାଳ ଜଳପ୍ରଳୟ ପଛରେ ଉଚ୍ଚପାର୍ବତ୍ୟାଞ୍ଚଳରେ ଅନିୟନ୍ତ୍ରିତ ଭାବରେ ଜଳ ବିଦ୍ୟୁତ୍ ଉତ୍ପାଦନ ପାଇଁ ଆନୁଷଙ୍ଗିକ ୟୁନିଟ୍ ସ୍ଥାପନ ପରିବେଶ ପ୍ରତି କେତେ କ୍ଷତିକାରକ ହେଲା, ତାହା ତଥାକଥିତ ବିକାଶ ପ୍ରତି ଚାଲେଞ୍ଜ ସୃଷ୍ଟି କରିଛି। ହିମବାହର ବିସ୍ଫୋରଣ ଆପଣାଛାଏଁ ହୋଇଯାଏନାହିଁ, ଯେବେ ଏହା ଚାପଗ୍ରସ୍ତ ହୁଏ ଅନ୍ତିମ ପରିଣତି ସ୍ୱରୂପ ଆକସ୍ମିକ ଜଳପ୍ରଳୟ କି ଅନ୍ୟ କୌଣସି ବିପର୍ଯ୍ୟୟ ଭାବରେ ପ୍ରକଟିତ ହୁଏ। ଏ ପରିପ୍ରେକ୍ଷୀରେ ଆରାବଳୀ ପାର୍ବତ୍ୟାଞ୍ଚଳ, ବହୁ ଅଂଶରେ ତୀଖ ଢାଲୁ ଅଞ୍ଚଳ ଓ ସଂଯୋଜିତ ବସତିର ସୁରକ୍ଷା ପାରିବେଶିକ ଅବକ୍ଷୟକୁ ସୁରକ୍ଷା ଦେଇଥିବା ଜଣାଶୁଣା। ସୁତରାଂ ଯଦି ଏ ସ୍ଥାନରେ ବିକାଶ ନାଁରେ ଯାହା କିଛି କରାଯିବ ତାହା ବିପଦର ଆମନ୍ତ୍ରଣ ଆଶଙ୍କା ବଢାଇବ। ସ୍ୱାର୍ଥାନ୍ୱେଷୀମାନେ ଯେକୌଣସି ପ୍ରକାର ଅଦାଲତି ନିର୍ଦ୍ଦେଶକୁ ଅବମାନନା ଅବା ଖଣ୍ଡିତ କରିବା, ଅଥବା ବିଳମ୍ବିତ କରିବା ପ୍ରକ୍ରିୟାରେ ସାମିଲ ରହିବେ, ଯାହା ମନେହୁଏ ଆରାବଳୀ ମାମଲାରେ କୌଣସି ନା କୌଣସି ଉପରେ ଏ ପ୍ରକାର ଜଟିଳତା ଛନ୍ଦି ହୋଇରହିଛି।

ନିକଟରେ ଏ ସଂକ୍ରାନ୍ତ ବିବାଦକୁ ନେଇ ଗଠିତ ଉଚ୍ଚସ୍ତରୀୟ କମିଟି (ଏଚ୍‌ପିସି) ରିପୋର୍ଟ ଦାଖଲ କରିବା ପାଇଁ ଅଧିକ ସମୟ ଦେବାକୁ ସୁପ୍ରିମକୋର୍ଟ ରୋକ୍‌ଠୋକ୍ ମନା କରିଦେଲେ। ସୁପ୍ରିମକୋର୍ଟଙ୍କ ପକ୍ଷରୁ ଶୁଣାଣି ଦିଆଯାଇଛି କମିଟି ଦିନରାତି କାମ କରୁ ଓ ଦୁଇ ମାସରେ ରିପୋର୍ଟ ଦାଖଲ କରୁ। ଯଦି ରିପୋର୍ଟ ପ୍ରସ୍ତୁତ କରିବାକୁ ଅସମର୍ଥ ତାହା ଜଣାଉ, ଜଣାଇଲେ ପୁଣି କମିଟି ଗଠନ କରାଯିବ। ଏହି ଶୁଣାଇବା ଭିତରେ ପ୍ରଧାନ ବିଚାରପତି (ସିଜେଆଇ) କମିଟିକୁ ପ୍ରଶ୍ନ କରିଛନ୍ତି, ମୋର ଅବସରକୁ ଅପେକ୍ଷା କରିଛ କି? ଏପରି ଟିପ୍ପଣୀ ଭିତରେ ପ୍ରଧାନମନ୍ତ୍ରୀ ବିଚାରପତିଙ୍କ କ୍ଷୋଭ, ଦୁଃଖ ଓ ଅସହାୟତା ଯେପରି ଲୁଚି ରହିଥିବା ବେଳେ ଅପରପକ୍ଷ ପ୍ରତି ସମାଲୋଚନାର ସ୍ୱର ସେତିକି ଶାଣିତ ହୋଇ ରହିଥିବା ପ୍ରତୀୟମାନ ହେଉଛି।

ଉଲ୍ଲେଖ କରାଯାଇପାରେ ସିଜେଆଇ ସୂର୍ଯ୍ୟକାନ୍ତ ଅବସର ଗ୍ରହଣ କରିବେ ୨୦୨୭ ଫେବୃଆରୀ ୯ରେ। ସ୍ମରଣ କରାଯାଇପାରେ ଯେ ସିଜେଆଇ ଯେଉଁ ୫ ଜଣିଆ କମିଟିକୁ ତାଗିଦା କରିଛନ୍ତି ତାହା ଗତ ମେ ୨୫ରୁ ଗଠିତ ହେଲାଣି। କାମ ଦିଆଯାଇଛି ଉକ୍ତ କମିଟି ଆରାବଳୀର ପରିଭାଷା ଯାଞ୍ଚ କରୁ। କିନ୍ତୁ ଯେତେଦୂର ଅନୁମାନ କରାଯାଉଛି କମିଟି ପଛରେ ଖଣି ଖନନ ସପକ୍ଷବାଦୀ ତତ୍ତ୍ୱ କୌଣସି ପ୍ରକାର ଯୋଡ଼ି ହୋଇ ଉକ୍ତ ମାମଲାକୁ ପ୍ରଭାବିତ କରିବା ଚାଲ୍‌ରେ ଅଛନ୍ତି। ଅଧିକ ସମୟ ଦେବାକୁ ମନାକରି ସୁପ୍ରିମକୋର୍ଟ ଯଥାର୍ଥତା ପ୍ରତିପାଦନ କରିଥିବା ଆଲୋଚ୍ୟର ବିଷୟ ହୋଇଛି। ଯେଉଁଠିକି ପ୍ରାକୃତିକ ପରିବେଶ ପ୍ରତି ବିପଦ ପହଞ୍ଚିଛି, ତାହାର ପ୍ରତିଫଳ ଲୋକେ ଶୀଘ୍ର ହେଉ ଅବା ବିଳମ୍ବରେ, ପ୍ରତ୍ୟକ୍ଷ ହେଉ କିମ୍ବା ପରୋକ୍ଷରେ, ଭୋଗିବାଟା ସାର। ସୁତରାଂ ଆରାବଳୀ ପରିବେଶ ସୁରକ୍ଷା ସର୍ବତ୍ର ଭାବରେ ଗୁରୁତ୍ୱ ବଜାୟ ରଖୁ, ଏହା ଦୃଢ ଭାବରେ ଆଶା କରାଯାଏ।

# ସବୁଜ ବନାନୀକୁ ସୁରକ୍ଷିତ ରଖିବା

## ଡ. ଅମୂଲ୍ୟ କୁମାର ପଣ୍ଡା

'ପରିବେଶ ହିଁ ଜୀବନ', ଏହି ଚିରନ୍ତନ ସତ୍ୟକୁ ଆଧାର କରି ପୃଥିବୀ ପୃଷ୍ଠରେ ସମସ୍ତ ସୃଷ୍ଟିର ବିକାଶ ହୋଇଛି । ପରିବେଶ ହେଉଛି ପ୍ରକୃତିର ଏକ ଅମୂଲ୍ୟ ଉପହାର, ଯାହା ମଧ୍ୟରେ ବାୟୁ, ଜଳ, ମୃତ୍ତିକା, ଉଦ୍ଭିଦ ଓ ପ୍ରାଣୀଜଗତ ଅନ୍ତର୍ଭୁକ୍ତ । ଆମର ଚତୁଃପାର୍ଶ୍ୱରେ ଥିବା ଏହି ସଜୀବ ଓ ନିର୍ଜୀବ ଉପାଦାନଗୁଡ଼ିକର ସମାହାରକୁ ଆମେ ପରିବେଶ ବୋଲି କହିଥାଉ । ମାନବ ସଭ୍ୟତାର ଆରମ୍ଭରୁ ପ୍ରକୃତି ଓ ମଣିଷ ମଧ୍ୟରେ ଏକ ନିବିଡ଼ ସମ୍ପର୍କ ରହିଆସିଛି । ମାତ୍ର ବର୍ତ୍ତମାନର ଆଧୁନିକ ଓ ସ୍ୱାର୍ଥପର ମଣିଷ ନିଜର ସୁଖ-ସୁବିଧା ପାଇଁ ଏହି ସୁନ୍ଦର ପରିବେଶକୁ ଧ୍ୱଂସ କରିବାରେ ଲାଗିଛି । ଫଳରେ ସମଗ୍ର ବିଶ୍ୱ ଆଜି ଗୁରୁତର ପରିବେଶ ସଙ୍କଟର ସମ୍ମୁଖୀନ । ଏଭଳି ପରିସ୍ଥିତିରେ ପରିବେଶର ସୁରକ୍ଷା କରିବା କେବଳ ସରକାରଙ୍କର ନୁହେଁ, ବରଂ ଆମ ପ୍ରତ୍ୟେକ ନାଗରିକର ପରମ କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ଅଟେ । ପରିବେଶର ଗୁରୁତ୍ୱ ଓ ପ୍ରକୃତି ସହ ମାନବର ସମ୍ପର୍କ ପରିବେଶ ଆମକୁ ବଞ୍ଚିବା ପାଇଁ ଅମ୍ଳଜାନ, ପିଇବା ପାଇଁ ଜଳ ଏବଂ କ୍ଷୁଧା ନିବାରଣ ପାଇଁ ଅନ୍ନ ଯୋଗାଇଥାଏ । ଆମର ପ୍ରତ୍ୟେକ ମୌଳିକ ଆବଶ୍ୟକତା ପ୍ରକୃତି ଉପରେ ନିର୍ଭର କରେ । ପ୍ରାଚୀନ ଭାରତୀୟ ସଂସ୍କୃତିରେ ପ୍ରକୃତିକୁ ଦେବତା ଭାବେ ପୂଜା କରାଯାଉଥିଲା । ଗଛଲତାକୁ ମା' ଏବଂ ନଦୀକୁ ପବିତ୍ର ଗଙ୍ଗା ମାତା ଭାବେ ସମ୍ମାନ ଦିଆଯାଉଥିଲା । ଋଷିମୁନିମାନେ ଅରଣ୍ୟ ମଧ୍ୟରେ ରହି ପରିବେଶ ସହିତ ସନ୍ତୁଳନ ରକ୍ଷା କରୁଥିଲେ । କିନ୍ତୁ କାଳକ୍ରମେ ମଣିଷ ପ୍ରକୃତିକୁ ଉପଭୋଗର ସାମଗ୍ରୀ ମନେକଲା, ଯାହା ଆଜିର ବିପର୍ଯ୍ୟୟର ମୁଖ୍ୟ କାରଣ ସାଜିଛି ।

ବର୍ତ୍ତମାନ ସମୟରେ ପରିବେଶ ମୁଖ୍ୟତଃ ଚାରୋଟି ଉପାୟରେ ପ୍ରଦୂଷିତ ହେଉଛି। ପ୍ରଥମ, ବାୟୁ ପ୍ରଦୂଷଣ । କଳକାରଖାନା ଏବଂ ଗାଡ଼ି ମୋଟରରୁ ନିର୍ଗତ କଳାଧୂଆଁ ବାୟୁମଣ୍ଡଳକୁ ବିଷାକ୍ତ କରୁଛି । ଫଳରେ ଶ୍ୱାସକ୍ରିୟା ଜନିତ ରୋଗ ବଢ଼ିବାରେ ଲାଗିଛି ।ଦ୍ୱିତୀୟ ହେଉଛି ଜଳ ପ୍ରଦୂଷଣ । ସହରର ବର୍ଜ୍ୟବସ୍ତୁ ଏବଂ କାରଖାନାର ଦୂଷିତ ରାସାୟନିକ ଜଳ ନଦୀ, ପୋଖରୀ ଓ ସମୁଦ୍ରରେ ମିଶି ଜଳକୁ ବ୍ୟବହାର ଅନୁପଯୋଗୀ କରୁଛି । ତୃତୀୟରେ ହେଉଛି ମୃତ୍ତିକା ପ୍ରଦୂଷଣ । କୃଷି କ୍ଷେତ୍ରରେ ଅତ୍ୟଧିକ ରାସାୟନିକ ସାର ଏବଂ କୀଟନାଶକର ପ୍ରୟୋଗ ଯୋଗୁଁ ମାଟିର ଉର୍ବରତା ନଷ୍ଟ ହେଉଛି । ଚତୁର୍ଥରେ ହେଉଛି ଶବ୍ଦ ପ୍ରଦୂଷଣ ।ଯାନବାହନର ହର୍ଣ୍ଣ ଏବଂ ଉଚ୍ଚ ସ୍ୱରରେ ବାଜୁଥିବା ଲାଉଡ଼ସ୍ପିକର ମାନସିକ ଚାପ ଓ ବଧିରତା ସୃଷ୍ଟି କରୁଛି । ଯଦି ଆମେ ଏବେଠାରୁ ସଚେତନ ନ ହେବା, ତେବେ ପ୍ରକୃତିର କୋପରୁ କେହି ବଞ୍ଚିପାରିବେ ନାହିଁ । ଏହାର କେତେକ ଭୟାବହ ପରିଣାମ ନିମ୍ନଭାବେ ଦେଖାଦେଇଛି । ପୃଥିବୀର ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଉଛି, ଯାହାଦ୍ୱାରା ମେରୁ ଅଞ୍ଚଳର ବରଫ ତରଳି ସମୁଦ୍ର ପତନ ବଢୁଛି । ସମୟରେ ବର୍ଷା ନହେବା, ଅତ୍ୟଧିକ ଗରମ ଏବଂ ବାରମ୍ବାର ବାତ୍ୟା ଓ ମରୁଡ଼ି ପରି ପ୍ରାକୃତିକ ବିପର୍ଯ୍ୟୟ ଏହାର ଜ୍ୱଳନ୍ତ ଉଦାହରଣ।

ପରିବେଶକୁ ସୁରକ୍ଷିତ ରଖିବା ପାଇଁ ଆମକୁ ବ୍ୟକ୍ତିଗତ ଏବଂ ସାମାଜିକ ସ୍ତରରେ ଦାୟିତ୍ୱବାନ ହେବାକୁ ପଡ଼ିବ । ଆମର ପ୍ରମୁଖ ଦାୟିତ୍ୱଗୁଡ଼ିକ ହେଲା - ପ୍ରଥମ ଦାୟିତ୍ୱ ହେଉଛି ପୃଥିବୀର ସବୁଜ ବନାନୀକୁ ସୁରକ୍ଷିତ ରଖିବା ଯାହା ହେଉଛି ପରିବେଶର ଫୁସଫୁସ । ଗୋଟିଏ ଗଛ କାଟିଲେ ତା' ବଦଳରେ ପାଞ୍ଚଟି ନୂଆ ଗଛ ଲଗାଇବା ଉଚିତ । ପ୍ରତ୍ୟେକ ବ୍ୟକ୍ତି ନିଜ ଜନ୍ମଦିନ କିମ୍ବା କୌଣସି ଶୁଭ ଅବସରରେ ଅତିକମ୍‌ରେ ଗୋଟିଏ ଗଛ ଲଗାଇବାକୁ ସଂକଳ୍ପ ନେବା ଆବଶ୍ୟକ । ପ୍ଲାଷ୍ଟିକ ଓ ପଲିଥିନ ମାଟିରେ ସହଜରେ ମିଶେ ନାହିଁ ଏବଂ ଏହା ଶହ ଶହ ବର୍ଷ ପର୍ଯ୍ୟନ୍ତ ପରିବେଶକୁ ଦୂଷିତ କରି ରଖେ । ବଜାରକୁ ଯିବାବେଳେ ସର୍ବଦା କପଡ଼ା କିମ୍ବା ଝୋଟ ବ୍ୟାଗ ବ୍ୟବହାର କରିବା ଉଚିତ। ଜଳର ଅପଚୟ ରୋକିବା ଆମର ପରମ କର୍ତ୍ତବ୍ୟ । ବର୍ଷା ଜଳ ଅମଳ ପଦ୍ଧତି ଆପଣାଇ ଭୂତଳ ଜଳ ସ୍ତରକୁ ବୃଦ୍ଧି କରାଯାଇପାରିବ । ନଦୀ ଓ ପୋଖରୀକୁ ସ୍ୱଚ୍ଛ ରଖିବା ଆବଶ୍ୟକ । ଆମ ଜୀବନଶୈଳୀରେ କମ ବ୍ୟବହାର, ପୁନଃ ବ୍ୟବହାର ଏବଂପୁନଃ ଚକ୍ରଣ ନୀତି ଅବଲମ୍ବନ କରିବା ଉଚିତ । ଏହାଦ୍ୱାରା ଆବର୍ଜନା କମ ସୃଷ୍ଟି ହେବ । ପରିବେଶ ସୁରକ୍ଷା କେବଳ ଏକ ସ୍ଲୋଗାନ ବା ସଭାସମିତି ମଧ୍ୟରେ ସୀମିତ ନରହି ଏହାକୁ କାର୍ଯ୍ୟକାରୀ କରିବାର ସମୟ ଆସିଯାଇଛି । ଆମର ଆଜିର ଛୋଟ ପଦକ୍ଷେପ ଆସନ୍ତାକାଲିର ଭବିଷ୍ୟତ ପିଢ଼ି ପାଇଁ ଏକ ସୁନ୍ଦର ଓ ସୁସ୍ଥ ପୃଥିବୀ ଉପହାର ଦେଇପାରିବ । ଆସନ୍ତୁ ସମସ୍ତେ ମିଶି ଏ ପଦକ୍ଷେପଗୁଡ଼ିକୁ ନେଲେ ପରିବେଶ ସୁରକ୍ଷିତ ହୋଇପାରିବ। ଏହା ତ୍ୱରାନ୍ୱିତ ଭାବେ କରିବା ଉଚିତ, କାରଣ ପ୍ରକୃତିର ସୁରକ୍ଷା ହିଁ ପ୍ରକୃତରେ ମାନବ ଜାତିର ସୁରକ୍ଷା ଅଟେ ।

ଅରଙ୍ଗାବାଦ, ବରୀ, ଯାଜପୁର, ମୋ - ୮୨୪୯୫୦୨୭୭୬

# ଖାଦ୍ୟ ନିରାପତ୍ତା କି ବ୍ୟବସ୍ଥାର ପ୍ରହସନ ?

## ସୌମ୍ୟ ରଞ୍ଜନ ଦାଶ

**"ଖାଦ୍ୟ ସୁରକ୍ଷା ବ୍ୟବସ୍ଥାରେ ଏକ ବଡ଼ ଧରଣର ସଂସ୍କାର ଅଣାଯିବା ଜରୁରୀ। ସର୍ବପ୍ରଥମେ, ଖାଦ୍ୟ ସୁରକ୍ଷା ଆଇନକୁ ଅଧିକ କଠୋର କରାଯାଇ ଭେଜାଲକାରୀଙ୍କ ବିରୋଧରେ ହତ୍ୟା ଉଦ୍ୟମ ଭଳି ସଙ୍ଗୀନ ଦଫା ଲଗାଯିବା ଉଚିତ। ଦୋଷୀ ସାବ୍ୟସ୍ତ ହେଲେ କେବଳ ଜରିମାନା ନୁହେଁ, ବରଂ ଦୀର୍ଘମିଆଦୀ ଜେଲ୍ ଦଣ୍ଡ, ସମ୍ପତ୍ତି ବାଜ୍ୟାପ୍ତି ଏବଂ ବ୍ୟାବସାୟିକ ଲାଇସେନ୍ସ ସବୁଦିନ ପାଇଁ ରଦ୍ଦ କରିବା ଭଳି ଦୃଷ୍ଟାନ୍ତମୂଳକ ନିଷ୍ପତ୍ତି ନେବାକୁ ପଡ଼ିବ।**

ଖାଦ୍ୟ ମଣିଷ ବଞ୍ଚି ରହିବାର ପ୍ରାଥମିକ ତଥା ମୌଳିକ ଅଧିକାର। ଜଣେ ନାଗରିକ ଥାଳିରେ ଖାଦ୍ୟ ଗ୍ରହଣ କରିବାବେଳେ ତାହା ତାଙ୍କୁ ଜୀବନ ଦେବ ନା ରୋଗର ବଳୟ ଭିତରକୁ ଠେଲିଦେବ, ଏହି ଆଶଙ୍କା ଯଦି ମନରେ ଉଙ୍କିମାରେ, ତେବେ ତାହା କେବଳ ସ୍ୱାସ୍ଥ୍ୟ ବ୍ୟବସ୍ଥାର ବିଫଳତା ନୁହେଁ, ବରଂ ସମଗ୍ର ପ୍ରଶାସନିକ ଓ ଆଇନଗତ ନିୟନ୍ତ୍ରଣ ଉପରେ ଏକ ବଡ଼ ପ୍ରଶ୍ନବାଚୀ। ଆମ ଦେଶରେ ନାଗରିକଙ୍କୁ ସୁରକ୍ଷିତ ଖାଦ୍ୟ ଯୋଗାଇବା ପାଇଁ ୨୦୦୬ ମସିହାରେ 'ଖାଦ୍ୟ ସୁରକ୍ଷା ଓ ମାନକ ଆଇନ' ପ୍ରଣୟନ ହୋଇଥିଲା। କାଗଜପତ୍ରରେ ନିୟମର କୌଣସି ଅଭାବ ନାହିଁ; ଖାଦ୍ୟର ଗୁଣବତ୍ତା ନିର୍ଦ୍ଧାରଣ ଠାରୁ ଆରମ୍ଭ କରି ଭେଜାଲ ନିୟନ୍ତ୍ରଣ ପର୍ଯ୍ୟନ୍ତ ବହୁ ବ୍ୟବସ୍ଥା ରହିଛି। ମାତ୍ର ବାସ୍ତବ ଚିତ୍ରଟି ସମ୍ପୂର୍ଣ୍ଣ ଓଲଟା। ଆଜିର ସମୟରେ ଭାରତରେ ଖାଦ୍ୟ ସୁରକ୍ଷା ଏକ ପ୍ରକାର ପ୍ରହସନ ବା ମଜାକରେ ପରିଣତ ହୋଇସାରିଛି ଏବଂ ସାଧାରଣ ଲୋକଙ୍କ ଥାଳି ଧୀରେ ଧୀରେ ମନ୍ଥର ବିଷରେ ପରିପୂର୍ଣ୍ଣ ହେବାରେ ଲାଗିଛି। ସକାଳର ଚା' କପ୍ ଠାରୁ ଆରମ୍ଭ କରି ରାତିର ଖାଦ୍ୟ ପର୍ଯ୍ୟନ୍ତ ପ୍ରତ୍ୟେକ ସାମଗ୍ରୀରେ ଆଜି ଅସୁରକ୍ଷିତ ଉପାଦାନ ଭରି ରହିଛି। ଫଳଗୁଡ଼ିକୁ ଶୀଘ୍ର ପଚାଇବା ପାଇଁ ବିଷାକ୍ତ କ୍ୟାଲସିୟମ୍ କାର୍ବାଇଡ୍ ଭଳି ରାସାୟନିକ ବ୍ୟବହାର କରାଯାଉଛି, ପନିପରିବାକୁ ଚମକଦାର ଦେଖାଇବା ପାଇଁ କୃତ୍ରିମ ରଙ୍ଗ ଦିଆଯାଉଛି। କ୍ଷୀରରେ ୟୁରିଆ, ଡିଟରଜେଣ୍ଟ ଓ ନିମ୍ନମାନର ପାଉଡର ମିଶ୍ରଣ ହେଉଛି ଏବଂ ରୋଷେଇ ତେଲରେ ଶସ୍ତା ତଥା ଅଖାଦ୍ୟ ତୈଳର ଭେଜାଲ କରାଯାଉଛି। ବଜାରରେ ବିକ୍ରି ହେଉଥିବା




ମସଲାରେ କାଠଗୁଣ୍ଡ ଓ ବିଷାକ୍ତ ରଙ୍ଗ ମିଶିବା କଥା ଆଉ ଲୁଚି ରହିନାହିଁ। ଅତ୍ୟଧିକ ମୁନାଫା ପାଇଁ ବ୍ୟବସାୟୀମାନେ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସହ ଖେଳ ଖେଳୁଛନ୍ତି। ଯେତେବେଳେ ଜଣେ ବ୍ୟକ୍ତି ଖାଦ୍ୟ ମାଧ୍ୟମରେ ନିଜ ଅଜାଣତରେ ରସାୟନ ଗ୍ରହଣ କରୁଛି, ସେତେବେଳେ କର୍କଟ, କିଡ଼ନୀ ରୋଗ ଏବଂ ହୃଦ୍‌ରୋଗ ଭଳି ମାରାତ୍ମକ ବ୍ୟାଧି ଦେଶରେ ଘରେ ଘରେ ଦେଖାଦେବା ଏକ ସ୍ୱାଭାବିକ ପରିଣାମ ହୋଇପଡୁଛି।

ଏହି ସମସ୍ୟାର ଅନ୍ୟ ଏକ ଉଦ୍‌ବେଗଜନକ ଦିଗ ହେଉଛି ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକର ଦ୍ୱିମୁଖୀ ନୀତି ବା ଦ୍ୱୈତ ମାନଦଣ୍ଡ। ଆଜି ଅନେକ ନାମୀଦାମୀ ବ୍ରାଣ୍ଡ ଭାରତରେ ଯେଉଁ ସାମଗ୍ରୀ ବିକ୍ରି କରୁଛନ୍ତି, ଠିକ୍ ସେହି ନାମର ସାମଗ୍ରୀ ୟୁରୋପ, ଆମେରିକା କିମ୍ବା ସିଙ୍ଗାପୁର ଭଳି ବିକଶିତ ଦେଶକୁ ରପ୍ତାନି କରିବାବେଳେ ତହିଁରେ ଉପାଦାନ ସମ୍ପୂର୍ଣ୍ଣ ବଦଳାଇ ଦେଉଛନ୍ତି। ବିଦେଶରେ ଶିଶୁଖାଦ୍ୟରେ ଅତିରିକ୍ତ ଚିନି ବ୍ୟବହାର ଉପରେ କଡ଼ା ନିଷେଧାଦେଶ ଥିବା ବେଳେ ଭାରତରେ ସେହି ସମାନ ଉତ୍ପାଦରେ ପ୍ରଚୁର ଚିନି ମିଶାଯାଇ ବିକ୍ରି କରାଯାଉଥିବାର ତଥ୍ୟ ସାମ୍ନାକୁ ଆସିଛି। ନିକଟରେ ଭାରତର କେତେକ ପ୍ରତିଷ୍ଠିତ ବ୍ରାଣ୍ଡର ମସଲାରେ କ୍ୟାନ୍ସର ସୃଷ୍ଟିକାରୀ 'ଇଥିଲିନ୍ ଅକ୍ସାଇଡ୍' ମାତ୍ରାଧିକ ଥିବା କାରଣରୁ ବିଦେଶୀ ରାଷ୍ଟ୍ରଗୁଡ଼ିକ ତାହାକୁ ନିଷିଦ୍ଧ କରିଥିଲେ। ଦଶନ୍ଧି ଦଶନ୍ଧି ଧରି ଯେଉଁ ଖାଦ୍ୟ ଆମ ଦେଶର ଲୋକେ ବିଶ୍ୱାସର ସହ ଖାଇ ଆସୁଥିଲେ, ତାହାକୁ ଅନ୍ୟ ଦେଶ ନିଜ ନାଗରିକଙ୍କ ପାଇଁ ବିଷ ଭାବି ବାରଣ କରୁଛନ୍ତି। ଏହା ପ୍ରମାଣ କରୁଛି ଯେ ବିଦେଶରେ ଆଇନ କଠୋର ଥିବାରୁ କମ୍ପାନୀମାନେ ନିୟମ ମାନିବାକୁ ବାଧ୍ୟ, ମାତ୍ର ଭାରତରେ ଆଇନର ଦୁର୍ବଳତା ଯୋଗୁଁ ନାଗରିକଙ୍କ ଜୀବନ ସହ ଖେଳିବାକୁ ସେମାନେ ପଛଘୁଞ୍ଚା ଦେଉନାହାନ୍ତି।

ଗ୍ରାମାଞ୍ଚଳରୁ ନଗରାଞ୍ଚଳ ପର୍ଯ୍ୟନ୍ତ ଦୈନନ୍ଦିନ ବଢ଼ିଚାଲିଥିବା ରାସ୍ତାକଡ଼ର ଖାଦ୍ୟ ବ୍ୟବସାୟ ବା ଷ୍ଟ୍ରିଟ୍ ଫୁଡ୍ ସ୍ଥିତିକୁ ଆହୁରି ସଂଗୀନ କରିଛି। ସହରର ପ୍ରତି ଗଳିକନ୍ଦି, ଛକ ଓ ବସଷ୍ଟାଣ୍ଡ ନିକଟରେ ପ୍ରତିଦିନ ଶହ ଶହ ଫାଷ୍ଟଫୁଡ୍, ଚାଟ୍ ଏବଂ ଜଳଖିଆ ଦୋକାନ ଖୋଲୁଛି। ଲକ୍ଷ ଲକ୍ଷ ଲୋକ ସମୟ ଓ ଅର୍ଥ ବଞ୍ଚାଇବା ପାଇଁ ସେଠାରେ ଖାଦ୍ୟ ଖାଉଛନ୍ତି। ମାତ୍ର ଏହି ଦୋକାନଗୁଡ଼ିକର ଯାଞ୍ଚ ପାଇଁ କୌଣସି ପ୍ରଶାସନିକ ବ୍ୟବସ୍ଥା ନାହିଁ କହିଲେ ଚଳେ। ରୋଷେଇରେ କେଉଁ ଧରଣର ପାଣି ବ୍ୟବହାର ହେଉଛି, ତେଲକୁ ବାରମ୍ବାର ଗରମ କରି ବିଷାକ୍ତ 'ଟ୍ରାନ୍ସ ଫ୍ୟାଟ୍' ପ୍ରସ୍ତୁତ କରାଯାଉଛି କି ନାହିଁ, କିମ୍ବା ଖାଦ୍ୟ ରାନ୍ଧୁଥିବା ବ୍ୟକ୍ତି ସର୍ବନିମ୍ନ ସ୍ୱଚ୍ଛତା ରକ୍ଷା କରୁଛନ୍ତି କି ନାହିଁ, ତାହା ଦେଖିବାକୁ କେହି ଫୁଡ୍ ସେଫ୍ଟି ଇନ୍ସପେକ୍ଟର ପହଞ୍ଚନ୍ତି ନାହିଁ। ବର୍ଜ୍ୟବସ୍ତୁ ଓ ଡ୍ରେନ୍ କଡ଼ରେ ବିନା କୌଣସି ଲାଇସେନ୍ସ ବା ପଞ୍ଜୀକରଣରେ ଦୋକାନ ଚାଲୁଥିଲେ ମଧ୍ୟ ସରକାରୀ ନୀରବତା ସାଧାରଣ ଲୋକଙ୍କ ଜୀବନକୁ ଅସୁରକ୍ଷିତ କରିଦେଉଛି।

ଭାରତରେ ଏତେ ବଡ଼ ସ୍ୱାସ୍ଥ୍ୟ ବିପର୍ଯ୍ୟୟ ପଛରେ ମୁଖ୍ୟ କାରଣ ହେଉଛି କଠୋର ଦଣ୍ଡବିଧାନ ଓ ଭୟର ଅଭାବ। ଖାଦ୍ୟରେ ଭେଜାଲ କରିବା ଏକ ସଂଗୀନ ଅପରାଧ ହୋଇଥିଲେ ମଧ୍ୟ ଏଠାରେ ଆଇନ ଏତେ ଶିଥିଳ ଯେ ଅପରାଧୀମାନେ ଅତି ସହଜରେ ଖସିଯାଆନ୍ତି। ଯଦି କୌଣସି ସ୍ଥାନରେ ଯାଞ୍ଚ ହୁଏ, ତେବେ ମାତ୍ର କିଛି ଟଙ୍କାର ଜରିମାନା କିମ୍ବା ସାମାନ୍ୟ ନୋଟିସ୍ ଦେଇ ଘଟଣାକୁ ରଫାଦଫା କରିଦିଆଯାଏ। ବ୍ୟବସାୟୀଙ୍କ ପାଇଁ ଏହି ଜରିମାନା କେବଳ ଏକ ବ୍ୟବସାୟିକ ଖର୍ଚ୍ଚ ପାଲଟିଯାଏ।

ଚୀନ୍ କିମ୍ବା ୟୁରୋପୀୟ ରାଷ୍ଟ୍ର ଭଳି ଦେଶଗୁଡ଼ିକରେ ଖାଦ୍ୟରେ ମିଶ୍ରଣ କଲେ ଆଜୀବନ କାରାଦଣ୍ଡ, ସମ୍ପତ୍ତି ବାଜ୍ୟାପ୍ତି ଏପରିକି ଚରମ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ମାତ୍ର ଆମ ଦେଶରେ ବର୍ଷ ବର୍ଷ ଧରି ନ୍ୟାୟାଳୟରେ ମାମଲା ଗଡ଼ିଚାଲେ ଏବଂ ନମୁନା ପରୀକ୍ଷାଗାରରୁ ରିପୋର୍ଟ ଆସିବା ବେଳକୁ ଅଭିଯୁକ୍ତ ନିଜର ବ୍ୟବସାୟ ଜାରି ରଖିଥାଏ। ଯେଉଁଠି ଦଣ୍ଡ ପାଇବାର ଭୟ ନାହିଁ, ସେଠାରେ ଖାଦ୍ୟ ବ୍ୟବସାୟୀ ଜନସ୍ୱାସ୍ଥ୍ୟକୁ ଖାତିର ନକରିବା ସ୍ୱାଭାବିକ।

ଏହା ବ୍ୟତୀତ ସରକାରୀ ଯାଞ୍ଚ ବ୍ୟବସ୍ଥା ମଧ୍ୟ ଅତ୍ୟନ୍ତ ପୁରୁଣାକାଳିଆ ଓ ଦୁର୍ବଳ। କେବଳ ଦୁର୍ଗାପୂଜା କିମ୍ବା ଦୀପାବଳି ଆସିଲେ କିଛି ମିଠା ଦୋକାନ ଉପରେ ଚଢ଼ାଉ କରି ଗଣମାଧ୍ୟମରେ ଫଟୋ ଛାପିବା ହିଁ ଖାଦ୍ୟ ସୁରକ୍ଷା ବିଭାଗର କାର୍ଯ୍ୟକ୍ରମ ପାଲଟିଛି। ବର୍ଷର ଅନ୍ୟ ସମୟରେ କୌଣସି ଆଗୁଆ ଯାଞ୍ଚ କରାଯାଏ ନାହିଁ। ପ୍ରତ୍ୟେକ ଜିଲ୍ଲାରେ ଆଧୁନିକ ପରୀକ୍ଷାଗାରର ଘୋର ଅଭାବ ରହିଛି। ଗୋଟିଏ ନମୁନା ପରୀକ୍ଷା ପାଇଁ ରାଜ୍ୟ ରାଜଧାନୀ କିମ୍ବା ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଥିବାରୁ ମାସ ମାସ ଧରି ରିପୋର୍ଟ ଅଟକି ରହେ। ଏହି ସମୟ ମଧ୍ୟରେ ଲକ୍ଷ ଲକ୍ଷ ଲୋକ ସେହି ବିଷାକ୍ତ ସାମଗ୍ରୀକୁ ନିଜ ଶରୀର ଭିତରକୁ ନେଇସାରିଥାନ୍ତି। ପ୍ରଶାସନିକ କର୍ମଚାରୀଙ୍କ ଅଭାବ ଓ ଦୁର୍ନୀତି ଏହି ସମସ୍ୟାକୁ ଆହୁରି ବଢ଼ାଇ ଦେଉଛି।

ବର୍ତ୍ତମାନ ସମୟ ଆସିଛି, ଖାଦ୍ୟ ସୁରକ୍ଷା ବ୍ୟବସ୍ଥାରେ ଏକ ବଡ଼ ଧରଣର ସଂସ୍କାର ଅଣାଯିବା ଜରୁରୀ। ସର୍ବପ୍ରଥମେ, ଖାଦ୍ୟ ସୁରକ୍ଷା ଆଇନକୁ ଅଧିକ କଠୋର କରାଯାଇ ଭେଜାଲକାରୀଙ୍କ ବିରୋଧରେ ହତ୍ୟା ଉଦ୍ୟମ ଭଳି ସଙ୍ଗିନ ଦଫା ଲଗାଯିବା ଉଚିତ। ଦୋଷୀ ସାବ୍ୟସ୍ତ ହେଲେ କେବଳ ଜରିମାନା ନୁହେଁ, ବରଂ ଦୀର୍ଘମିଆଦୀ ଜେଲ୍ ଦଣ୍ଡ, ସମ୍ପତ୍ତି ବାଜ୍ୟାପ୍ତି ଏବଂ ବ୍ୟବସାୟିକ ଲାଇସେନ୍ସ ସବୁଦିନ ପାଇଁ ରଦ୍ଦ କରିବା ଭଳି ଦୃଷ୍ଟାନ୍ତମୂଳକ ନିଷ୍ପତ୍ତି ନେବାକୁ ପଡ଼ିବ। ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ଭାରତରେ ବିକ୍ରି କରୁଥିବା ପ୍ରତ୍ୟେକ ସାମଗ୍ରୀ ଉପରେ ଅନ୍ତର୍ଜାତୀୟ ମାନଦଣ୍ଡ ଲାଗୁ କରିବା ଅନିବାର୍ଯ୍ୟ ହେବା ଦରକାର।

ଏଥିସହିତ ସମସ୍ତ ରାସ୍ତାକଡ଼ର ଦୋକାନୀଙ୍କ ପାଇଁ ସ୍ୱଚ୍ଛତା ତାଲିମ, ବାଧ୍ୟତାମୂଳକ ପଞ୍ଜୀକରଣ ଏବଂ ନିୟମିତ ଆକସ୍ମିକ ଯାଞ୍ଚ ବ୍ୟବସ୍ଥା ଗଢ଼ିତୋଳିବାକୁ ପଡ଼ିବ। ସାଧାରଣ ଲୋକଙ୍କୁ ମଧ୍ୟ ଖାଦ୍ୟର ଗୁଣବତ୍ତା, ପ୍ୟାକେଟ୍ ଲେବଲ୍ ଓ ମିଆଦ ଯାଞ୍ଚ କରିବା ନେଇ ସଚେତନ ହେବାକୁ ହେବ। ଏକ ସୁସ୍ଥ ରାଷ୍ଟ୍ର ଗଠନ ପାଇଁ ବିଷମୁକ୍ତ ଖାଦ୍ୟ ହେଉଛି ପ୍ରଥମ ସର୍ତ୍ତ। ଯଦି ସରକାର ଓ ପ୍ରଶାସନ ଏବେ ବି ନିଜର କୁମ୍ଭକର୍ଣ୍ଣ ନିଦ୍ରାରୁ ନ ଜାଗନ୍ତି, ତେବେ ଲୋକଙ୍କ ଥାଳିରେ ଖାଦ୍ୟ ନାମରେ ବିଷ ପରଷା ଚାଲିଥିବ ଏବଂ ଭାରତ ଭବିଷ୍ୟତରେ ଏକ ରୋଗାଗ୍ରସ୍ତ ସମାଜରେ ପରିଣତ ହେବାକୁ ବେଶି ସମୟ ଲାଗିବ ନାହିଁ।

ଯାଜପୁର, ମୋ ୮୮୯୫୯୫୨୩୧୫

# ଜୀବଜନ୍ତୁଙ୍କ ଠାରୁ ବଡ଼ ବୋଝ ପ୍ଲାଷ୍ଟିକ ଓଜନ !

## ସତ୍ୟ ମହାପାତ୍ର

**"ଜଳବାୟୁ ସଙ୍କଟ ସମାଧାନ ନିମିତ୍ତ ବୈଷୟିକ ଉଦ୍ଭାବନ ଓ ପାରିବେଶିକ କୁପ୍ରଭାବରହିତ ସାମଗ୍ରୀ ଗବେଷଣ ପ୍ରୟୋଜନ ସତ୍ୟ, କିନ୍ତୁ ଆମମାନଙ୍କର ନିଷ୍ଠାପରତା, ପ୍ରତିବଦ୍ଧତା ଉପର ବି ଏ ସଙ୍କଟ ସମାଧାନ ବହୁ ମାତ୍ରାରେ ନିହିତ ରହିଛି। ଯାହାର ଅର୍ଥ ଆମେ ଦାୟିତ୍ୱଶୀଳ ହୋଇ କେବଳ କୃତ୍ରିମ ପଦାର୍ଥର ଉପଯୁକ୍ତ ଓ ସୀମିତ ଉତ୍ପାଦନ ସହିତ ଏହାର ବ୍ୟବହାର ପାଇଁ ଦୃଷ୍ଟି ଦେବା। ଏ କ୍ଷେତ୍ରରେ ବିଶେଷଜ୍ଞମାନେ ବି ଚେତାଇ ଦେଉଛନ୍ତି ଯେ କୃତ୍ରିମ ପଦାର୍ଥ ବ୍ୟବହାରରେ ଆଖିଦୃଶିଆ ପରିବର୍ତ୍ତନ, ବର୍ଜ୍ୟ ସାମଗ୍ରୀ ପୁନଃବ୍ୟବହାରକ୍ଷମ ଭିତ୍ତିଭୂମି ଓ ସରକାରୀ ନିୟମ ପ୍ରବର୍ତ୍ତନ ବିନା ଏ ଜନିତ ପାରିବେଶିକ ସମସ୍ୟା ସେମିତି ବୃଦ୍ଧି ପାଉଥିବ। ଏଥିଯୋଗୁଁ ପରିସଂସ୍ଥାନ ଓ ଜଳବାୟୁ ଧାରା ବି ଅତିରିକ୍ତ ଭାରାକ୍ରାନ୍ତ ହେଉଥିବ। ମଣିଷ ଥିଲେ ପ୍ରକୃତି ରହିଛି ଆଉ ପ୍ରକୃତିକୁ ଭଲ ପାଇଲେ ଏହା ବିପର୍ଯ୍ୟୟର କାରଣ ନୁହଁ ଜୀବନର ଆନନ୍ଦମୟ କ୍ଷେତ୍ର ହୋଇପାରିବ।**

ବର୍ତ୍ତମାନ ନେପାଳର ପ୍ରାକୃତିକ ବିପର୍ଯ୍ୟୟ ଏବଂ ଓଡ଼ିଶାରେ ବିଭିନ୍ନ ବନ୍ୟା ତଥା ଭୂସ୍ଖଳନ କହିବାକୁଗଲେ ଏକ ପ୍ରକାର ପରିବେଶଗତ କ୍ଷେତ୍ରକୁ ଯେତିକ ଚିନ୍ତିତ କରିନାହିଁ ସେତିକ ଉଦ୍‌ବେଗ ଯୋଡ଼ିଛି। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଆମମାନଙ୍କ ଦ୍ୱାରା ଉତ୍ପାଦିତ ପ୍ଲାଷ୍ଟିକର ପରିମାଣ ଏତେ ବଢ଼ିଗଲାଣି ଯେ ଦୁନିଆରେ ଥିବା ସମସ୍ତ ଜୀବଜନ୍ତୁଙ୍କୁ ମିଶାଇ ଓଜନ କଲେ ଯେତିକି ହେବ ପ୍ଲାଷ୍ଟିକର ଓଜନ ତା ଠାରୁ ଅଧିକ। କିଛି ଦିନ ତଳେ ନର୍ଥଇଷ୍ଟର୍ଣ୍ଣ ୟୁନିଭରସିଟିର ବରିଷ୍ଠ ଗବେଷକ ବୈଜ୍ଞାନିକ ଡକ୍ଟର ଅବିନାଶ ମଞ୍ଜୁଳା ବସବନ୍ନ। ସେ କହିଛନ୍ତି ଯେ 'ଏଯାବତ୍ ମନୁଷ୍ୟ ପ୍ରାୟ ୧୦୦ କୋଟି ଟନ ପ୍ଲାଷ୍ଟିକ ଉତ୍ପାଦନ କରିଛି। ପୃଥିବୀରେ ଥିବା ସମସ୍ତ ଜୀବଜନ୍ତୁଙ୍କୁ ମିଶାଇଲେ ସେମାନଙ୍କ ଓଜନ ୪୦୦ରୁ ୫୦୦ କୋଟି ଟନ ହେବ।' ଏଥିରୁ ଜଣାପଡୁଛି ଯେ ପ୍ରାୟ ୧୦୦ ବର୍ଷ ହେବ ଉତ୍ପତ୍ତି ହୋଇଥିବା ପ୍ଲାଷ୍ଟିକ ଏବେ ସମଗ୍ର ବିଶ୍ୱରେ ଥିବା ପ୍ରାଣୀ ସମଷ୍ଟିକୁ ଅତିକ୍ରମ କରିଗଲାଣି। ଆଧୁନିକ କଳକାରଖାନା କାର୍ଯ୍ୟକଳାପ ଯୋଗୁଁ ସମ୍ପ୍ରତି ଏଭଳି ଅସ୍ୱାଭାବିକ ପରିବେଶଗତ କୁପ୍ରଭାବ ଉପସ୍ଥିତ ହୋଇଛି। କେବଳ କଳକାରଖାନାର ବର୍ଜ୍ୟ ସାମଗ୍ରୀ ଓ କଳକାରଖାନା ପାଇଁ ଖରାପ ରାସ୍ତା ପାଇଁ ଯେଉଁପରି ଧୂଳି ଧୂଆଁ ପରିବେଶକୁ



ବିଷାକ୍ତ କରୁନାହିଁ ଅନେକ ଦୁର୍ଘଟଣା କରି ଧନଜୀବନର କାରଣ ହେଉଛି।

ପୃଥିବୀର ବିଖ୍ୟାତ ଇନସାଟ ପତ୍ରିକାର ତଥ୍ୟ ଅନୁଯାୟୀ 'ଯେ ମନୁଷ୍ୟକୃତ ପଦାର୍ଥ ସବୁ ସକଳ ପ୍ରାକୃତିକ ଜୀବସତ୍ତା ଓଜନ ସହିତ ଦ୍ରୁତ ବେଗରେ ସମକକ୍ଷ ହେଉଛି ଅଥବା ତାହାକୁ ଅତିକ୍ରମ କରିଯାଉଛି।'

ଭାରତରେ ପ୍ରବାହିତ ନଦୀମାନଙ୍କରେ ଦେଖାଦେଇଛି ଅନେକ ପ୍ଲାଷ୍ଟିକର ଅଂଶବିଶେଷ। ଏହି ପ୍ଲାଷ୍ଟିକ ଅଂଶବିଶେଷ ଅନେକ ସମୟରେ କେବଳ ପାଣିକୁ ବିଷାକ୍ତ ବା ସଂକ୍ରମଣ କରିନଥାଏ ବରଂ ଏହା ଜଳ ଅବରୋଧ କରିଥାଏ। କୃତ୍ରିମ ପଦାର୍ଥ ଓ ମାନବୀ ନିର୍ମାଣ କିଭଳି ପୃଥିବୀ ଗଠନର ଆଙ୍ଗିକ ଉପାଦନ ସବୁର ପୁନର୍ବିନ୍ୟାସ କରୁଛି ଏଗୁଡ଼ିକର ସମଷ୍ଟି ତାହା ଦର୍ଶାଇଉଛି। ଚିନ୍ତା ଉଦ୍ରେକକାରୀ କଥାଟି ହେଉଛି ଏସବୁ ପ୍ଲାଷ୍ଟିକ ଓ କୃତ୍ରିମ ସାମଗ୍ରୀଗୁଡ଼ିକରୁ ଅଧିକାଂଶ ପୁନଃପ୍ରକ୍ରିୟାଶୀଳ ନୁହେଁ ଅଥବା ସେଗୁଡ଼ିକୁ ପୁନଃକାର୍ଯ୍ୟକ୍ଷମ କରାଯାଇ ପାରିବ ନାହିଁ। ତେଣୁ ସେଗୁଡ଼ିକୁ ମାଟିରେ ପୋତାଯାଉଛି ଅଥବା ସମୁଦ୍ରରେ ଫିଙ୍ଗାଯାଉଛି। କିଛିଦିନ ତଳେ ମୁମ୍ବାଇର ଭାରତ ପ୍ରସିଦ୍ଧ ଜୁ ବିଚ୍‌ରେ ଗଦା ହୋଇଥିବା କୁଢ଼ କୁଢ଼ ଆବର୍ଜନା ସୋସିଆଲ ମିଡ଼ିଆରେ ଦେଖିଥିଲି। ଏହା ସହିତ ଯୁଦ୍ଧ ସମୟରେ ଯେଉଁ ତେଲ ସବୁ ସମୁଦ୍ର ବକ୍ଷରେ ନିଷ୍କାସିତ ହେଉଛି ବା ଧ୍ୱଂସ ପାଇ ବୁଡ଼ିଯାଇ ଏହା ସମୁଦ୍ରର କିଲୋମିଟର କିଲୋମିଟର ବ୍ୟାପୀ ଜଳରାଶିକୁ ବିଷାକ୍ତ କରୁଛି। ସର୍ବପ୍ରଥମେ ଜଳ ଜୀବମାନଙ୍କର ଅକାଳ ମୃତ୍ୟୁ ହୋଇ ଯାଉଛି ଏହା ସହିତ ପରିବେଶ ପ୍ରଦୂଷଣ, ଜୈବ ବିବିଧତା ନଷ୍ଟ ଓ ଜଳବାୟୁ ସମ୍ବନ୍ଧୀୟ ବିପଦ ବୃଦ୍ଧି ପାଉଛି।

ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି ଆମେମାନେ ସବୁ ଏହି କୃତ୍ରିମ ସାମଗ୍ରୀପୂର୍ଣ୍ଣ ଉପଯୋଗ ବି କରୁନାହୁଁ ଯାହାର ଅର୍ଥ ଆମେ ଏ ସବୁକୁ କିଛି କ୍ଷଣ ବ୍ୟବହାର ପାଇଁ କିଣି ଆବର୍ଜନା ଭାବେ ଫିଙ୍ଗି ଦେଉଛୁ। ତେଣୁ ପରିବେଶ ଅଧିକ ଭାରାକ୍ରାନ୍ତ ହେଉଛି। ବୈଜ୍ଞାନିକମାନେ ସାବଧାନ କରାଇ ଦେଇଛନ୍ତି ଯେ ଏତାଦୃଶ ବ୍ୟବହାର ଧାରା ବର୍ଜ୍ୟ ପରିଚାଳନାକୁ ମଧ୍ୟ ବଳିଯିବ। ତା ଛଡ଼ା କୃତ୍ରିମ ସାମଗ୍ରୀ ଉତ୍ପାଦନ ଜୀବାଶ୍ମ ଇନ୍ଧନ ଉପରେ ବିଶେଷ ନିର୍ଭରଶୀଳ। ସେଥିଯୋଗୁଁ ସବୁଜଗୃହ ବାଷ୍ପ ନିର୍ଗତ ହୋଇ ବିଶ୍ୱ ତାପନ କ୍ରିୟା ଦ୍ରୁତତର କରୁଛି। ନିତିଦିନିଆ ଜୀବନରେ ଅନେକ ଲୋକଙ୍କର ପ୍ଲାଷ୍ଟିକ ମୁଣାକୁ ଏଣେତେଣେ ବିଶେଷକରି ନାଳରେ ଫୋପାଡି ଦେବାର ଅଭ୍ୟାସ ରହିଛି। ଯାହାର କାରଣ ପାଇଁ ଜଳ ନିଷ୍କାସନ ସମସ୍ୟା ହୋଇଥାଏ ଓ ପରିବେଶ ମଧ୍ୟ କେବଳ ବିଷାକ୍ତ ହୋଇନଥାଏ ଏହା ମୁଖ୍ୟ ନାଳ ମିଶିବା ସ୍ଥଳୀରେ ଜଳରାଶିକୁ ଆବଦ୍ଧ କରି ଏକ ପ୍ଲାଷ୍ଟିକର ଛୋଟିଆ ପାହାଡ଼ ସୃଷ୍ଟି କରିଥାଏ।

ଖଣ୍ଡିଆ ଛୋଟିଆ ପ୍ଲାଷ୍ଟିକ ମୁଣା ମାଟିରେ ମିଶିବା ପାଇଁ କେତେ ସମୟ ନେଇଥାଏ ଏହା ଆମେ ଭଲ ଭାବେ ଜାଣିଛୁ। ଏସବୁ ସତ୍ତ୍ୱେ ଏଣେତେଣେ ପ୍ଲାଷ୍ଟିକ ମୁଣା, ସାମଗ୍ରୀ ଓ ପାଣି ବୋଟଲ ଫୋପାଡ଼ିବାର ଅଭ୍ୟାସ ଭଲ ଭାବେ ଯାଇନାହିଁ। ବେଳେ ବେଳେ ସରକାରଙ୍କ ଏକ ନିର୍ଦ୍ଦିଷ୍ଟ ସମୟରେ ପ୍ଲାଷ୍ଟିକ ବର୍ଜ୍ୟ ସାମଗ୍ରୀକୁ ପ୍ରଦାନ କରି ବିନିମୟରେ ପୁରସ୍କାର ବ୍ୟବସ୍ଥା ବେଶ୍ ଲୋକପ୍ରିୟ ହୋଇଥିଲା। କିନ୍ତୁ ଏହା ନିୟମିତ ହେବା ଦରକାର। ସେହିପରି ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଏଣେ ପୁନଶ୍ଚ ପ୍ଲାଷ୍ଟିକ ପ୍ରଦୂଷଣ ସାମୁଦ୍ରିକ ପରିସଂସ୍ଥାନ, ମୃତ୍ତିକା ଓ ମାଇକ୍ରୋପ୍ଲାଷ୍ଟିକ ରୂପେ ମନୁଷ୍ୟ ଖାଦ୍ୟ ଶୃଙ୍ଖଳାରେ ବି ଅନୁପ୍ରବେଶ କରିସାରିଛି।

ଜଳବାୟୁ ସଙ୍କଟ ସମାଧାନ ନିମିତ୍ତ ବୈଷୟିକ ଉଦ୍ଭାବନ ଓ ପାରିବେଶିକ କୁପ୍ରଭାବରହିତ ସାମଗ୍ରୀ ଗବେଷଣ ପ୍ରୟୋଜନ ସତ୍ୟ, କିନ୍ତୁ ଆମମାନଙ୍କର ନିଷ୍ଠାପରତା, ପ୍ରତିବଦ୍ଧତା ଉପର ବି ଏ ସଙ୍କଟ ସମାଧାନ ବହୁ ମାତ୍ରାରେ ନିହିତ ରହିଛି। ଯାହାର ଅର୍ଥ ଆମେ ଦାୟିତ୍ୱଶୀଳ ହୋଇ କେବଳ କୃତ୍ରିମ ପଦାର୍ଥର ଉପଯୁକ୍ତ ଓ ସୀମିତ ଉତ୍ପାଦନ ସହିତ ଏହାର ବ୍ୟବହାର ପାଇଁ ଦୃଷ୍ଟି ଦେବା। ଏ କ୍ଷେତ୍ରରେ ବିଶେଷଜ୍ଞମାନେ ବି ଚେତାଇ ଦେଉଛନ୍ତି ଯେ କୃତ୍ରିମ ପଦାର୍ଥ ବ୍ୟବହାରରେ ଆଖିଦୃଶିଆ ପରିବର୍ତ୍ତନ, ବର୍ଜ୍ୟ ସାମଗ୍ରୀ ପୁନଃବ୍ୟବହାରକ୍ଷମ ଭିତ୍ତିଭୂମି ଓ ସରକାରୀ ନିୟମ ପ୍ରବର୍ତ୍ତନ ବିନା ଏ ଜନିତ ପାରିବେଶିକ ସମସ୍ୟା ସେମିତି ବୃଦ୍ଧି ପାଉଥିବ। ଏଥିଯୋଗୁଁ ପରିସଂସ୍ଥାନ ଓ ଜଳବାୟୁ ଧାରା ବି ଅତିରିକ୍ତ ଭାରାକ୍ରାନ୍ତ ହେଉଥିବ। ମଣିଷ ଥିଲେ ପ୍ରକୃତି ରହିଛି ଆଉ ପ୍ରକୃତିକୁ ଭଲ ପାଇଲେ ଏହା ବିପର୍ଯ୍ୟୟର କାରଣ ନୁହଁ ଜୀବନର ଆନନ୍ଦମୟ କ୍ଷେତ୍ର ହୋଇପାରିବ। ଏ ସବୁଥିରେ ନିଜ ଜୀବନଚର୍ଯ୍ୟା, ଆଦର୍ଶ ଓ ପ୍ରକୃତିକୁ ଭଲ ପାଇବା ସହିତ ସବୁଜ ପରିବେଶକୁ ନିଷ୍ଠାପରତା ରଖିବା ଓ ଜଳବାୟୁ ସହିତ ନିଜ ଆଖପାଖର କ୍ଷେତ୍ରକୁ ପରିଷ୍କାର ପରିଚ୍ଛନ୍ନ କରିବା ହିଁ ବଡ଼ ଦାୟିତ୍ୱ ନିଷ୍ଠତା।

କଟକ, ମୋ : ୯୬୫୮୧୦୫୫୩୨

# ସାଲେପୁର ଫାର୍ମାସି କଲେଜକୁ ସ୍ୱୟଂଶାସିତ ମାନ୍ୟତା

ସାଲେପୁର,୮।୯ (ନିପ୍ର): ସାଲେପୁରର ବୈଷୟିକ ଶିକ୍ଷା ଅନୁଷ୍ଠାନ 'ଇନଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସି ଏଣ୍ଡ ଟେକ୍ନୋଲୋଜି' (ଆଇପିଟି) କୁ ବିଶ୍ୱବିଦ୍ୟାଳୟ ଅନୁଦାନ କମିଶନ (ୟୁଜିସି) ସ୍ୱତନ୍ତ୍ର ବର୍ଗରେ ସ୍ୱୟଂଶାସିତ ଅନୁଷ୍ଠାନ (ଅଟୋନୋମସ ଷ୍ଟାଟସ) ଭାବେ ଓଡ଼ିଶା ୟୁନିଭରସିଟି ଅଫ୍ ହେଲଥ୍ ସାଇନ୍ସ ପକ୍ଷରୁ ଅନୁମୋଦନ ପ୍ରଦାନ କରାଯାଇଛି। ଏହା ଦ୍ୱାରା ଶିକ୍ଷାନୁଷ୍ଠାନକୁ ନିଜସ୍ୱ ପାଠ୍ୟକ୍ରମ, ପରୀକ୍ଷା ପଦ୍ଧତି ପରିଚାଳନା କରିବା ନିମନ୍ତେ ସ୍ୱତନ୍ତ୍ର ଅନୁମତି ପ୍ରଦାନ କରାଯାଇଛି। ଏହା ଦ୍ୱାରା ଶିକ୍ଷାନୁଷ୍ଠାନରେ ଅନୁକୂଳ ଶୈକ୍ଷିକ ବାତାବରଣରେ ଫାର୍ମାସିର ଗୁଣାତ୍ମକ ଶିକ୍ଷ ପ୍ରଦାନ, ବିଜ୍ଞାନ ଗବେଷଣା ଓ ଛାତ୍ରଛାତ୍ରୀମାନଙ୍କ ଦକ୍ଷତା ବିକାଶ କ୍ଷେତ୍ରରେ ଫଳପଦ ହୋଇପାରିବ। ଏହି ସଫଳତା ସମ୍ପର୍କରେ ପ୍ରକାଶ କରି ସାଲେପୁର ଫାର୍ମାସି କଲେଜର ଅଧକ୍ଷ ଡ. ସୁଧାଂଶୁ ରଞ୍ଜନ ସ୍ୱାଇଁ ଓ ପ୍ରଫେସର ପ୍ରଦୀପ କୁମାର ସିହ୍ନା ସୂଚନା ଅନୁଯାୟୀ ୧୯୮୨-୮୩ ଶିକ୍ଷା ବର୍ଷରେ ଆରମ୍ଭ ସମୟରେ ମାତ୍ର ୫ ଜଣ ପାର୍ଟ ଟାଇମ ସଦସ୍ୟଙ୍କୁ ନେଇ ଆରମ୍ଭ ହୋଇଥିବା ଏହି କଲେଜ ଆଜି ସ୍ୱୟଂଶାସିତ ମାନ୍ୟତା ପାଇବାରେ ସମଗ୍ର ଓଡ଼ିଶାରେ ପ୍ରଥମ ଓ ଫାର୍ମାସି କଲେଜ, ଶିକ୍ଷାକ୍ଷେତ୍ରରେ ଏକ ଦୃଷ୍ଟାନ୍ତମୂଳକ ମାଇଲଖୁଣ୍ଟ ସ୍ଥାପନ କରିଛି। ଏଠାରେ ରାଜ୍ୟ ଓ ରାଜ୍ୟ ବାହାରୁ ଅନେକ ପିଲା ଆସି ପାଠ ପଢୁଥିବା ବେଳେ ନାକ୍ ଟିମ୍‌ର ଯାଞ୍ଚ ଓ ମୂଲ୍ୟାୟନ ପରେ ଏହି ଫର୍ମାସୀ କଲେଜକୁ ସ୍ୱୟଂଶାସିତ ମାନ୍ୟତା ପ୍ରଦାନ କରାଯାଇଥିବାରୁ ଓଡ଼ିଶା ୟୁନିଭରସିଟି ଅଫ୍ ହେଲଥ୍ ସାଇନ୍ସର କୁଳପତି, ଅଧିକାରୀ ଓ ଜିପିଏଟିର ସମସ୍ତ କର୍ମଚାରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ସାଲେପୁର ଫାର୍ମାସି କଲେଜର ଏହି ଐତିହାସିକ ସଫଳତା ପାଇଁ ପରିଚାଳନା କମିଟିର ସମ୍ପାଦକ, ସଭାପତି, ସଦସ୍ୟ, ଅଧାପକ-ଅଧାପିକା, କର୍ମଚାରୀ, ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ, ଅଭିଭାବକଙ୍କ ମଧ୍ୟରେ ଆନନ୍ଦର ବାତାବରଣ ଖେଳି ଯାଇଛି।

# ବୌଦ୍ଧରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବୌଦ୍ଧ,୮।୯ (ନିପ୍ର): ବୌଦ୍ଧ ଟାଉନ୍ ହଲ୍ ରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଠାରେ ସମୁଦାୟ ୮୫ଜଣ ଭିନ୍ନକ୍ଷମ ପଞ୍ଜୀକରଣ କରିଥିଲେ। ୪୮ ଜଣଙ୍କୁ ଭିନ୍ନକ୍ଷମ ସାର୍ଟିଫିକେଟ ପ୍ରଦାନ ପାଇଁ ଚିହ୍ନଟିକରଣ, ୨୩ ଜଣଙ୍କୁ ବସ ପାସ,୦୧ ଜଣ ଭିନ୍ନକ୍ଷମକୁ ହୁଇଲ ଚେୟାର, ଡି ଆର୍ ଆଇ ଋଣ ପାଇଁ ୦୨ ଜଣ ଭିନ୍ନକ୍ଷମ ଚିହ୍ନଟ, ଭିନ୍ନକ୍ଷମ ଉପକରଣ ପାଇଁ ୦୯ ଜଣ ଚୟନ ଓ ଅନ୍ୟାନ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ପାଇଁ ହିତାଧିକାରୀ ଚୟନ କରାଗଲା । ଏହା ଉପରେ ସମସ୍ତଙ୍କୁ ସଚେତନ କରାହେଲା। କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୌଦ୍ଧ ଯୁଗଳ କିଶୋର ବିଶ୍ୱାଳ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରାଜିନ୍ଦ୍ର କିଶାନ୍ ଉପସ୍ଥିତ ରହି ଭିନ୍ନକ୍ଷମ ମାନଙ୍କୁ ସଚେତନ ଓ ବିଭିନ୍ନ ସହାୟତା ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ, ବୌଦ୍ଧ ବ୍ଲକ୍, ମ୍ୟୁନିସିପାଲଟି ବୌଦ୍ଧ, ମହିଳା ଓ ଶିଶୁ ବିକାଶ ବିଭାଗ ଓ ଜିଲ୍ଲାର ବିଭିନ୍ନ ବିଭାଗ ଅଧିକାରୀ ଓ କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କର୍ତ୍ତବ୍ୟ ସହ ମାନବିକତାର ପରିଚୟ ଦେଲେ ରାଉରକେଲା ଗୃହରକ୍ଷୀ

ରାଉରକେଲା,୮।୯ (ନିପ୍ର): ସେପ୍ଟେମ୍ବର ୩ ତାରିଖ ଦିନ ରାଉରକେଲା ରିଙ୍ଗ୍ ରୋଡ୍ ନିକଟରେ ଘଟିଥିବା ଏକ ସଡ଼କ ଦୁର୍ଘଟଣା ସମୟରେ ଛେଣ୍ଡ ଥାନାର ପିସିଆର ଗାଡ଼ିରେ କାର୍ଯ୍ୟରତ ଗୃହରକ୍ଷୀ ଅଞ୍ଜନା ମାଝୀ ଅସାଧାରଣ ସାହସ, ଧୈର୍ଯ୍ୟ, ତତ୍ପରତା ଓ ମାନବିକତାର ପରିଚୟ ଦେଇଛନ୍ତି। ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ତୁରନ୍ତ ସହାୟତା ପ୍ରଦାନ କରି ତାଙ୍କ ଜୀବନ ରକ୍ଷା ପାଇଁ ସେ ସମସ୍ତ ପ୍ରୟାସ କରିଥିଲେ। ସୂଚନା ଅନୁସାରେ ସେପ୍ଟେମ୍ବର ୩ ତାରିଖ ଗୁରୁବାର ରାଉରକେଲା ରିଙ୍ଗ ରୋଡ଼ ପ୍ଲୁଟୋନ୍ ମଲ୍ ନିକଟରେ ଏକ କାର ସହିତ ବାଇକ୍ ଚାଳକଙ୍କ ସଡ଼କ ଦୁର୍ଘଟଣା ସମୟରେ, ଛେଣ୍ଡ ପୋଲିସ ଷ୍ଟେସନର ପିସିଆର ଗାଡ଼ିରେ ନିୟୋଜିତ ହୋମଗାର୍ଡ ଅଞ୍ଜନା ମାଝୀ ଅସାଧାରଣ ସାହସ, ତତ୍ପରତା ଏବଂ ମାନବିକତା ପ୍ରଦର୍ଶନ କରି ଦୁର୍ଘଟଣାରେ ଗୁରୁତର ଆହତ ବାଇକ୍ ଚାଳକଙ୍କୁ ଗୋଟିଏ ମୁହୂର୍ତ୍ତ ମଧ୍ୟ ଡେରି ନକରି, ଆହତ ପୀଡିତଙ୍କୁ ସହାୟତା କରିବାକୁ ଦୌଡ଼ିଗଲେ ଏବଂ ସିପିଆର (କାର୍ଡିଓପଲମୋନାରୀ ରିସସିଟେସନ) କଲେ। ବ୍ୟକ୍ତିର ଜୀବନ ବଞ୍ଚାଇବା ପାଇଁ ସେ ଯଥାସମ୍ଭବ ପ୍ରୟାସ କରିଥିଲେ। ତାଙ୍କର ଏହି ପ୍ରୟାସ, କର୍ତ୍ତବ୍ୟ ପ୍ରତି ସମର୍ପଣ, ସାହସ ଏବଂ କରୁଣାପୂର୍ଣ୍ଣ କାର୍ଯ୍ୟକୁ ସ୍ୱୀକୃତି ଦେଇ, ରାଉରକେଲା ପୋଲିସ ଅଧିକ୍ଷକ ନିତେଶ ୱାଧୱାନୀ ହୋମଗାର୍ଡ ଅଞ୍ଜନା ମାଝୀଙ୍କୁ ତାଙ୍କର ଅନୁକରଣୀୟ ସେବା ପାଇଁ ସମ୍ମାନିତ କରିଛନ୍ତି। ରାଉରକେଲା ପୋଲିସ ପାଇଁ ଏକ ଗର୍ବର ମୁହୂର୍ତ୍ତ ହୋଇଥିବା ବେଳେ ତାଙ୍କର କାର୍ଯ୍ୟ ଆମକୁ ମନେ ପକାଇ ଦିଏ ଯେ ପ୍ରକୃତ ପୋଲିସିଂ କେବଳ ଆଇନ ଶୃଙ୍ଖଳା ବଜାୟ ରଖିବା ନୁହେଁ, ଲୋକଙ୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ସେମାନଙ୍କ ପାଖରେ ଠିଆ ହେବା ଏବଂ ମାନବ ଜୀବନକୁ ସୁରକ୍ଷା ଦେବା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ମଧ୍ୟ। ସାହସ ସହିତ କର୍ତ୍ତବ୍ୟ, ମାନବିକତା ସହିତ ସେବା। ତାଙ୍କର ତ୍ୱରିତ ପଦକ୍ଷେପ, କର୍ତ୍ତବ୍ୟନିଷ୍ଠା, ସାହସ ଓ ମାନବିକତାପୂର୍ଣ୍ଣ ପଦକ୍ଷେପକୁ ସ୍ୱୀକୃତି ଦେଇ ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ୱାଧୱାନୀଙ୍କ ପକ୍ଷରୁ ଗୃହରକ୍ଷୀ ଅଞ୍ଜନା ମାଝୀଙ୍କୁ ସମ୍ମାନିତ କରାଯାଇଛି। ରାଉରକେଲା ପୋଲିସ ପାଇଁ ଏହା ଏକ ଗର୍ବ ଓ ଗୌରବର ମୁହୂର୍ତ୍ତ। ଏହା କର୍ତ୍ତବ୍ୟ ସହ ମାନବିକତାର ଏକ ସୁନ୍ଦର ସମନ୍ୱୟ ଦେଖିବାକୁ ମିଳେ।

# ନବ ନିଯୁକ୍ତ ସଂଖ୍ୟା ଲଘୁ ସେଲ ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା

ତରଭା,୮।୯ (ନିପ୍ର); ସୁବର୍ଣ୍ଣପୁର ଜିଲ୍ଲା ପାଇଁ ସଂଖ୍ୟା ଲଘୁ ସେଲର ସଭାପତି ଭାବେ ବିଜୁ ଜନତା ଦଳର ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତରଭା ସହରାଞ୍ଚଳ ୱାର୍ଡ ନଂ ୬ର କାଉନସିଲର ଆକବର ଅଲ୍ଲୀଙ୍କୁ ନିଯୁକ୍ତ କରିଥିବାରୁ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି। ଏ ଉପଲକ୍ଷେ ସୋମବାର ଅପରାହ୍ନ ରେ ୱାର୍ଡ଼ ନଂ ୬ର ଏସଏଚଜି ଗୃହରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ବିଜୁ ଜନତା ଦଳର ଜିଲ୍ଲା ସଭାପତି ସରୋଜ କମ୍ପ, ସମ୍ମାନିତ ଅତିଥି ଭାବେ ମଧୁସୂଦନ ପାଣ୍ଡେ, କାଉନସିଲର ବିଦ୍ୟାଧର ଦେହେରି, ମାନଭଞ୍ଜନ ମିଶ୍ର, ଅନ୍ତର୍ଯ୍ୟାମୀ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ, ସଭାରେ ସହଦେବ ନାଏକ ଅଧ୍ୟକ୍ଷତା କରିଥିଲେ। ଜନସାଧାରଣଙ୍କ ତରଫରୁ ଆକବର ଅଲ୍ଲୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କଲାପରେ ଆଗାମୀ ଦିନରେ ଶ୍ରୀ ଅଲ୍ଲୀଙ୍କ ନେତୃତ୍ୱରେ ସଂଖ୍ୟା ଲଘୁମାନଙ୍କର ବିଭିନ୍ନ ସମସ୍ୟା ନେଇ ରହିଥିବା ଅସୁବିଧାର ସମାଧାନ ହୋଇ ପାରିବ ବୋଲି ଶ୍ରୀ କମ୍ପ ପ୍ରକାଶ କରିଥିଲେ।

# ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଭୁଲ ରକ୍ତ ନମୁନା ରିପୋର୍ଟ ଅଭିଯୋଗ
# ରୋଗୀଙ୍କ ଜୀବନ ସହ ଖେଳୁଛନ୍ତି କର୍ମଚାରୀ

ଚମ୍ପୁଆ,୮।୯ (ନିପ୍ର): ଚମ୍ପୁଆ ସ୍ଥିତ ଉପଖଣ୍ଡ ଚିକିତ୍ସାଳୟକୁ ଚମ୍ପୁଆ ସହର ଓ ଆଖପାଖରେ ଥିବା ଗ୍ରାମାଞ୍ଚଳ ସହିତ ପଡ଼ୋଶୀ ଝାଡ଼ଖଣ୍ଡ ଅଞ୍ଚଳରୁ ଦୈନନ୍ଦିନ ଶହ ଶହ ରୋଗୀ ଚିକିତ୍ସା ପାଇଁ ଆସି ଥାଆନ୍ତି। ଚିକିତ୍ସାଳୟରେ ଥିବା ଡାକ୍ତରମାନେ ରୋଗୀଙ୍କୁ ଦେଖିବା ପରେ ଆବଶ୍ୟକ ସ୍ଥଳେ ରୋଗ ନିରୂପଣ କରିବା ପାଇଁ ରକ୍ତ ନମୁନା ପରୀକ୍ଷା କରିବା ପାଇଁ ପରାମର୍ଶ ଦେଇଥାନ୍ତି। ରକ୍ତ ନମୁନା ରିପୋର୍ଟ ଦେଖିବା ପରେ ଡାକ୍ତର ରୋଗୀଙ୍କୁ ରୋଗ ଅନୁସାରେ ଔଷଧ ଖାଇବା ପାଇଁ ପରାମର୍ଶ ଦେଇ ଥାଆନ୍ତି। କିନ୍ତୁ ରକ୍ତ ନମୁନା ରିପୋର୍ଟରେ ଯଦି ଭୁଲ ରହିଲା ତେବେ ତ କଥା ସରିଲା। ଭୁଲ ରକ୍ତ ନମୁନା ରିପୋର୍ଟ ଅନୁସାରେ ଯଦି ଡାକ୍ତର ରୋଗୀଙ୍କୁ ଭୁଲ ଔଷଧ ଲେଖି ଦିଅନ୍ତି ତେବେ ରୋଗୀଙ୍କ ଜୀବନ ମଧ୍ୟ ଯାଇପାରେ। ଯଦି ଜୀବନ ନ ଗଲା ତେବେ ଅନ୍ୟ କୌଣସି ଦୁରାରୋଗ୍ୟ ବ୍ୟାଧି ମଧ୍ୟ ହୋଇପାରେ। ଠିକ୍ ଏପରି ଏକ ଘଟଣା ଘଟି ଯାଇଛି ଚମ୍ପୁଆ ନିବାସୀ ମନୋଜ କୁମାର ରାମଙ୍କ ସହିତ। ସୂଚନା ଅନୁସାରେ ମନୋଜଙ୍କ ସ୍ତ୍ରୀ ଭାବନା ରାମଙ୍କ ଦେହ ଅସୁସ୍ଥ ରହିବା ସହିତ ତାଙ୍କ ଦେହ ହାତ ବ୍ୟଥା ହେଉଥିଲା। ତେଣୁ ମନୋଜ ତାଙ୍କ ସ୍ତ୍ରୀଙ୍କୁ ନେଇ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ଯାଇଥିଲେ। ଡାକ୍ତର ରୋଗୀଙ୍କୁ ସମସ୍ତ ପ୍ରକାର ରକ୍ତ ପରୀକ୍ଷା କରିବା ପାଇଁ ପରାମର୍ଶ ଦେଇଥିଲେ। କିନ୍ତୁ ଯେତେ ବେଳେ ରକ୍ତ ନମୁନା ରିପୋର୍ଟ ଆସିଲା ସେଥିରେ ସିରମ ୟୁରିଆ ୬୯ ଏମ.ଜି ଓ ସିରମ୍ କ୍ରେଟିନିନ ୪ ଏମ.ଜି ରହିଥିଲା। ମନୋଜ ଏହି ରିପୋର୍ଟ ଦେଖି ସନ୍ଦେହ ପ୍ରକାଶ କରିଥିଲେ। କାରଣ ଏପରି ରିପୋର୍ଟ ସାଧାରଣତଃ କିଡନୀ ଖରାପ ହେବାର ସଂକେତ ସୂଚାଇ ଥାଏ। ତେଣୁ ସେ ଡାକ୍ତରଙ୍କ ପରାମର୍ଶ ନେବା ପୂର୍ବରୁ ଚମ୍ପୁଆରେ ଥିବା ଦୁଇଟି ଘରୋଇ ପାଥୋଲାବରେ ପୁନର୍ବାର ତାଙ୍କ ସ୍ତ୍ରୀଙ୍କ ରକ୍ତ ନମୁନା ପରୀକ୍ଷା କରିବା ପାଇଁ ଦେଇଥିଲେ। ଗୋଟିଏ ପାଥୋଲାବ ରିପୋର୍ଟରେ ସିରମ ୟୁରିଆ ୨୦.୬ ଏମ.ଜି ଓ ସିରମ୍ କ୍ରେଟିନିନ ୭ ଏମ.ଜି ରହିଥିବା ବେଳେ ଅନ୍ୟ ପାଥୋଲାବ ରିପୋର୍ଟରେ ୟୁରିଆ ୨୧.୩ ଏମ.ଜି ଓ ସିରମ୍ କ୍ରେଟିନିନ ୯ ଏମ.ଜି ରହିଥିଲା। ଉକ୍ତ ଦୁଇଟି ରିପୋର୍ଟ ଅନୁସାରେ ରୋଗୀଙ୍କ କିଡନୀ ଠିକ୍ ଥିବା ଜଣା ପଡିଥିଲା। ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରୁ ଭୁଲ୍ ରକ୍ତ ନମୁନା ରିପୋର୍ଟ ପାଇବା ନେଇ ସୁନିଶ୍ଚିତ ହେବା ପରେ ମନୋଜ କୁମାର ରାମ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର ଏସଡିଏମଓଙ୍କୁ ରକ୍ତ ନମୁନା ପରୀକ୍ଷା କରିଥିବା କର୍ମଚାରୀଙ୍କ ବିରୋଧ ରେ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଏହା ସହିତ ସେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର ରକ୍ତ ନମୁନା ପରୀକ୍ଷାଗାର ରେ ଅଭିଜ୍ଞ ଓ ଅନୁଭବ ସମ୍ପନ୍ନ କର୍ମଚାରୀ ନିୟୋଜିତ କରିବା ପାଇଁ ଦାବି କରିଛନ୍ତି ଯେପରି ଭବିଷ୍ୟତରେ କେହି ତାଙ୍କ ପରି ଆର୍ଥିକ କ୍ଷତି ଓ ମାନସିକ ଯନ୍ତ୍ରଣାର ଶିକାର ନ ହୁଅନ୍ତୁ।

# ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

ପାରଳାଖେମଣ୍ଡି,୮।୯(ନିପ୍ର):ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ସଂଯୁକ୍ତ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନନାଗା, ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର ଅଭିଯୋଗ ଶୁଣାଣି କରିଥିଲେ। ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିରରେ ମୋଟ- ୭୭ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୬୭ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା ୧୦ ଅଭିଯୋଗ ଆସିଥିଲା। ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସରକାରୀ ନିୟମକୁ ବେଖାତିର

କେନ୍ଦୁଝର,୮।୯ (ନିପ୍ର); ଜିଲ୍ଲା ସାହାରପଡା ବ୍ଲକ ବେଗନା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସରକାରୀ ନିୟମକୁ ଉଲ୍ଲଙ୍ଘନ କରିବା ସହ ଆସାମାଜିକ କାର୍ଯ୍ୟକଳାପ ପ୍ରଶ୍ରୟ ଦେଉଥିବା ଫଳରେ ବିଦ୍ୟାଳୟ ପରିସର ସଂପୂର୍ଣ୍ଣ କଳୁଷିତ ହୋଇ ଯାଇଛି, ଶିକ୍ଷୟିତ୍ରୀ ଏଠାରେ ସପରିବାର ରହନ୍ତି, ତାଙ୍କର ସ୍ୱାମୀ ଅଧିକାଂଶ ସମୟରେ କିଛି ଅସାମାଜିକ ବ୍ୟକ୍ତି ସହ ବିଦ୍ୟାଳୟ ପରିସର ମଧ୍ୟରେ ମଦ୍ୟପାନ କରିବା ସହିତ ମାଂସ ଖାଉଥିବା ପରିଲକ୍ଷିତ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ସ୍କୁଲ ଛୁଆଙ୍କ ମଧ୍ୟାହ୍ନଭୋଜନ ଖାଦ୍ୟପେୟ ଅତି ନିମ୍ନମାନର ଦିଆଯାଉଛି। ଅଧିକାଂଶ ରୁମରେ ଫ୍ୟାନ୍ ମଧ ବୁଲୁନାହିଁ । ଆଶ୍ଚର୍ଯ୍ୟର କାଥା କାହା ଛତ୍ରଛାୟା ତଳେ ରହି ନିଜ ଷ୍ଟାଫ ଓ ସ୍କୁଲର କମିଟିର ସଭ୍ୟମାନଙ୍କୁ ବେଖାତିର କରିବା ସହିତ, ସେହି ସ୍କୁଲ ପରିସରରେ ଜଣେ ପୂଜକ ସେ ତାର ସପରିବାର ସାତ ଆଠ ଜଣ ରହୁଛନ୍ତି । ଯାହାକି ସେହି ବିଦ୍ୟାଳୟରେ ରହିବା ତାଙ୍କ ଅଧିକାର ନାହିଁ, ସେମାନେ ସ୍କୁଲ ଭିତରେ ଥିବା ଲାଟ୍ରିନ ବାଥରୁମ ସେମାନେ ହିଁ ବ୍ୟବହାର କରୁଛନ୍ତି। ସ୍କୁଲ ଛୁଆ ସେପଟେ ଛାଡ଼ନ୍ତି ନାହିଁ, କାରଣ ସେମାନେ ନିର୍ଦ୍ଦିଷ୍ଟ ଜାତିର, ଛୁଆ ସବୁ ନୀଚ ଜାତିର ବୋଲି ସେହି ରୁମ ପଟେ ଯିବା ମନା, ଏଭଳି ବିଦ୍ୟାମନ୍ଦିର ଭିତରେ ଜଣେ ପୂଜକ ସହ ପରିବାର ରହିବାକୁ ଅଧିକାର ଦେଲା କିଏ ବୋଲି ସାଧାରଣରେ ପ୍ରଶ୍ନ କରାଯାଇଛି ? ଏ ସବୁ ବିଷୟ ବ୍ଲକ ଶିକ୍ଷା ଅଧିକାରଙ୍କୁ ଜଣାଇଲେ ମଧ ଅଧିକାରୀ କାହିଁକି ନିରବଦ୍ରଷ୍ଟା, ପଦକ୍ଷେପ ନେବାର ଅବହେଳା ଜଣାପଡୁ ଥିବା କୁହାଯାଉଛି । ଏଣୁ ସ୍କୁଲ କମିଟିର ସବୁ ସଭ୍ୟ ଅତିଷ୍ଠ ହୋଇ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯାଇଛି ।

ଗ୍ରାମ ଲୋକ କମିଟି ଚାହୁଁଛନ୍ତି ସେଠାକାର ପ୍ରଧାନ ଶିକ୍ଷୟିତ୍ରୀ ତୁରନ୍ତ ବଦଳି କରାଯାଉ ତତ ସହିତ ସେଠାରେ ରହୁଥିବା ପୂଜକଙ୍କୁ ବାହାର କରାଯାଉ। ଏବେ କୋର୍ଟ ଅର୍ଡର ଦେଇଛି ଯେ ସ୍କୁଲ ଭିତରକୁ , ୟୁଟୁବର, ଅନ୍ୟ କୌଣସି ଲୋକ ପ୍ରବେଶ ନିଷେଧ , ଯଦି ପ୍ରବେଶ କରନ୍ତି ତାହେଲେ ପରମିସନ ନେଇ ପଶିବେ । ଏପରି ସ୍ଥଳେ ବେଗନା ଗ୍ରାମ ବିଦ୍ୟାଳୟରେ ପୂରା ଓଲଟା। ବିଦ୍ୟାଳୟ ସୌନ୍ଦର୍ଯ୍ୟକରଣ କଥା ନ କହିବା ଭଲ। ସେଠାକାର ପରିବେଶ ସମ୍ପୂର୍ଣ କଳୁଷିତ ହୋଇଯାଉଛି । ଗ୍ରାମର କିଛି ବୁଦ୍ଧିଜୀବୀ ଆଲୋଚନା କରବା ପାଇଁ ଗଲେ ବେଖାତିର କରି ଏଡାଇ ଦେଉଛନ୍ତି, ନିଜ ମଦ୍ୟପ ସ୍ୱାମୀ ମଧ ସେ ପ୍ରଧାନ ଶିକ୍ଷୟିତ୍ରୀ ସହିତ ଗ୍ରାମବାସୀଙ୍କୁ ବ୍ୟବହାର ଠିକ୍ କରନ୍ତି ନାହିଁ । ଏଣୁ ବିଦ୍ୟାଳୟ ପାଠପଢ଼ା ପରିବେଶ ଠିକ ନ ଥିବା ଜଣାପଡୁଛି , ପରିବେଶ ଦୂଷିତ କଳୁଷିତ ହୋଇ ଯାଇଛି । ଫଳରେ ଛୋଟ ଛୋଟ କୋମଳମତୀ ଶିଶୁଙ୍କ ଭବିଷ୍ୟତ ଅନ୍ଧକାର ଆଡକୁ ଜାଣିଶୁଣି ଠେଲିଦିଆଯାଉଛି । ସ୍କୁଲ କମିଟିର ସଭ୍ୟମାନେ ଚନ୍ଦନ ସେଠୀ, ବିଜୟ ସେଠୀ, କେଶବ ମହାରଣା, ସୁନିତା ସେଠୀ, ଝାନସୀରାଣୀ ସେଠୀ, ମଲି ପଲଦା, ଭବାନୀ ସେଠୀ, ସ୍ୱେତା କୁମାର ସେଠୀ, ପ୍ରବଣ ନାଏକ ପ୍ରମୁଖ ବ୍ଲକ ଶିକ୍ଷାଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

# ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କରେ ବୈଠକ


ଯାଜପୁର,୮।୯ (ନିପ୍ର); ଯାଜପୁର ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧକ୍ଷତାରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ବର୍ତ୍ତମାନ ସ୍ଥିତି ଏବଂ ପରବର୍ତ୍ତୀ କାର୍ଯ୍ୟସୂଚୀ ସମ୍ପର୍କରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ୭ଟି ନିର୍ବାଚନ ମଣ୍ଡଳୀର ଚିଠା ଭୋଟର ତାଲିକାରେ ତ୍ରୁଟି, ନାମ ବାଦ ପଡ଼ିବା, ସଂଶୋଧନ ଆବଶ୍ୟକତା ଓ ଚିହ୍ନଟ ଅସଙ୍ଗତି ସମ୍ପର୍କିତ ଦାବି ଏବଂ ଆପତ୍ତି ଉପରେ ନୋଟିସ ପ୍ରଦାନ ସହ ଶୁଣାଣି ପ୍ରକ୍ରିୟା ସଫଳତାର ସହ ସମାପ୍ତ ହୋଇଥିବା ନେଇ ବୈଠକରେ ସୂଚନା ଦିଆଯାଇଥିଲା। ଭୋଟର ତାଲିକାରେ



ସ୍ୱଚ୍ଛତା, ନିର୍ଭୁଲତା ଓ ବିଶ୍ୱସନୀୟତା ବଜାୟ ରଖିବା ଉଦ୍ଦେଶ୍ୟରେ ସମସ୍ତ ଦାବି ଓ ଆପତ୍ତିର ଯାଞ୍ଚ ଏବଂ ନିଷ୍ପତ୍ତି ପ୍ରକ୍ରିୟା ଶେଷ ହୋଇଥିବା ବେଳେ, ଆସନ୍ତା ସେପ୍ଟେମ୍ବର ୨୧ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ସମ୍ପର୍କରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଅବଗତ କରାଯାଇଥିଲା। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସମେତ ସମସ୍ତ ନିର୍ବାଚନ ମଣ୍ଡଳୀର ବୁଥ୍ ସ୍ତରୀୟ ଏଜେଣ୍ଟ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ସିଡିଓ ଦେବୀପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ,ଅତିରିକ୍ତ ଉପଜିଲ୍ଲାପାଳ, ଅତିରିକ୍ତ ସିଡିଓ,ଡେପୁଟି କଲେକ୍ଟର, ନିର୍ବାଚନ, ଅଶୋକ କୁମାର ଦେହୁରୀ,ବିଭାଗୀୟ ଅଧିକାରୀ ଦେବେନ୍ଦ୍ର ନାଥ କର ପ୍ରମୁଖ ଉପସ୍ଥିତ ରହି ଆଲୋଚନା ରେ ଅଂଶଗ୍ରହଣ କରିଥିଲେ।

# ଶ୍ରମବିଭାଗରେ ଫାଇଲ୍, ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଶତାଧିକ ନିର୍ମାଣ ଶ୍ରମିକ
# ଦଲାଲଙ୍କୁ ପ୍ରାଧାନ୍ୟ ଦିଆଯାଉଥିବା ଶ୍ରମିକଙ୍କ ଅଭିଯୋଗ

ପାରଳାଖେମୁଣ୍ଡ,୮।୯ (ନିପ୍ର); ଗଜପତି ଜିଲ୍ଲା ଶ୍ରମ ବିଭାଗରେ ନିର୍ମାଣ ଶ୍ରମିକଙ୍କ ବିଭିନ୍ନ ଆବେଦନ ଦୀର୍ଘଦିନ ଧରି ପଡ଼ିରହୁଥିବା ଅଭିଯୋଗ ହୋଇଛି। ଫଳରେ ଯୋଗ୍ୟ ହିତାଧିକାରୀମାନେ ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ସହାୟତାରୁ ବଞ୍ଚିତ ହେଉଥିବା ଦାବି କରି ଆଜି ଶତାଧିକ ନିର୍ମାଣ ଶ୍ରମିକ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନିର୍ମାଣ ଶ୍ରମିକଙ୍କ ପାଇଁ ସରକାରଙ୍କ ପକ୍ଷରୁ ଶିକ୍ଷା ସହାୟତା, ବିବାହ ସହାୟତା, ଚିକିତ୍ସା ସହାୟତା, ମୃତ୍ୟୁକାଳୀନ ସହାୟତା ସମେତ ବିଭିନ୍ନ କଲ୍ୟାଣକାରୀ ଯୋଜନା ରହିଛି। ଏଥିପାଇଁ ଶ୍ରମିକମାନେ ଆବେଦନ କରୁଥିଲେ ମଧ ଅନେକ ଆବେଦନର ନିଷ୍ପତ୍ତି ଦୀର୍ଘ ସମୟ ଧରି ହେଉନଥିବା ଅଭିଯୋଗ ହୋଇଛି। ଏହା ଯୋଗୁଁ ସହାୟତା ପାଇବାକୁ ଅପେକ୍ଷା କରି ଅନେକ ଶ୍ରମିକ ହଇରାଣ ହେଉଥିବା କହିଛନ୍ତି। ଗଜପତି ନିର୍ମାଣ ଶ୍ରମିକ ଟ୍ରେଡ୍ ୟୁନିୟନର ଜିଲ୍ଲା ସମ୍ପାଦକ ପ୍ରବଳ ପାଇକଙ୍କ ଅଭିଯୋଗ ଅନୁଯାୟୀ, ଆବେଦନ କ୍ରମିକ ନମ୍ବର ଅନୁସାରେ କାମ ହେଉନାହିଁ। ଶ୍ରମିକମାନେ ନିଜ କାମ ପାଇଁ ବିଭାଗକୁ ଯାଇ ବାରମ୍ବାର ଫେରୁଥିବା ବେଳେ ଦଲାଲଙ୍କ ମାଧ୍ୟମରେ ଆସୁଥିବା କାମକୁ ପ୍ରାଧାନ୍ୟ ଦିଆଯାଉଥିବା ସେ ଅଭିଯୋଗ କରିଛନ୍ତି। ଦାୟିତ୍ୱରେ ଥିବା ଶ୍ରମ ଅଧିକାରୀ ସାଧାରଣ ଶ୍ରମିକଙ୍କ ସମସ୍ୟା ସମାଧାନ ନକରି ଦଲାଲଙ୍କ କାମ କରୁଥିବା ମଧ ସେ ଅଭିଯୋଗ କରିଛନ୍ତି। ଏହି ସମସ୍ୟାର ସମାଧାନ ନହେଲେ ଆଗାମୀ ଦିନରେ ଧାରଣା ଦିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ, ଦାୟିତ୍ୱରେ ଥିବା ଶ୍ରମ ଅଧିକାରୀ ମାନସ ରଞ୍ଜନ



ସାହୁ ଶ୍ରମିକଙ୍କ ଅଭିଯୋଗର ଭିନ୍ନ କାରଣ ଦର୍ଶାଇଛନ୍ତି। ତାଙ୍କ କହିବାନୁଯାୟୀ, ବିଭାଗରେ ଷ୍ଟାଫ୍ ସଂଖ୍ୟା କମ୍ ରହିଛି। ଏଥିସହ ଡାଟା ଏଣ୍ଟ୍ରି ଅପରେଟର ନଥିବାରୁ ବିଭିନ୍ନ କାମ ପ୍ରଭାବିତ ହେଉଛି। ବର୍ତ୍ତମାନ ବିଭାଗରେ ଅଧିକାଂଶ କର୍ମଚାରୀ ନୂଆ ହୋଇଥିବାରୁ କାମରେ ବିଳମ୍ବ ହେଉଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଆଇନଜୀବୀ ମଜେସ ଦଳବେହେରା ଶ୍ରମ ବିଭାଗର କାର୍ଯ୍ୟପ୍ରଣାଳୀ ଉପରେ ପ୍ରଶ୍ନ ଉଠାଇଛନ୍ତି। ବିଭାଗରେ ଦୁର୍ନୀତି ସମ୍ପର୍କିତ ଅଭିଯୋଗର ନିରପେକ୍ଷ ତଦନ୍ତ କରିବା ସହ ଯଦି କୌଣସି ଅଧିକାରୀ ଅନିୟମିତତାରେ ସମ୍ପୃକ୍ତ ଥିବା ପ୍ରମାଣିତ ହୁଏ, ତେବେ ତାଙ୍କ ବିରୋଧରେ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି। ଏଥିସହ ଯୋଗ୍ୟ ହିତାଧିକାରୀଙ୍କ ଆବେଦନର ତୁରନ୍ତ ନିଷ୍ପତ୍ତି କରି ସରକାରୀ ସହାୟତା ପ୍ରଦାନ ପାଇଁ ସେ ଦାବି କରିଛନ୍ତି। ତେବେ ଶ୍ରମିକଙ୍କ ପକ୍ଷରୁ ଉଠିଥିବା ଅଭିଯୋଗ ଏବଂ ବିଭାଗ ପକ୍ଷରୁ ଦିଆଯାଇଥିବା ଯୁକ୍ତି ମଧ୍ୟରେ ପ୍ରକୃତ ସମସ୍ୟା କେଉଁଠି, ତାହା ଏବେ ତଦନ୍ତସାପେକ୍ଷ। ଜିଲ୍ଲାପାଳଙ୍କ ନିକଟରେ ଶ୍ରମିକମାନେ ଅଭିଯୋଗ କରିଥିବା ପରେ ଜିଲ୍ଲା ପ୍ରଶାସନ ଏହା ଉପରେ କେବେ ଏବଂ କି ପଦକ୍ଷେପ ନେଉଛି, ତାହାକୁ ଅପେକ୍ଷା କରାଯାଉଛି।

# ଗଛ ଲଗାଇବା ସହ ତାର ସୁରକ୍ଷା ଦାୟିତ୍ୱ ନେବାକୁ ଆହ୍ୱାନ

ରାୟଗଡ:୮/୯(ନି:ପ୍ର) 'ଅନ୍ତର୍ଜାତୀୟ ନିର୍ମଳ ବାୟୁ ଦିବସ' ଅବସରରେ ରାୟଗଡା ସହରର ଗୁରୁମଗୁଡା ଗ୍ରାମରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଢୁଥିବା ଗ୍ଲୋବାଲ ୱାର୍ମିଂ ଏବଂ ଜଳବାୟୁ ପରିବର୍ତ୍ତନକୁ ରୋକିବା ପାଇଁ ସ୍ଥାନୀୟ ଅଞ୍ଚଳରେ ଆଞ୍ଚଳିକ କର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାୟଗଡ ଓ ରାୟଗଡ ପୌରପାଳିକାର ମିଳିତ ସହଯୋଗରେ ଏକ ବୃହତ ପରିବେଶ ସଚେତନତା ଅଭିଯାନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଆରମ୍ଭରେ ମୁଖ୍ୟ ଅତିଥି ଭାବରେ ସଚିଦାନନ୍ଦ ଶେଠୀ, ସହକାରୀ ବନ ସଂରକ୍ଷକ, ରାୟଗଡା ବନଖଣ୍ଡ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ପ୍ରଜାତିର ଶତାଧିକ ବୃକ୍ଷରୋପଣ କରାଯାଇଥିଲା ଓ ଏହା ସହିତ ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଗୋଟିଏ ଗଛ ଲଗାଇବା ସହ ତାର ସୁରକ୍ଷା ଦାୟିତ୍ୱ ନେବାକୁ ଆହ୍ୱାନ ଦିଆଯାଇଥିଲା। ଏହି ସବୁଜ ଅଭିଯାନରେ ଶତାଧିକ ମହିଳା, ଯୁବକ ଏବଂ ଛାତ୍ରଛାତ୍ରୀ ସାମିଲ ହୋଇ ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ଶପଥ ନେଇଥିଲେ ।

# କଟକ ଗଣେଶ ପୂଜା ପାଇଁ ପ୍ରସ୍ତୁତି

କଟକ,୮।୯ (ନିପ୍ର) : ଆସନ୍ତା ଗଣେଶ ପୂଜାକୁ କଟକ ମହାନଗର ନିଗମ ଅଞ୍ଚଳରେ ଶାନ୍ତିପୂର୍ଣ୍ଣ, ଶୃଙ୍ଖଳିତ, ସୁରକ୍ଷିତ ଓ ସ୍ୱଚ୍ଛ ପରିବେଶରେ ପାଳନ କରିବା ନେଇ କଟକ ମହାନଗର ନିଗମ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କଟକ ମହାନଗର ନିଗମ କାଉନସିଲ୍ ହଲ୍‌ରେ ଅପରାହ୍ନରେ ମେୟର ସୁବାସ ସିଂହଙ୍କ ନେତୃତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଗଣେଶ ପୂଜାକୁ ସୁରୁଖୁରୁରେ ପାଳନ କରିବା ସହିତ ଭକ୍ତ, ଶ୍ରଦ୍ଧାଳୁ ଓ ସାଧାରଣ ଜନତାଙ୍କ ସୁବିଧା ଓ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେବା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ଦୀପ୍ତିମୟୀ ମୂଳିଆ, କର୍ପୋରେଟର ସନ୍ତୋଷ ଭୋଳ , ଗୋପାଳ ବେହେରା, ସୁବାଶିଷ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

ଏଥିସହ କଟକ ସହରର ବିଭିନ୍ନ ଶାନ୍ତି କମିଟି, ପୂଜା କମିଟି ଓ ବିଭିନ୍ନ ସାମାଜିକ ସଂଗଠନର ପ୍ରମୁଖ କର୍ମକର୍ତ୍ତା ଏବଂ ବୁଦ୍ଧିଜୀବୀମାନେ ମଧ ବୈଠକରେ ଯୋଗଦେଇ ଗଣେଶ ପୂଜା ଆୟୋଜନ ସମ୍ପର୍କରେ ନିଜ ନିଜ ମତାମତ ଓ ପରାମର୍ଶ ରଖିଥିଲେ। ବୈଠକରେ ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ପ୍ରଦୀପ ସିହ୍ନା, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ ସାହୁ, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ସାହୁ, କାର୍ଯ୍ୟକାରୀ ସଭାପତି ନୃସିଂହ ଚୌଧୁରୀ, ଶ୍ରୀବେନ୍ଦ୍ର ହାତୀ, ନଳିନୀ କୁମାର ସେନାପତି, ଯୋବ୍ରା କମିଟି ସମ୍ପାଦକ ଶ୍ରୀମନ୍ତ ଦାସ, ଚନ୍ଦ୍ରମଣି ସେନାପତି, ସୁନୀଲ ପଣ୍ଡା, ବାପି ରାୟ, ଜ୍ୟୋତିପ୍ରକାଶ ଘୋଷ, ଦିପାୟନ ପଟ୍ଟନାୟକ, ଦେବେନ୍ଦ୍ର କାହାଳି ଓ ଦେବାଶିଷ ରାୟ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଆଗାମୀ ଗଣେଶ ପୂଜା ସମୟରେ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା, ରାସ୍ତାଘାଟର ସ୍ଥିତି, ଆଲୋକୀକରଣ, ପାନୀୟ ଜଳ, ଟ୍ରାଫିକ୍ ଓ ଯାତାୟାତ ବ୍ୟବସ୍ଥା, ପାର୍କିଂ, ଜନସମାଗମ ନିୟନ୍ତ୍ରଣ, ପୂଜା ମଣ୍ଡପ ନିକଟରେ ସ୍ୱଚ୍ଛତା ଏବଂ ଆବର୍ଜନା ପରିଚାଳନା ଆଦି ବିଭିନ୍ନ ବିଷୟ ଉପରେ ଗୁରୁତ୍ୱ ସହ ଆଲୋଚନା କରାଯାଇଥିଲା। କଟକର ପୂଜା ପରମ୍ପରା ଓ ସାଂସ୍କୃତିକ ଐତିହ୍ୟର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଗଣେଶ ପୂଜା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ଏହା କଟକ ସହରର ଭାଇଚାରା, ସାମାଜିକ ଏକତା ଓ ସାଂସ୍କୃତିକ ସମନ୍ୱୟର ଏକ ଅବସର। ତେଣୁ ସମସ୍ତ ପୂଜା କମିଟି ଦାୟିତ୍ୱବୋଧର ସହିତ ପୂଜା ଆୟୋଜନ କରିବା ସହିତ ସାଧାରଣ ଲୋକଙ୍କ ସୁବିଧା, ସୁରକ୍ଷା ଓ ଶୃଙ୍ଖଳା ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ ବୋଲି ମେୟର କହିଥିଲେ ।

# ଉମା ଶଙ୍କରଙ୍କ 'ଟେଲସ ଫ୍ରମ ଟେଲ ଭେଲି' ଓ 'ଲିଗାସୀ ଅଫ୍ କଳାହାଣ୍ଡି' ଉନ୍ମୋଚିତ

ଭବାନୀପାଟଣା,୮।୯(ନିପ୍ର):ଭବାନୀପାଟଣା ଅମଲା ଭବନ ଠାରେ ଉନ୍ମୋଚିତ ହୋଇଯାଇଛି ଉମା ଶଙ୍କର କରଙ୍କ ଦ୍ୱାରା ରଚିତ ଦୁଇ ଗୋଟି ଇଂରାଜୀ ପୁସ୍ତକ **ଟେଲସ ଫ୍ରମ ଟେଲ ଭେଲି' ଓ 'ଲିଗାସୀ ଅଫ୍ କଳାହାଣ୍ଡି'ଉନ୍ମୋଚିତ** ନ୍ମୋଚନୀ ସମାରୋହରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ ଯୋଗ ଦେବା ସହ ପୁସ୍ତକ ଦ୍ୱୟର ଉନ୍ମୋଚନ କରିଥିଲେ। ଶ୍ରୀ କର ଜିଲ୍ଲାର ଜଣେ ସୁପ୍ରତିଷ୍ଠିତ ଲେଖକ, ସାରସ୍ୱତ ସାହିତ୍ୟ ସାଧକ, ଗାଳ୍ପିକ ଏକାଧାରରେ ସେ ଜଣେ ଜଣାଶୁଣା ସଂସ୍କୃତି ଗବେଷକ ତଥା ବରିଷ୍ଠ ସାମ୍ବାଦିକ । ପିଲା ଦିନୁ ଲେଖା ପଢ଼ାରେ ରୁଚି ରଖିଥିବା ଶ୍ରୀ କର ଆଜି ଜିଲା ତଥା ରାଜ୍ୟ ର ଜଣେ ସୁପ୍ରତିଷ୍ଠିତ ଲେଖକ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି ।ତାଙ୍କରି ଲିଖନୀ ମୁନରୁ ଉଦ୍ଧୃତ ଦୁଇଗୋଟି ପୁସ୍ତକ ଟେଲ ଭେଲି,ଓ ଲିଗାସୀ ଅଫ୍ କଳାହାଣ୍ଡି , ଜିଲାର ଗୌରବମୟ ଇତିହାସ,ଐତିହ, ପରମ୍ପରା ଏବଂ ଜୀବନ ଜିଇଁବାର କଳା କୌଶଳକୁ ଆଗାମୀ ପିଢ଼ି ପାଇଁ ହୃଦୟରେ ସାଇତି ରଖିବାକୁ ଏକ ସୁନ୍ଦର ପ୍ରୟାସ କରିପାରିଛନ୍ତି ।ଏହି ଦୁଇଗୋଟି ପୁସ୍ତକ ସହ ୨୦ତମ ପୁସ୍ତକ ରଚନାର ସଫଳତା ସେ ପାଇସାରିଛନ୍ତି। ତାଙ୍କ




ରଚିତ ପୁସ୍ତକ ମଧ୍ୟରେ କଳାହାଣ୍ଡିର କଥା, ମାଣିକ୍ୟ ଦେବୀ ମାଣିକେଶ୍ୱରୀ, ଐତିହାସିକ ଦୁର୍ଗ ଅସୁର ଗଡ, କାଳନ୍ତରରେ କାନ୍ତାରକ ଆଦି ପାଠକ ପାଠିକାଙ୍କ ନିକଟରେ ବେଶ ଆଦୃତ ଲାଭ କରିପାରିଛି । ଉକ୍ତ ଉନ୍ମୋଚନୀ ସମାରୋହରେ ସମ୍ମାନିତ ଅତିଥି ଭାବେ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗର ମୁଖ୍ୟ ଡ଼. ଜୟଦେବ ସାହୁ, ଇତିହାସ ବିଭାଗର ମୁଖ୍ୟ ଡ଼. ନଳିନୀକାନ୍ତ ରଣା, ପ୍ରଗତି ଇନଷ୍ଟିଚୁଟର ଅଧ୍ୟକ୍ଷ ଅଜୟ କୁମାର ପଣ୍ଡା, ଏବଂ ଲେଖକ ଉମାଶଙ୍କର କର ଉପସ୍ଥିତ ରହି ନିଜ ନିଜର ଅଭିଭାଷଣ ପ୍ରଦାନ କରିବା ସହ ଲୋକାର୍ପିତ ପୁସ୍ତକ ସମ୍ବନ୍ଧିୟ ସମ୍ୟକ ସୂଚନା ମଧ୍ୟ ପାଠକ ପାଠିକାଙ୍କ ଉଦ୍ଦେଶ୍ୟରେ ନିଜର ମୂଲ୍ୟବାନ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ମହାପାତ୍ର ସଂଚାଳନ କରିଥିବା ବେଳେ ଶ୍ରୀ କରଙ୍କ ସହଧର୍ମିଣୀ ଜିଲ୍ଲାର ଗର୍ବ ଏବଂ ଗୌରବ ତଥା ସୁପ୍ରତିଷ୍ଠିତ ଲେଖିକା ଶ୍ରୀମତୀ ଦେବହୂତି କର ଧନ୍ୟବାଦ ଅର୍ପଣ କରିଥିଲେ।


# ଶିଳ୍ପୀଶ୍ରୀର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ଭଦ୍ରକ, ୮/୯ (ନିପ୍ର) ରାନ୍ଦିଆ ଠାରେ ଶିଳ୍ପୀଶ୍ରୀ ନୃତ୍ୟ ସଂଗୀତ ଓ ଚିତ୍ରକଳା ମହାବିଦ୍ୟାଳୟରେ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମ ଟ୍ରକ ମାଲିକ ସଂଘ ପ୍ରଯୋଜନାରେ ଉତ୍ସବଟିକୁ ଅଧ୍ୟକ୍ଷ ମୋହିନୀ ମୋହନ ମହାପାତ୍ର ପୌରହିତ କରି ପିଲାମାନଙ୍କର କଳା ମାଧ୍ୟମରେ ଭବିଷ୍ୟତ ଉଜ୍ୱଳ କାମନା କରିଥିଲେ। ଛାତ୍ର ଛାତ୍ରୀଙ୍କ ମନ୍ତ୍ର ପୂରଣରେ ଅତିଥିମାନେ ଦୀପ ପ୍ରଜ୍ୱଳନ କରି ଶୁଭ ଉଦ୍‌ଘାଟନ କରିଥିଲେ। ସଭାପତି ଖିରୋଦ ଚନ୍ଦ୍ର ମହାପାତ୍ର ଅତିଥି ମାନଙ୍କ ପରିଚୟ ପ୍ରଦାନ କରି ଧାରାବାହିକ ଭାବେ ପିଲାମାନଙ୍କ ମଧ୍ୟରେ ସାଂସ୍କୃତିକ ଚେତନା ସୃଷ୍ଟି କରିବାକୁ ଆହ୍ୱାନ କରିଥିଲେ। ମୁଖ୍ୟ ଅତିଥି ନାରାୟଣ ଓଝା, ସମ୍ମାନିତ ଅତିଥି ଅଧାପିକା ରିତା ମହାନ୍ତି ଓ ବରଣ୍ୟ ଅତିଥି ସନ୍ଧ୍ୟା ରାଣୀ ମହାପାତ୍ର ନିଜେ ନିଜର ବକ୍ତବ୍ୟ ରଖି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ, ଦେବାଦୀପ୍ତି ହୋତା ଓ ରାମ ଚନ୍ଦ୍ର ଜେନାଙ୍କ ନିର୍ଦ୍ଦେଶନାରେ ପିଲାମାବେ ଉଚ୍ଚ କୋଟିର ନୃତ୍ୟ ପରିବେଷଣ କରିଥିଲେ, ଛାତ୍ର ଛାତ୍ରୀମାନଙ୍କ ରଙ୍ଗ ତୁଳୀରେ ସୁନ୍ଦର ଚିତ୍ର ପ୍ରଦର୍ଶନୀ ହୋଇଥିଲା, ସମସ୍ତ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣକୁ ସରୋଜ କୁମାର ଶଙ୍ଖୁଆ, ଉଦୟନାଥ ବିଶ୍ୱାଳ ତାପଧନ ସାହୁ, ସମ୍ୟ ରଞ୍ଜନ ମହାପାତ୍ର ଓ ଅଭିଜିୟ ନାୟକ ଆଦି କଳାକାରମାନେ ପରିଚାଳନା କରିଥିଲେ, ନମିତା ରାଣୀ ମୁଦୁଲି, ମଧୁସ୍ମିତା ଅନନ୍ୟା ମହାନ୍ତି, କାତ୍ୟାୟନୀ ସାମଲ ଓ ହଁସନି ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ ସଭ୍ୟା ନିର୍ମଳା ବେହେରା ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ସଭାକୁ ଶେଷ କରିଥିଲେ।

## ଦୁର୍ନୀତି ଅଭିଯୋଗକୁ ନେଇ ତାମିଲନାଡୁ ବିଧାନସଭାରେ ହଙ୍ଗାମା

ଚେନ୍ନାଇ,୮।୯: ତାମିଲନାଡୁ ବିଧାନସଭାରେ ମଙ୍ଗଳବାର ଡିଏମକେ ବିଧାୟକଙ୍କ ହଙ୍ଗାମାକୁ ନେଇ ପରିସ୍ଥିତି ଅଶାନ୍ତ ହୋଇପଡ଼ିଥିଲା। ମୁଖ୍ୟମନ୍ତ୍ରୀ ଜୋସେଫ ବିଜୟ ସୋମବାର ବିଧାନସଭାରେ ଡିଏମକେ ବିରୋଧରେ କରିଥିବା ଦୁର୍ନୀତି ଅଭିଯୋଗ ଏବଂ ଅନ୍ୟାନ୍ୟ ମନ୍ତବ୍ୟକୁ ବିଧାନସଭା ରେକର୍ଡରୁ ବାଦ ଦେବାକୁ ଦଳର ବିଧାୟକମାନେ ଦାବି କରିଥିଲେ। ଏହାକୁ ନେଇ ଶାସକ ଟିଭିକେ ଓ ଡିଏମକେ ସଦସ୍ୟଙ୍କ ମଧ୍ୟରେ ତୀବ୍ର ହୋଇଥିଲା। ସୋମବାର ବିଜୟ ଏପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଏକ ଦସ୍ତାବିଜକୁ ଉଦ୍ଧୃତ କରି ଅଭିଯୋଗ କରିଥିଲେ ଯେ, ଡିଏମକେ ସରକାରଙ୍କ ପୂର୍ବ କାର୍ଯ୍ୟକାଳରେ ସରକାରୀ ଠିକାଦାରମାନଙ୍କଠାରୁ ଠିକା ମୂଲ୍ୟର ୭.୫ରୁ ୧୦ ପ୍ରତିଶତ ପର୍ଯ୍ୟନ୍ତ ଅର୍ଥ 'ଦଳୀୟ ପାଣ୍ଠି' ନାମରେ ନିଆଯାଉଥିଲା। ଏହି ଟଙ୍କା ଲାଞ୍ଚ ଆକାରରେ ନିଆଯାଉଥିବା ଇଡି ଦସ୍ତାବିଜରେ ଉଲ୍ଲେଖ ଥିବା ସେ ଦାବି କରିଥିଲେ।

## ଦିଲ୍ଲୀରେ ମଣିପୁରୀ ସଂଗୀତଜ୍ଞଙ୍କୁ ହତ୍ୟା, ସିସିଟିଭିରେ ଅଭିଯୁକ୍ତ




ନୂଆଦିଲ୍ଲୀ,୮।୯: ଦିଲ୍ଲୀର କିଲୋକାରି ଗାଁରେ ରବିବାର ରାତିରେ ଜଣେ ମଣିପୁରୀ ଗିଟାରବାଦକ ତଥା ସଙ୍ଗୀତ ଶିକ୍ଷକ ଚୋଙ୍ଗଥାମ୍ ବିକ୍ରମ ସିଂହଙ୍କୁ ମାଡ଼ ମାରି ହତ୍ୟା କରାଯିବା ଘଟଣାକୁ ନେଇ ଅସନ୍ତୋଷ ବଢ଼ିଛି। ଏହି ଘଟଣାରେ ୭ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଜଣେ ୧୫ ବର୍ଷୀୟ ନାବାଳକକୁ ମଧ୍ୟ ଅଟକ ରଖାଯାଇଛି। ଘଟଣାର ସିସିଟିଭି ଦୃଶ୍ୟ ସାମ୍ନାକୁ ଆସିବା ପରେ ଦିଲ୍ଲୀ ପୁଲିସ ତୁରନ୍ତ ତଦନ୍ତ ଶେଷ କରି ଦୋଷୀଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବାକୁ ଦାବି ହୋଇଛି। ୫୪ ବର୍ଷୀୟ ବିକ୍ରମ ସିଂହ ଗତ ୧୭ ବର୍ଷ ଧରି ଦିଲ୍ଲୀରେ ଘରୋଇ ଭାବେ ସଙ୍ଗୀତ ଶିକ୍ଷା ଦେଉଥିଲେ। ସେ ପତ୍ନୀ ଜୋଶ୍ନା ଚୋଙ୍ଗଥାମ୍ ଓ ୨୦ ବର୍ଷୀୟ ପୁଅ ୟାଇଫାବା ଚୋଙ୍ଗଥାମ୍‌ଙ୍କ ସହ କିଲୋକାରିରେ ଏକ ଭଡ଼ା ଘରର ତୃତୀୟ ମହଲାରେ ରହୁଥିଲେ। ରବିବାର ରାତି ପ୍ରାୟ ୧୧ଟା ୩୦ରେ ଅଳିଆ ପକାଇବା ପାଇଁ ତଳକୁ ଯାଇଥିବା ବେଳେ ଘର ନିକଟରେ କିଛି ଲୋକ ପାଟିତୁଣ୍ଡ କରୁଥିବା ସେ ଦେଖିଥିଲେ। ଏହାକୁ ନେଇ ସେ ଆପତ୍ତି କରିବା ପରେ ବିବାଦ ହୋଇଥିଲା। ଅଭିଯୋଗ ଅନୁସାରେ, ବିବାଦ ପରେ ବିକ୍ରମ ସିଂହ ଘର ଆଡ଼କୁ ଦୌଡ଼ିଥିଲେ। ଆକ୍ରମଣକାରୀମାନେ ତାଙ୍କ ପିଛା କରି କୋଠାର ତୃତୀୟ ମହଲା ପର୍ଯ୍ୟନ୍ତ ଯାଇଥିଲେ ଏବଂ ସେଠାରେ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ପରେ ସେମାନେ ଚାଲିଯାଇଥିଲେ। ପରିବାର ଲୋକେ ତାଙ୍କୁ ଓଖଲାର ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିଲା। ସିସିଟିଭି ଦୃଶ୍ୟରେ କିଛି ଲୋକ ଘଟଣା ପରେ କୋଠାର ସିଡ଼ି ଦେଇ ତଳକୁ ଆସୁଥିବା ଦେଖାଯାଇଛି।

## ପୂର୍ବତନ ମୁଖ୍ୟ ସଚିବଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ, ୮।୯: ପୂର୍ବତନ ମୁଖ୍ୟମନ୍ତ୍ରୀ ଶୀଲା ଦୀକ୍ଷିତଙ୍କ ସମୟରେ କାର୍ଯ୍ୟ କରିଥିବା ଦିଲ୍ଲୀର ପୂର୍ବତନ ମୁଖ୍ୟ ସଚିବ ରାକେଶ ମେହେଟା ନୋଏଡାସ୍ଥିତ ତାଙ୍କ ବାସଭବନରେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ନୋଏଡା ପୋଲିସ ସନ୍ଦିଗ୍ଧ ସୁଇସାଇଡ ନୋଟ୍ ଜବତ କରିଛି । ୧୯୭୫ ବ୍ୟାଚର ପୂର୍ବତନ ଆଇଏଏସ୍ ଅଧିକାରୀ ମେହେଟା ତାଙ୍କର 'ମାନସିକ ଏବଂ ସ୍ୱାସ୍ଥ୍ୟ ସମସ୍ୟା'କୁ ଏହି ଚରମ ପଦକ୍ଷେପ ପଛରେ କାରଣ ଭାବରେ ଉଲ୍ଲେଖ କରିଛନ୍ତି।

## ଇରାନର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର କ୍ଷମତା ବଢ଼ିଥିବା ଦାବି

ୱାସିଂଟନ,୮।୯: ନିଜର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର କ୍ଷମତାରେ ଉନ୍ନତି ଆସିଥିବା ଦାବି କରି ଇରାନ ନିଜର ସାମରିକ ନୀତିରେ ବଡ଼ ପରିବର୍ତ୍ତନର ସଙ୍କେତ ଦେଇଛି। ଇରାନର ରାଷ୍ଟ୍ରାୟତ୍ତ ଗଣମାଧ୍ୟମ ସୋମବାର କହିଛି ଯେ, ଦେଶ ଉପରେ କୌଣସି ବିପଦ ଆସିବା ପୂର୍ବରୁ ତାହା ବିରୋଧରେ ପଦକ୍ଷେପ ନିଆଯିବ। ଇରାନର ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦର ମୁଖ୍ୟ ମୋହସେନ୍ ରେଜାଇ ରବିବାର ରାଷ୍ଟ୍ରାୟତ୍ତ ଟେଲିଭିଜନରେ ନୂଆ କ୍ଷେପଣାସ୍ତ୍ର କ୍ଷମତା ସମ୍ପର୍କରେ ଦାବି କରିଥିଲେ। ଏହାକୁ ଏକ ଆମେରିକୀୟ ଯୁଦ୍ଧଜାହାଜ ବିରୋଧରେ ପରୀକ୍ଷା କରାଯାଇଥିବା ସେ କହିଥିଲେ। ରିପୋର୍ଟ ଅନୁଯାୟୀ, କଠିନ ଇନ୍ଧନରେ ଚାଲୁଥିବା 'କାସେମ୍ ବାସିର' କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ପୂର୍ବାପେକ୍ଷା ଅଧିକ। ଏଥିରେ ଅଧା ଟନ୍ ଓଜନର ୱାର୍ହେଡ୍ ରହିଛି। ଗତବର୍ଷ ଏହି କ୍ଷେପଣାସ୍ତ୍ରକୁ ସାର୍ବଜନୀନ କରାଯିବା ବେଳେ ଏହାର ଲକ୍ଷ୍ୟଭେଦ କ୍ଷମତା ଅତି କମରେ ୧,୨୦୦ କିଲୋମିଟର ବୋଲି କୁହାଯାଇଥିଲା। ଇରାନ ଏହାକୁ ନିଜର ପ୍ରତିରକ୍ଷା ରଣନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ବୋଲି ବର୍ଣ୍ଣନା କରିଛି। ଇରାନ ହର୍ମୁଜ୍ ପ୍ରଣାଳୀ ନିକଟରେ ଜାହାଜ ଚଳାଚଳ ପାଇଁ ଏକ 'ନିଷିଦ୍ଧ ଅଞ୍ଚଳ' ତିଆରି କରିବାକୁ ଯୋଜନା କରୁଥିବା ନେଇ ରେଜାଇ ଘୋଷଣା କରିଛନ୍ତି। ଏହାକୁ ଆମେରିକା ବିରୋଧ କରି କହିଛି ଯେ, ଏହି ଜଳପଥ ଖୋଲା ରହିଛି ଏବଂ ଏହା ଉପରେ ଆମେରିକାର ନିୟନ୍ତ୍ରଣ ରହିଛି। ଆମେରିକୀୟ ନୌସେନା ଏହି ପ୍ରଣାଳୀରୁ ମାଇନ୍ ସଫା କରିଥିବା ଏବଂ ଅଣ-ଇରାନୀ ବନ୍ଦରଗୁଡ଼ିକ ଅଭିମୁଖେ ତୈଳବାହୀ ଜାହାଜ ଚଳାଚଳ ବଢ଼ାଇବାକୁ ଯୋଜନା କରିଥିବା ମଧ୍ୟ କହିଛି।

## ମୋଦିଙ୍କ କାର୍ଯ୍ୟକ୍ରମ ସ୍ଥଳରୁ ବନ୍ଧୁକ ସହ ଧରାପଡିଲେ ୨ ସନ୍ଦିଗ୍ଧ

ମୁମ୍ବାଇ,୮।୯: ମୁମ୍ବାଇର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଛନ୍ତି ସେହି ସ୍ଥାନ ନିକଟରୁ ଦୁଇଜଣଙ୍କୁ ଅଟକ ରଖାଯାଇଛି। ସେମାନଙ୍କ ମଧ୍ୟରୁ ଜଣଙ୍କଠାରୁ ଏକ ବନ୍ଧୁକ ଉଦ୍ଧାର କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ବିକେସିର ନୀତା ମୁକେଶ ଅମ୍ବାନୀ ସାଂସ୍କୃତିକ କେନ୍ଦ୍ରରେ। ଅଟକ ବ୍ୟକ୍ତି ନିଜକୁ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ (ପିଏମଓ)ର ଅଧିକାରୀ ବୋଲି ଦାବି କରିଥିଲେ। ଅଟକ ଯୁବକଙ୍କୁ ୨୪ ବର୍ଷୀୟ ରୋହନ ପାରେଖ ଭାବରେ ଚିହ୍ନଟ କରାଯାଇଛି। ସୂତ୍ରରୁ ଜଣାପଡିଛି ଯେ ରୋହନ ଏକ ନକଲି ପିଏମଓ ପରିଚୟପତ୍ର ବହନ କରୁଥିଲେ। ସୁରକ୍ଷା ଯାଞ୍ଚରୁ ପରିଚୟପତ୍ର ନକଲି ବୋଲି ନିଶ୍ଚିତ ହୋଇଥିଲା। ରୋହନଙ୍କ ସହିତ ଜଣେ ଅଙ୍ଗରକ୍ଷୀ ଥିଲେ ଯିଏ ବନ୍ଧୁକ ବହନ କରୁଥିଲେ। ମୁମ୍ବାଇ କ୍ରାଇମବ୍ରାଞ୍ଚ ଏବେ ଏହି ମାମଲାର ଅଧିକ ତଦନ୍ତ କରୁଛି।

### ସୁପ୍ରିମକୋର୍ଟଙ୍କ ବଡ଼ ନିର୍ଦ୍ଦେଶ

# ଶିକ୍ଷକ ନିଯୁକ୍ତି ଉପରେ ମଧ୍ୟବର୍ତ୍ତୀକାଳୀନ ସ୍ଥଗିତାଦେଶ ଜାରି




ନୂଆଦିଲ୍ଲୀ,୮।୯: ସର୍ବୋଚ୍ଚ ନ୍ୟାୟାଳୟ ଦେଶବ୍ୟାପୀ ସ୍କୁଲ ଏବଂ କଲେଜରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଜାରି କରିଛନ୍ତି। ଅଦାଲତ ସ୍ପଷ୍ଟ କରିଛନ୍ତି ଯେ କେବଳ ଶିକ୍ଷା ଅଧିକାର (ଆରଟିଇ) ଆଇନ,ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ(ଏନସିଟିଇ) ଆଇନ ଏବଂ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ଆଇନ ଅନୁଯାୟୀ ନିର୍ଦ୍ଧାରିତ ଶିକ୍ଷାଗତ ଏବଂ ବୃତ୍ତିଗତ ଯୋଗ୍ୟତା ପୂରଣ କରୁଥିବା ପ୍ରାର୍ଥୀମାନଙ୍କୁ ସ୍କୁଲ ଏବଂ କଲେଜରେ ନିଯୁକ୍ତି ଦିଆଯାଇପାରିବ। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ଆବଶ୍ୟକୀୟ ଯୋଗ୍ୟତା ବିନା ଶିକ୍ଷକମାନଙ୍କୁ ନିଯୁକ୍ତି କିମ୍ବା ଚାକିରିରେ ରଖାଯାଇପାରିବ ନାହିଁ। ଶିକ୍ଷକ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ପ୍ରାଦେଶିକୀକରଣକୁ ଚ୍ୟାଲେଞ୍ଜ କରି ଆଗତ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ)ର ଶୁଣାଣି ସମୟରେ କୋର୍ଟ ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଭି.ମୋହନଙ୍କୁ ନେଇ ଗଠିତ ତିନି ଜଣିଆ ଖଣ୍ଡପୀଠ ଶିକ୍ଷକ ନିଯୁକ୍ତି ପ୍ରସଙ୍ଗରେ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଜାରି କରି ରାୟ ଦେଇଛନ୍ତି । ଶିକ୍ଷାନୁଷ୍ଠାନର ଶିକ୍ଷକ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ପ୍ରାଦେଶିକୀକରଣ ସହିତ ଜଡିତ ସାମ୍ବିଧାନିକ ଯୋଜନାକୁ ଚ୍ୟାଲେଞ୍ଜ କରି ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ସମୟରେ ଏହି ନିର୍ଦ୍ଦେଶ ଦିଆଯାଇଛି। ଆବେଦନକାରୀମାନେ ଦାବି କରିଛନ୍ତି ଯେ, ଏହି ଯୋଜନାଗୁଡ଼ିକ ସାଧାରଣ ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ ନ ଯାଇ କିଛି ଶିକ୍ଷକ ଏବଂ କର୍ମଚାରୀଙ୍କୁ ନିୟମିତ ସରକାରୀ ଚାକିରିରେ ସାମିଲ କରିବାର ଏକ ଅବସର ପ୍ରଦାନ କରୁଛି। ଆବେଦନରେ କୁହାଯାଇଛି ଯେ ଏପରି ଯୋଜନାଗୁଡ଼ିକ ନିରପେକ୍ଷ, ସ୍ୱଚ୍ଛ ଏବଂ ପ୍ରତିଯୋଗିତାମୂଳକ ନିଯୁକ୍ତି ନୀତିର ବିପରୀତ। ଏହା ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ନିୟମିତ ଚୟନ ପ୍ରକ୍ରିୟା ବିନା ସରକାରୀ ଚାକିରିରେ ପ୍ରବେଶ କରିବାକୁ ଅନୁମତି ଦେଉଛି। ଆବେଦନକାରୀମାନେ ଏହି ଯୋଜନାଗୁଡ଼ିକର ସାମ୍ବିଧାନିକ ବୈଧତା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ସୁପ୍ରିମକୋର୍ଟ ଏହି ମାମଲାରେ ଜଡିତ ପକ୍ଷମାନଙ୍କୁ ନୋଟିସ୍ ଜାରି କରି ସେମାନଙ୍କ ଜବାବ ମାଗିଛନ୍ତି। କୋର୍ଟ ମଧ୍ୟବର୍ତ୍ତୀକାଳୀନ ଭାବରେ ସ୍ପଷ୍ଟ କରିଛନ୍ତି ଯେ, ନିର୍ଦ୍ଧାରିତ ଯୋଗ୍ୟତା ବିନା କୌଣସି ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ନାହିଁ। କୋର୍ଟ ଏହା ମଧ୍ୟ କହିଛନ୍ତି, ଯଦି ଏପରି ଶିକ୍ଷକମାନେ ପ୍ରାସଙ୍ଗିକ ଆଇନ ଅନୁଯାୟୀ ଧାର୍ଯ୍ୟ ଯୋଗ୍ୟତା ପୂରଣ ନକରନ୍ତି ତେବେ ସେମାନଙ୍କୁ ଚାକିରି ଜାରି ରଖିବାକୁ ଅନୁମତି ଦିଆଯିବ ନାହିଁ।

### ରୁଷ-ୟୁକ୍ରେନ ସଂଘର୍ଷ

## ଯୁଦ୍ଧ ନୁହେଁ, ଆଲୋଚନା ହିଁ ସମାଧାନର ବାଟ: ଭାରତ

ନୂଆଦିଲ୍ଲୀ,୮।୯ : ରୁଷ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଦୀର୍ଘଦିନର ସଂଘର୍ଷକୁ ନେଇ ଭାରତ ପୁଣିଥରେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛି । ବିଦେଶ ମନ୍ତ୍ରଣାଳୟର ପ୍ରବକ୍ତା ରଣଧୀର ଜୟସୱାଲ କହିଛନ୍ତି ଯେ, ଯୁଦ୍ଧ କୌଣସି ସମସ୍ୟାର ସମାଧାନ ନୁହେଁ ଏବଂ ଯୁଦ୍ଧ ଶେଷ ହେବା ଜରୁରୀ ବୋଲି ଭାରତ ସର୍ବଦା ବିଶ୍ୱାସ କରିଆସିଛି। ସେ କହିଛନ୍ତି ଯେ ଭାରତ କ୍ରମାଗତ ଭାବେ ମାନି ଆସୁଛି ଯେ ଏହା ଯୁଦ୍ଧର ଯୁଗ ନୁହେଁ ଏବଂ କୌଣସି ବି ସମସ୍ୟାର ସମାଧାନ ଯୁଦ୍ଧ ମଇଦାନରୁ ମିଳିବ ନାହିଁ । ଭାରତ ବର୍ତ୍ତମାନ ରୁଷ ଏବଂ ୟୁକ୍ରେନ ଉଭୟ ପକ୍ଷ ସହିତ ନିରନ୍ତର ସମ୍ପର୍କରେ ରହିଛି ଏବଂ ସଂଘର୍ଷ ବନ୍ଦ କରିବା ପାଇଁ ଯେକୌଣସି ପ୍ରକାରର ସହାୟତା ଯୋଗାଇ ଦେବାକୁ ପ୍ରସ୍ତୁତ ଅଛି। ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କରଙ୍କ ନିକଟ



ଅତୀତର ୟୁକ୍ରେନ ଏବଂ ପୋଲାଣ୍ଡ ଗସ୍ତ ସମ୍ପର୍କରେ ସୂଚନା ଦେଇ ଜାୟସୱାଲ କହିଛନ୍ତି ଯେ, ଏହି ଗସ୍ତ ସମୟରେ ହୋଇଥିବା ଆଲୋଚନାରେ ଭାରତ ନିଜର ପୁରୁଣା ଆଭିମୁଖ୍ୟକୁ ପୁଣି ଦୋହରାଇଛି । କେବଳ କୂଟନୈତିକ ସ୍ତରରେ ଆଲୋଚନା ମାଧ୍ୟମରେ ହିଁ ଏହି ମୁହାଁମୁହିଁ ସ୍ଥିତିର ସମାଧାନ କରାଯାଇପାରିବ ବୋଲି ଭାରତର ସ୍ପଷ୍ଟ ଚିନ୍ତାଧାରା ରହିଛି । ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସେହି ବାର୍ତ୍ତାକୁ ମଧ୍ୟ ଉଲ୍ଲେଖ କରିଛନ୍ତି, ଯେଉଁଥିରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଅନନ୍ତକାଳ ଧରି ଚାଲିଥିବା ଏହି ଯୁଦ୍ଧକୁ ଏବେ ଶାନ୍ତିର ପଥ ଦେଖାଇବାକୁ ହେବ । ଭାରତ କୌଣସି ସମାଧାନ କାହା ଉପରେ ଲଦିବାକୁ ଚେଷ୍ଟା କରୁନାହିଁ, ବରଂ ସଂଘର୍ଷରେ ଜଡ଼ିତ ଥିବା ଉଭୟ ପକ୍ଷ ନିଜେ ସମାଧାନର ବାଟ ଖୋଜିବା ଉଚିତ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଭାରତ ବର୍ତ୍ତମାନ ଏଭଳି ବିଚାର ଏବଂ ପରାମର୍ଶ ଉପରେ ଗୁରୁତ୍ୱ ଦେଉଛି, ଯାହା ଯୁଦ୍ଧ ବନ୍ଦ କରିବାରେ ପ୍ରକୃତରେ ସହାୟକ ହୋଇପାରିବ । ଯଦି ଭାରତର କୌଣସି ପଦକ୍ଷେପ ଯୋଗୁଁ ଯୁଦ୍ଧ ଶେଷ ହୋଇପାରେ, ତେବେ ଦେଶ ଏଥିପାଇଁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ସର୍ବଦା ପ୍ରସ୍ତୁତ ରହିଛି । ଭାରତ ସର୍ବଦା ଆଲୋଚନା, କୂଟନୈତିକ ସମ୍ପର୍କ ଏବଂ ଶାନ୍ତିପୂର୍ଣ୍ଣ ସମାଧାନ ଉପରେ ନିଜର ଜୋର ବଜାୟ ରଖିଛି, ଯାହାଦ୍ୱାରା ବିଶ୍ୱ ସ୍ତରରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ।

## ଶୁକ୍ରବାର ମୋଦି-ପୁଟିନ ଦ୍ୱିପାକ୍ଷିକ ବୈଠକ

ନୂଆଦିଲ୍ଲୀ,୮।୯: ଭାରତରେ ଆୟୋଜିତ ହେବାକୁ ଯାଉଥିବା ୧୮ତମ ବ୍ରିକ୍ସ ସମ୍ମିଳନୀ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ୧୨ ସେପ୍ଟେମ୍ବର (ଶୁକ୍ରବାର) ଦ୍ୱିପାକ୍ଷିକ ବୈଠକ କରିବେ। ଏନେଇ କ୍ରେମଲିନ ମୁଖପାତ୍ର ଦିମିତ୍ରି ପେସ୍କୋଭ ସୂଚନା ଦେଇଛନ୍ତି। ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ, ଆର୍ଥିକ ସହଯୋଗ, ଉର୍ଜା, ପରମାଣୁ ଶକ୍ତି ଏବଂ ପ୍ରତିରକ୍ଷା ଭଳି ପ୍ରମୁଖ ପ୍ରସଙ୍ଗ ଆଲୋଚନାର କେନ୍ଦ୍ର ବିନ୍ଦୁ ହେବ ବୋଲି ସେ କହିଛନ୍ତି। ସେପ୍ଟେମ୍ବର ୧୨, ୧୩ ତାରିଖରେ ନୂଆଦିଲ୍ଲୀରେ ବ୍ରିକ୍ସ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିପାଇଁ ରାଷ୍ଟ୍ରପତି ପୁଟିନ ଭାରତ ଗସ୍ତରେ ଆସୁଛନ୍ତି। ପେସ୍କୋଭ କହିଛନ୍ତି ଯେ, ମୋଦି ଓ ପୁଟିନଙ୍କ ମଧ୍ୟରେ ବ୍ୟକ୍ତିଗତ ସମ୍ପର୍କ ଅତ୍ୟନ୍ତ ଘନିଷ୍ଠ ଓ ବ୍ୟବହାରିକ। ଉଭୟ ନେତା ସମ୍ବେଦନଶୀଳ ବିଷୟ ଉପରେ ମଧ୍ୟ ଖୋଲା ଓ ଗଠନମୂଳକ ଭାବେ ଆଲୋଚନା କରିପାରନ୍ତି, ଯାହା ଦ୍ୱିପାକ୍ଷିକ ସହଯୋଗକୁ ନୂଆ ଦିଗ ଦେବ ବୋଲି ପେସ୍କୋଭ କହିଛନ୍ତି।

## 'ଚୌକିଦାର ଚୋର ହୈ' କେସ୍ ରଦ୍ଦ କରିବାକୁ ମନା କଲେ ହାଇକୋର୍ଟ



ନୂଆଦିଲ୍ଲୀ,୮।୯: କଂଗ୍ରେସ ନେତା ତଥା ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଲାଗିଛି ବଡ଼ ଝଟକା। ତାଙ୍କ ବିରୋଧରେ ଚାଲିଥିବା ଅପରାଧିକ ମାନହାନୀ ମୋକଦ୍ଦମା ରଦ୍ଦ କରିବାକୁ ମନା କରିଛନ୍ତି ବମ୍ବେ ଉଚ୍ଚ ନ୍ୟାୟାଳୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଦେଇଥିବା ବିବାଦୀୟ ଟିପ୍ପଣୀ 'ଚୌକିଦାର ଚୋର ହୈ', 'ଚୋରୋଁ କା ସରଦାର' ଏବଂ 'କମାଣ୍ଡ ଇନ୍ ଚିଫ୍'କୁ ନେଇ ରାହୁଲ ଗାନ୍ଧୀଙ୍କ ମୁସ୍କିଲ ବଢିବାରେ ଲାଗିଛି। ତାଙ୍କ ବିରୋଧରେ ଦାୟର ଯାଚିକା ଏବଂ ମାମଲା ରଦ୍ଦ ପାଇଁ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ ରାହୁଲ। ହାଇକୋର୍ଟ ମଙ୍ଗଳବାର ରାହୁଲଙ୍କ ପକ୍ଷରୁ ଦାୟର ଯାଚିକାର ଶୁଣାଣି କରି ଉପରୋକ୍ତ ନିଷ୍ପତ୍ତି ଦେଇଛନ୍ତି। ଏହି ମାମଲାରେ ମାଜିଷ୍ଟ୍ରେଟ୍ କୋର୍ଟଙ୍କ ପକ୍ଷରୁ ଜାରି ସମନକୁ ବମ୍ବେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ ରାହୁଲ ଗାନ୍ଧୀ। ତାଙ୍କ ଓକିଲଙ୍କ ଯୁକ୍ତି ଯେ, ଏହି ଅଭିଯୋଗ ଶୁଣାଣି ଯୋଗ୍ୟ ନୁହେଁ, କାରଣ ରାହୁଲ ନିଜର କଥିତ ବୟାନରେ କୌଣସି ରାଜନୈତିକ ଦଳର ନାଁ ନେଇ ନ ଥିଲେ। ଏଥିରେ ସେ କୌଣସି ବିଶେଷ ବର୍ଗକୁ ଟାର୍ଗେଟ୍ କରି ନ ଥିଲେ। ଲାଇଭ ଲର ରିପୋର୍ଟ ମୁତାବକ, ଜଷ୍ଟିସ ନିତିନ ବୋରକରଙ୍କ ଜଣିକିଆ ପୀଠ ରାହୁଲ ଗାନ୍ଧୀଙ୍କ ଦଲିଲ୍ ଖାରଜ କରି କହିଛନ୍ତି, ବିଜେପି ଏକ ପଞ୍ଜିକୃତ ଜାତୀୟ ଦଳ। ନିଶ୍ଚିତ ରୂପେ ଏହା ଏକ ଦଳ ପ୍ରତି ଅପମାନ। ଆବେଦନକାରୀ ନିଜକୁ ବିଜେପିର ଜଣେ ସକ୍ରିୟ ସଦସ୍ୟ ବୋଲି ଦର୍ଶାଇଛନ୍ତି।


### ଆମେରିକାରେ ଭାରତୀୟ ବଂଶୋଭବ ବିଲିଅନେୟାରଙ୍କ ପତିଆରା

## ଫୋର୍ବର୍ସ ତାଲିକାରେ ୧୯ ଭାରତୀୟ

ନୂଆଦିଲ୍ଲୀ,୮।୯: ଆମେରିକାରେ ରହୁଥିବା ପ୍ରବାସୀ ବିଲିଅନେୟାରଙ୍କ ମଧ୍ୟରେ ଭାରତୀୟ ବଂଶୋଭବ ବ୍ୟବସାୟୀଙ୍କ ପତିଆରା ବଢ଼ିଛି। ୨୦୨୬ରେ ପ୍ରକାଶିତ ଫୋର୍ବସ୍ ତାଲିକା ଅନୁସାରେ, ଆମେରିକାରେ ରହୁଥିବା ସବୁଠାରୁ ଅଧିକ ବିଦେଶ ଜନ୍ମିତ ବିଲିଅନେୟାରଙ୍କ ଉତ୍ସ ଭାବେ ଭାରତ ଶୀର୍ଷରେ ରହିଛି। ତାଲିକାରେ ମୋଟ ୧୯ ଜଣ ଭାରତୀୟ ବଂଶୋଭବ ବ୍ୟବସାୟୀ ସ୍ଥାନ ପାଇଛନ୍ତି। ଏହା ପୂର୍ବରୁ ୨୦୨୫ ମସିହାରେ ପ୍ରକାଶ ପାଇଥିବା ତାଲିକାରେ ଆମେରିକାରେ ଥିବା ଭାରତ ଜନ୍ମିତ କୋଟିପତିଙ୍କ ସଂଖ୍ୟା ଥିଲା ୧୨ ଜଣ। ସେତେବେଳେ ଏହା ଅନ୍ୟ ବିଦେଶୀ ରାଷ୍ଟ୍ର ଠାରୁ ସର୍ବାଧିକ ଥିଲା। ଚଳିତ ବର୍ଷ ଏହି ତାଲିକାରେ ୭ ଜଣ ନୂଆ ଭାରତୀୟ-ଆମେରିକୀୟ ବିଲିଅନେୟାର ସାମିଲ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଭେଞ୍ଚର କ୍ୟାପିଟାଲିଷ୍ଟ ହେମନ୍ତ ତନେଜା, ପାଲାଣ୍ଟିରର ଚିଫ୍ ଟେକ୍ନୋଲୋଜି ଅଫିସର ଶ୍ୟାମ ସଙ୍କର ଏବଂ ସେମିକଣ୍ଡକ୍ଟର କମ୍ପାନୀ (ଆଷ୍ଟେରା ଲ୍ୟାବ୍ସ )ର ପ୍ରତିଷ୍ଠାତା ସଂଜୟ ଗଜେନ୍ଦ୍ର ଏବଂ ଜିତେନ୍ଦ୍ର ମୋହନ ରହିଛନ୍ତି। ଭାରତ ପରେ ଆମେରିକାରେ ଇସ୍ରାଏଲ, ତାଇୱାନ ଓ ଚୀନ୍ ଜନ୍ମିତ କୋଟିପତିଙ୍କ ସଂଖ୍ୟା ଅଧିକ ରହିଛି। ତେବେ ଆମେରିକାର ବ୍ୟବସାୟ ଓ ଟେକ୍ନୋଲୋଜୀ କ୍ଷେତ୍ରରେ ଭାରତୀୟ ପ୍ରବାସୀଙ୍କ ବଢୁଥିବା ପ୍ରଭାବର ଚିତ୍ର ସାମ୍ନାକୁ ଆସିଛି। ୨୦୨୬ରେ ତାଲିକାରେ ନୂଆ କରି ସାମିଲ ହୋଇଥିବା ଭାରତୀୟ ବଂଶୋଭବ ବିଲିଅନେୟାରମାନଙ୍କ ମଧ୍ୟରୁ ଅଧିକାଂଶ ଟେକ୍ନୋଲୋଜୀ କ୍ଷେତ୍ରରୁ ଆସିଛନ୍ତି। ଭେଞ୍ଚର କ୍ୟାପିଟାଲ୍ ଫାର୍ମ ଜେନେରାଲ କାଟାଲିଷ୍ଟର ନେତୃତ୍ୱ ନେଉଥିବା ହେମନ୍ତ ତନେଜାଙ୍କ ସମ୍ପତ୍ତି ପରିମାଣ ପ୍ରାୟ ୩.୬ ବିଲିୟନ ଡଲାରରେ ପହଞ୍ଚିଛି। କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ କ୍ଷେତ୍ରରେ ହୋଇଥିବା ବଡ଼ ବଡ଼ ନିବେଶରୁ ତାଙ୍କ ସମ୍ପତ୍ତି ବୃଦ୍ଧି ପାଇଥିବା କୁହାଯାଇଛି। ତାଙ୍କ ଫାର୍ମ ଆନଥ୍ରୋପିକ୍ ଭଳି ପ୍ରମୁଖ ଏଆଇ କମ୍ପାନୀରେ ମଧ୍ୟ ନିବେଶ କରିଛି। ପାଲାଣ୍ଟିରର ଚିଫ୍ ଟେକ୍ନୋଲୋଜି ଅଫିସର ଶ୍ୟାମ ସଙ୍କର ମଧ୍ୟ ପ୍ରଥମ ଥର ପାଇଁ ଏହି ତାଲିକାରେ ସ୍ଥାନ ପାଇଛନ୍ତି। ତେବେ ଆଶ୍ଚର୍ଯ୍ୟର କଥା ହେଉଛି, ଯଦିଓ ଭାରତରେ ଜନ୍ମିତ ୧୯ ଜଣ ପ୍ରବାସୀ କୋଟିପତି ଅଛନ୍ତି, ତେବେ କେହି ଶ୍ରେଷ୍ଠ ଦଶ ଜଣ ଧନୀଙ୍କ ମଧ୍ୟରେ ନାହାନ୍ତି। ଫୋର୍ବର୍ସ ଅନୁଯାୟୀ, ୨୦୨୬ ମସିହାରେ ଆମେରିକାର ଶ୍ରେଷ୍ଠ ଦଶ ପ୍ରବାସୀ କୋଟିପତି ହେଉଛନ୍ତି ଏଲୋନ ମସ୍କ, ଗୁଗୁଲ୍ ସହ-ପ୍ରତିଷ୍ଠାତା ସେର୍ଗେଇ ବ୍ରିନ୍, ଏନଭିଡିଆ ସହ-ପ୍ରତିଷ୍ଠାତା ଜେନସେନ୍ ହୁଆଙ୍ଗ, ଥମାସ ପିଟରଫି, ମିରିୟମ୍ ଆଡେଲସନ୍ ଏବଂ ତାଙ୍କ ପରିବାର, ଡେଭିଡ୍ ସନ୍, ଜନ୍ ଟୁ, ପିଟର ଥିଏଲ୍, ରୁପର୍ଟ ମର୍ଡୋକ୍ ଏବଂ ପରିବାର ଏବଂ ଆଡାମ ଫୋରୋଫି। ଫୋବର୍ସ ଅନୁଯାୟୀ, ଶ୍ରେଷ୍ଠ ତିନି ଜଣ: ମସ୍କ, ବ୍ରିନ୍ ଏବଂ ହୁଆଙ୍ଗ୍ ମିଳିତ ଭାବରେ ମୋଟ ପ୍ରବାସୀ କୋଟିପତିଙ୍କ ସମ୍ପତ୍ତିର ୬୦% ରୁ ଅଧିକ ଅଂଶୀଦାର।

## ୨୪ଟି ବେଆଇନ କୋଠା ଭାଙ୍ଗିଲା ଏମସିଡି

ନୂଆଦିଲ୍ଲୀ,୮।୯: ଦିଲ୍ଲୀ ମୁନସିପାଲ କର୍ପୋରେସନ(ଏମସିଡି) ଦକ୍ଷିଣ ଦିଲ୍ଲୀସ୍ଥିତ ସତ୍ୟ ନିକେତନ କୋଠା ଭୁଶୁଡିବା ଘଟଣା ପରିପ୍ରେକ୍ଷୀରେ ନିକଟବର୍ତ୍ତୀ ଅନଧିକୃତ ନିର୍ମାଣ ବିରୋଧରେ ସ୍ୱତନ୍ତ୍ର ଅଭିଯାନ ଗ୍ରହଣ କରିଛି। ମଙ୍ଗଳବାର ୨୪ଟି ବେଆଇନ ନିର୍ମାଣକୁ ଭାଙ୍ଗିବା ସହିତ ୭ଟି କୁ ସିଲ୍ କରିଛି। ଏଥି ସହିତ ଅନଧିକୃତ ନିର୍ମାଣ




ବିରୋଧରେ ୧୫ଟି ଉଚ୍ଛେଦ ନିର୍ଦ୍ଦେଶ ଓ ୨ଟି ସିଲ ନୋଟିସ ପଠାଇଛି। ସୂଚନାଯୋଗ୍ୟ ଯେ ବିଲଡିଂ ଭୁଷୁଡିବା ଘଟଣାରେ ଏପର୍ଯ୍ୟନ୍ତ ୭ଜଣଙ୍କ ମୃତ୍ୟୁ ଘଟିଛି।

### ଜେନ-ଜେଡ୍‌ଙ୍କୁ ମୋଦିଙ୍କ ବାର୍ତ୍ତା

# ସତ୍ୟର ହୁଙ୍କାର ସହିତ ଆଗକୁ ବଢୁଛି ଭାରତ

ନୂଆଦିଲ୍ଲୀ,୮।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଗୁଜୁରାଟର ଭଦୋଦରାରେ ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦଘାଟନ କରିଛନ୍ତି। ଏହି ଅବସରରେ ସେ ସମର୍ପିତ ମାଲ ପରିବହନ କରିଡରକୁ ୨୧ ଶତାବ୍ଦୀର ଭାରତର 'ଜୀବନରେଖା' ଭାବରେ ବର୍ଣ୍ଣନା କରିଥିଲେ। ସେ କହିଥିଲେ ଯେ ଦେଶର କାର୍ଯ୍ୟ ସଂସ୍କୃତି ଗତ ୧୨ ବର୍ଷ ମଧ୍ୟରେ ଏକ ବଡ଼ ପରିବର୍ତ୍ତନ ଦେଇ ଗତି କରିଛି, ବିକାଶ ପ୍ରକଳ୍ପ ଗୁଡ଼ିକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ଯେ, ସମର୍ପିତ ମାଲ ପରିବହନ କରିଡର ପାଇଁ ଧାରଣା ୨୦୦୪ ମସିହାରେ ଆରମ୍ଭ ହୋଇଥିଲା ଏବଂ ୨୦୦୬ ମସିହାରେ ଏଥିପାଇଁ ଏକ ସମର୍ପିତ କମ୍ପାନୀ ଗଠନ କରାଯାଇଥିଲା। ତଥାପି, ୨୦୧୪ ପର୍ଯ୍ୟନ୍ତ, ପ୍ରକଳ୍ପ ସହିତ ଜଡିତ ଫାଇଲ ଗୁଡ଼ିକ ଅଧାପନ୍ତରିଆ ଅବସ୍ଥାରେ ଥିଲା। ସେ କହିଥିଲେ ଯେ ୨୦୧୪ ପରେ, ପ୍ରକଳ୍ପ ଗତି ପାଇଲା ଏବଂ ୨୮୦୦ କିଲୋମିଟର ସମର୍ପିତ ମାଲ ପରିବହନ କରିଡରର କାମ ସମାପ୍ତ ହୋଇଥିଲା। ତାଙ୍କ ଅନୁସାରେ, ପୂର୍ବ ଏବଂ ପଶ୍ଚିମ ମାଲ ପରିବହନ କରିଡରଗୁଡ଼ିକ ଏବେ ଦେଶର ବାଣିଜ୍ୟ ଏବଂ ବ୍ୟବସାୟର ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ପାଲଟିଛି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପୂର୍ବରୁ, ଯାତ୍ରୀ ଏବଂ ମାଲବାହୀ ଟ୍ରେନଗୁଡ଼ିକ ସମାନ ଟ୍ରାକ୍ ବ୍ୟବହାର କରୁଥିଲେ, ଯାହା ଉଭୟର ଗତିକୁ ପ୍ରଭାବିତ କରିଥିଲା। ବର୍ତ୍ତମାନ, ପୃଥକ ମାଲବାହୀ କରିଡର ନିର୍ମାଣ ସହିତ, ପରିସ୍ଥିତି ବଦଳି ଯାଇଛି। ତାଙ୍କ ଅନୁଯାୟୀ, ପୂର୍ବ ଏବଂ ପଶ୍ଚିମ ମାଲବାହୀ କରିଡରରେ ପ୍ରତିଦିନ ୪୩୦ରୁ ଅଧିକ ମାଲବାହୀ ଟ୍ରେନ ଚାଲୁଛି। ସେ ଦାବି କରିଛନ୍ତି ଯେ ପୂର୍ବରୁ ମାଲବାହୀ ଟ୍ରେନ ଗୁଡ଼ିକ ୧୦୦ କିଲୋମିଟର ଦୂରତା ଅତିକ୍ରମ କରିବାକୁ ପ୍ରାୟ ୬.୩୦ଘଣ୍ଟା ସମୟ ନେଉଥିଲା, କିନ୍ତୁ ବର୍ତ୍ତମାନ ଏହି ସମୟ ଅଧାରୁ କମ୍ ହ୍ରାସ ପାଇଛି। ପ୍ରଧାନମନ୍ତ୍ରୀ ମୋଦି ମୁମ୍ବାଇର ଜେଏନପିଟି ବନ୍ଦରରୁ ଭଦୋଦରାକୁ ଡବଲ-ଷ୍ଟାକ୍ କଣ୍ଟେନର ମାଲବାହୀ ଟ୍ରେନ ଗୁଡ଼ିକର ପରିଚାଳନା ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ ଏପରି ଗୋଟିଏ ମାଲବାହୀ ଟ୍ରେନ ଏକ ସମୟରେ ୨୫୦ ରୁ ଅଧିକ ଟ୍ରକ୍ ସହିତ



ସମାନ ସାମଗ୍ରୀ ପରିବହନ କରିପାରିବ। ବିରୋଧୀଙ୍କୁ କଟାକ୍ଷ କରି ସେ ମନ୍ତବ୍ୟ ମଧ୍ୟ ଦେଇଥିଲେ ଏବଂ କହିଥିଲେ ଯେ କିଛି ଲୋକ ପ୍ରଶ୍ନ କରିବେ ଯେ ଟ୍ରକ୍ ଡ୍ରାଇଭର ମାନଙ୍କର କଣ ହେବ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ରେଳବାଇ ଏବେ ସେହି ଅଞ୍ଚଳ ଗୁଡ଼ିକରେ ପହଞ୍ଚିପାରୁଛି ଯେଉଁଠାରେ ଦଶନ୍ଧି ଧରି ରେଳ ସଂଯୋଗର ଅଭାବ ଥିଲା। ସେ ଗୁଜରାଟ, ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ରର ଆଦିବାସୀ ଅଞ୍ଚଳ ଗୁଡ଼ିକୁ ରେଳ ପ୍ରକଳ୍ପ ସହିତ ସଂଯୋଗ କରିବା ବିଷୟରେ ମଧ୍ୟ କଥା ହୋଇଥିଲେ। ସେ ଉଲ୍ଲେଖ କରିଥିଲେ ଯେ ଏହି ବର୍ଷର ରେଳ ବଜେଟ ୨.୭୫ ଲକ୍ଷ କୋଟି ଅତିକ୍ରମ କରିଛି ଏବଂ ରେଳବାଇର ଆଧୁନିକୀକରଣ ମଧ୍ୟ ନିଯୁକ୍ତି ସୁଯୋଗ ବୃଦ୍ଧି କରୁଛି।ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଭାରତର ଯୁବପିଢ଼ି 'ସତ୍ୟର ହୁଙ୍କାର' ସହିତ ଆଗକୁ ବଢ଼ନ୍ତି। ଯୁବପିଢ଼ିଙ୍କ ପରିପ୍ରେକ୍ଷୀରେ, ସେ ସୌର, ପବନ, ଜଳ ଏବଂ ପରମାଣୁ ଭଳି ଶକ୍ତି କ୍ଷେତ୍ର ଉପରେ ସରକାରଙ୍କ ଧ୍ୟାନ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ ଘରୋଇ ସୌର ଉତ୍ପାଦନରେ ବୃଦ୍ଧି ଆତ୍ମନିର୍ଭରଶୀଳତାକୁ ସୁଦୃଢ଼ କରିଛି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମାଗଣା ବିଦ୍ୟୁତ୍ ଯୋଜନା ଦ୍ରୁତ ଗତିରେ ଆଗକୁ ବଢୁଛି। ତାଙ୍କ ଅନୁସାରେ, ସାରା ଦେଶରେ ୫୫ ଲକ୍ଷ ପରିବାର ସେମାନଙ୍କ ଛାତ ଉପରେ ସୌର ପ୍ୟାନେଲ ସ୍ଥାପନ କରିଛନ୍ତି, ଯେଉଁଥିରେ ଗୁଜରାଟର ପ୍ରାୟ ୧୧ ଲକ୍ଷ ପରିବାର ଅନ୍ତର୍ଭୁକ୍ତ। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ବର୍ତ୍ତମାନ ସମୟ ଭାରତର ଯୁବଶକ୍ତିର ଶିଖର ଏବଂ ଏହି ସୁଯୋଗ ଆଉ କେବେ ଆସିବ ନାହିଁ। ସେ ଯୁବପିଢ଼ି ଏବଂ ଦେଶବାସୀଙ୍କୁ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତର ଲକ୍ଷ୍ୟକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ଆହ୍ୱାନ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଭାରତକୁ ବିକଶିତ କରିବା ଦେଶର ପ୍ରାଥମିକ ଲକ୍ଷ୍ୟ ହେବା ଉଚିତ।

### ଓଏମଭିଡି କନଷ୍ଟେବଲ୍ ହତ୍ୟା ମାମଲା

# କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଲେ ହାଇକୋର୍ଟ



କଟକ(ନିପ୍ର): ବହୁଚର୍ଚ୍ଚିତ ଓଏମଭିଡି କନଷ୍ଟେବଲ୍ ଆଶୁତୋଷ ମୃଦଙ୍ଗିଆଙ୍କ ହତ୍ୟା ମାମଲାକୁ ନେଇ ମାନ୍ୟବର ହାଇକୋର୍ଟଙ୍କ ବଡ ନିର୍ଦ୍ଦେଶ । ପୋଲିସ ତଦନ୍ତରେ ଅସନ୍ତୋଷ ପ୍ରକାଶ କରିଛନ୍ତି ହାଇକୋର୍ଟ । ମାମଲାକୁ ବିଚାର କରି କୋର୍ଟ ଏହାର ତଦନ୍ତ କ୍ରାଇମବ୍ରାଞ୍ଚ ଦ୍ୱାରା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ମୃତକଙ୍କ ଭଉଣୀ ନିବେଦିତା ଦେବୀ ନ୍ୟାୟ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଏନେଇ ଏକ ମାମଲା ହାଇକୋର୍ଟରେ ରୁଜୁ କରିଥିଲେ । ମାମଲାର ବିବରଣୀ ଅନୁଯାୟୀ ୫ ଜୁନ୍ ୨୦୨୬ରେ ଟାଉନ୍ ଥାନା ଅନ୍ତର୍ଗତ ବିଜିପୁର ପୋଲିସ କଲୋନୀରେ ଆଶୁତୋଷ ମୃଦାଙ୍ଗିଆ ଗୁରୁତର ଅବସ୍ଥାରେ ମିଳିଥିଲେ। ପରେ ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ସମୟରେ ଆଶୁତୋଷଙ୍କ ଦୁଇ ଥର ମୃତ୍ୟୁ କାଳୀନ ଜମାନବନ୍ଦୀ ରେକର୍ଡ ହୋଇଥିଲା। ଦୁଇ ଥର ଯାକ ସେ ତାଙ୍କୁ ପତ୍ନୀ ସନ୍ଧ୍ୟା ଓ ଶଳା ମିଳିମିଶି ଏକ ଯୋଜନା ବଦ୍ଧ ଭାବେ ହତ୍ୟା କରାଯାଇଥିବାର ଅଭିଯୋଗ କରିଥିଲେ । ଘଟଣାକୁ ନେଇ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। କିନ୍ତୁ ଉଭୟଙ୍କୁ ପୋଲିସ ଗିରଫ କରି ନଥିଲା । ମୃତ୍ୟୁ ପରେ ପରିବାର ଲୋକ ନ୍ୟାୟ ଦାବିରେ ଶବ ରଖି ଧାରଣାରେ ବସିଥିଲେ। ପୋଲିସ ୭୨ ଘଣ୍ଟାରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କହିଥିଲେ। କିନ୍ତୁ ତାପରେ ପୋଲିସ ଆଉ ଗିରଫ କରି ନଥିଲା। ତେଣୁ ଆଶୁତୋଷଙ୍କ ହତ୍ୟାକାରୀ ଅର୍ଥାତ୍ ଆଶୁତୋଷଙ୍କ ପତ୍ନୀ ସନ୍ଧ୍ୟା ନାୟକ ଓ ଶଳାଙ୍କୁ ପୋଲିସ ଘଣ୍ଟ ଘୋଡ଼ାଉଥିବା ନେଇ ଅଭିଯୋଗ କରିଥିଲେ ଆଶୁତୋଷଙ୍କ ଭଉଣୀ ନିବେଦିତା। ମୃତକଙ୍କ ଭଉଣୀ ନିବେଦିତା ଦେବୀ ଏନେଇ ଏକ ମାମଲା ହାଇକୋର୍ଟରେ କରିଥିଲେ। ସନ୍ଧ୍ୟା ଜଣେ ପୋଲିସ କନେଷ୍ଟବଳ ହୋଇଥିବାରୁ ପୋଲିସ ଜାଣିଶୁଣି ଗିରଫ କରୁନାହିଁ ବୋଲି ହାଇକୋର୍ଟରେ ଦାୟର ମାମଲାରେ ତାଙ୍କ ଭଉଣୀ ଦର୍ଶାଇଥିଲେ। ମୃତକ ଦୁଇଦୁଇ ଥର ମୃତ୍ୟୁକାଳୀନ ଜମାନବନ୍ଦୀରେ ସ୍ପଷ୍ଟ ଭାବେ ସନ୍ଧ୍ୟା ଓ ତାଙ୍କ ଭାଇ ନାମ କହିଥିଲେ ସୁଦ୍ଧା ପୋଲିସ ସେମାନଙ୍କୁ ଗିରଫ କରୁନାହିଁ କିମ୍ବା ନିରପେକ୍ଷ ତଦନ୍ତ କରୁନାହିଁ ବୋଲି କହିଥିଲେ। ପୋଲିସ ପକ୍ଷରୁ ଅଭିଯୁକ୍ତମାନଙ୍କର ପୋଲିଗ୍ରାଫ୍ ଟେଷ୍ଟ କରାଯାଇଥିଲା । କିନ୍ତୁ ସେଥିରୁ କୌଣସି ପ୍ରତିକୂଳ ପ୍ରମାଣ ମିଳିନଥିଲା। ଏଣୁ ତଦନ୍ତ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି କୋର୍ଟରେ ଦର୍ଶାଇଥିଲେ। କିନ୍ତୁ ମାନ୍ୟବର କୋର୍ଟ ଲକ୍ଷ୍ୟ କଲେ ଯେ ମୃତକଙ୍କ ଦ୍ୱାରା ଦିଆଯାଇଥିବା ମୃତ୍ୟୁକାଳୀନ ଜବାବବନ୍ଦୀ ମଧ୍ୟରୁ ଜଣେ ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ରେକର୍ଡ କରାଯାଇଛି। ସେଥିରେ ଅଭିଯୁକ୍ତମାନଙ୍କ ସଂପୃକ୍ତି ବିଷୟରେ ମୃତକ କହିଥିବା ସତ୍ତ୍ୱେ ପୋଲିସ ତଦନ୍ତର ଫଳାଫଳ ସନ୍ତୋଷଜନକ ନୁହେଁ। ତେଣୁ, ହାଇକୋର୍ଟ ଏହି କେସଟିକୁ ସାଧାରଣ ପୋଲିସ ତଦନ୍ତରୁ କାଢ଼ି ତୁରନ୍ତ କ୍ରାଇମବ୍ରାଞ୍ଚ (ସିବି-ସିଆଇଡି) କୁ ହସ୍ତାନ୍ତର କରିବା ପାଇଁ ଆଦେଶ ଦେଇଛନ୍ତି। ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ, ବ୍ରହ୍ମପୁରଙ୍କୁ ବିନା କୌଣସି ବିଳମ୍ବରେ ଏହି କେସର ସମସ୍ତ ରେକର୍ଡ ସିଆଇଡି, ସିବିକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଚାକିରି ବାହାନାରେ ଲୁଟ୍, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ଚାକିରି ଦେବା ବାହାନାରେ ସୁନା କାନଫୁଲ ଲୁଟ୍ କରିବା ଅଭିଯୋଗରେ ଶହୀଦନଗର ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ କେ. କୋଦଣ୍ଡପାଣି ପାତ୍ର। ପୁଲିସ ଏନେଇ ଏକ ମାମଲା ରୁଜୁ କରି ପୁଲିସ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୦୧.୦୯. ୨୦୨୬ ତାରିଖରେ ଏସପ୍ଲାନେଡ୍ ମଲ୍ ନିକଟରେ ଅଭିଯୁକ୍ତ ଜଣକ ଅଭିଯୋଗକାରିଣୀ ସୁଷମା ବେହେରାଙ୍କୁ ଏକ ଭଲ ଚାକିରି ଦେବାର ପ୍ରଲୋଭନ ଦେଖାଇ ବିଶ୍ୱାସ ଜନ୍ମାଇଥିଲା। ଏହି ସୁଯୋଗ ନେଇ ସେ କୌଶଳ କ୍ରମେ ତାଙ୍କଠାରୁ ସୁନା କାନଫୁଲ ଲୁଟି ନେଇ ଫେରାର ହୋଇଯାଇଥିଲା। ସହିଦନଗର ପୋଲିସ ତୁରନ୍ତ ଏହି ଘଟଣାର ତଦନ୍ତ କରି ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ଏହି ଲୁଟେରା ଘନା ଓରଫ କେ. କୋଦଣ୍ଡ ପାଣି ପାତ୍ରକୁ ଠାବ କରିବାରେ ସଫଳ ହୋଇଛି। ଯାଞ୍ଚ ବେଳେ ତା' ନିକଟରୁ ଲୁଟ୍ ହୋଇଥିବା ସୁନା କାନଫୁଲ ଯାହାର ଓଜନ ପ୍ରାୟ ୩.୫ ଗ୍ରାମ ଉଦ୍ଧାର କରାଯାଇ ଜବତ କରାଯାଇଛି। ପଚରାଉଚରା ବେଳେ ସେ ଚାକିରି ଦେବା ନାଁରେ ଠକି ସୁନା ଲୁଟିଥିବା କଥା ସ୍ୱୀକାର କରିଛି। ସଂଗୃହୀତ ପ୍ରମାଣ ଆଧାରରେ ଅଭିଯୁକ୍ତକୁ ଗିରଫ କରାଯାଇ ଆଜି କୋର୍ଟ ଚାଲାଣ କରାଯାଇଛି।

## ବିଦ୍ୟୁତ୍ ତାର ଲାଗି ମା-ଝିଅ ମୃତ

- ମା'କୁ ବଞ୍ଚାଇବାକୁ ଯାଇ ଝିଅ ମୃତ
- ଶବ ଧରି କଳାହାଣ୍ଡି ଜିଲ୍ଲାପାଳଙ୍କ ଅଫିସ ଘେରିଲେ କଲେ ପରିବାର ଲୋକ

ଭବାନୀପାଟଣା(ନିପ୍ର): ବିଦ୍ୟୁତ୍ ତାର ଲାଗି ମା' ଓ ଝିଅଙ୍କ ମୃତ୍ୟୁକୁ ନେଇ କଳାହାଣ୍ଡିରେ ଚାଞ୍ଚଲ୍ୟ। ଭବାନୀପାଟଣା ସଦର ଥାନା ଅନ୍ତର୍ଗତ କର୍ଲାଶୋଡା ଗାଁରେ ଘଟିଛି ଏହି ଅଭାବନୀୟ ଘଟଣା। ମୃତକ ଦୁଇଜଣ ହେଲେ ମା' ଲଳିତା ନାଏକ ଓ ଝିଅ ଶୀତଳ ନାଏକ। ଘଟଣା ପରେ ଗୁରୁତର ଅବସ୍ଥାରେ ମା' ଓ ଝିଅଙ୍କୁ ଚିକିତ୍ସା ପାଇଁ ନେବାକୁ ଆମ୍ବୁଲାନ୍ସକୁ ଡକାଯାଇଥିଲା। ତେବେ ଆମ୍ବୁଲାନ୍ସ ନ ପହଞ୍ଚିବାରୁ ଏକ ଅଟୋରେ ମା-ଝିଅଙ୍କୁ ମେଡିକାଲକୁ ନେଇଥିଲେ। ମେଡିକାଲରେ ପହଞ୍ଚିବା ପରେ ଡାକ୍ତର ଭଲ ଭାବରେ ଚିକିତ୍ସା କରିନଥିବା ଯୋଗୁଁ ଉଭୟଙ୍କ ମୃତ୍ୟୁ ଘଟିଥିବା ପରିବାରବର୍ଗ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ମୃତକଙ୍କ ପରିବାର ଓ ସମ୍ପର୍କୀୟମାନେ ଉତ୍ତେଜିତ ହୋଇ ଦୁଇ ମୃତଦେହକୁ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଆମ୍ବୁଲାନ୍ସ ନ ଆସିବା ଓ ଡାକ୍ତର ଅବହେଳା କରିବା ବିରୋଧରେ ତୁରନ୍ତ ପଦକ୍ଷେପ ଦାବିକରି ଶବ ଧରି ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରିଥିବା ଜଣାପଡ଼ିଛି। ପରିବାରବର୍ଗଙ୍କ ଅଭିଯୋଗ ଓ ଘଟଣାର ପ୍ରକୃତ କାରଣ ନେଇ ପ୍ରଶାସନ ପକ୍ଷରୁ ତଦନ୍ତ କରାଯିବା ସହ ଦୋଷୀଙ୍କ ବିରୋଧରେ ଉଚିତ୍ ପଦକ୍ଷେପ ନିଆଯିବାକୁ ଦାବି ହୋଇଛି। ଘଟଣାକୁ ନେଇ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ବେଳେ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ଉତ୍ତେଜନା ପ୍ରକାଶ ପାଇଛି । ଘଟଣାସ୍ଥଳରେ ଭବାନୀପାଟଣା ଟାଉନ ଥାନା ପୋଲିସ ଓ ତହସିଲଦାର ପହଞ୍ଚି ପରିବାରବର୍ଗଙ୍କୁ ବୁଝାସୁଝା କରିଛି ।

## ଏକ କୁଇଣ୍ଟାଲ ଗୋ-ବିରିୟାନୀ ଜବତ: ଡ୍ରାଇଭର ଅଟକ



କଟକ(ନିପ୍ର): ଜଗତପୁର ଥାନା ପୋଲିସ ପ୍ରାୟ ୧ କୁଇଣ୍ଟାଲରୁ ଅଧିକ ଗୋ-ବିରିୟାନୀ ନେଇ ଯାଉଥିବା ଏକ ଅଟୋକୁ ଜବତ କରିବା ସହ ଚାଳକକୁ ଅଟକ ରଖିଛି। ମିଳିଥିବା ସୂଚନା ଅନୁଯାୟୀ ସାଲେପୁର ଥାନା ଅନ୍ତର୍ଗତ ରାଇସୁଂଗୁଡାରୁ ଏକ ଅଟୋରେ ଗୋ-ବିରିୟାନୀ ଚାଲାଣ ହେଉଥିଲା। ଏ ସମ୍ପର୍କରେ କୌଣସି ସୂତ୍ରରୁ ଖବରପାଇ ଗୋସେବକମାନେ ଗାଡିର ପିଛା କରି ଅପରାହ୍ନ ପ୍ରାୟ ୫ଟା ବେଳେ ଜଗତପୁର ଗୋଲେଇ ଛକ ନିକଟରେ ଅଟକାଇଥିଲେ। ଗୋସେବକମାନେ ଅଟକାଇ ପଚରାଉଚରା କରିବା ସମୟରେ ଅଟୋ ଚାଳକ ଗାଡିକୁ ଓଲଟାଇ ଦେଇ ବିରିୟାନୀକୁ ନଷ୍ଟ କରିଥିଲେ। ଏଥିରେ ଉତ୍ୟକ୍ତ ଜନତା ଚାଳକକୁ ଆକ୍ରମଣ କରିଥିବା ଓ ଚାଳକ ଆକ୍ରମାଣରେ ଆହତ ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଟୋ, ବିରିୟାନୀ ଜବତ କରି ଚାଳକକୁ ପ୍ରାଥମିକ ଚିକିତ୍ସା କରାଇ ଅଟକ ରଖି ପଚରାଉଚରା ଜାରି ରଖିଛି। ଜବତ ବିରିୟାନୀ ପରୀକ୍ଷା ପାଇଁ ପଠାଯାଇଛି।

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

## ବାଲେଶ୍ୱର ଉଠା ଜଳସେଚନ କନିଷ୍ଠ ଯନ୍ତ୍ରୀ ସୁବ୍ରତ ମହାନ୍ତି ଗିରଫ

କଟକ(ନିପ୍ର): ଲାଞ୍ଚ ନେଇ ଜେଲ୍ ଯାଇଥିଲେ। ଏବେ ଆୟ ବହିର୍ଭୂତ ସମ୍ପତ୍ତି ମାମଲାରେ ପୁଣି ବନ୍ଧା ହେଲେ କନିଷ୍ଠ ଯନ୍ତ୍ରୀ । ୧ କୋଟି ୩୦ ଲକ୍ଷ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ । ଲାଞ୍ଚ ନେଇ ପୂର୍ବରୁ ଗିରଫ ହୋଇଥିବା କନିଷ୍ଠ ଯନ୍ତ୍ରୀଙ୍କ ଅଡୁଆ ଆହୁରି ବଢ଼ିଛି । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଓଡ଼ିଶା ଲିଫ୍ଟ ଇରିଗେସନ କର୍ପୋରେସନ (ଓଏଲଆଇସି)ର ଉଦଳା ଉପ-ବିଭାଗରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ସୁବ୍ରତ ମହାନ୍ତିଙ୍କୁ ପୁଣି ଗିରଫ କରିଛି ବାରିପଦା ଭିଜିଲାନ୍ସ ୟୁନିଟ୍ । ତାଙ୍କ ନିକଟରୁ ପ୍ରାୟ ୧ କୋଟି ୩୦ ଲକ୍ଷ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ ହେବା ପରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଯନ୍ତ୍ରୀ ସୁବ୍ରତ ମହାନ୍ତିଙ୍କ ନିକଟରେ ତାଙ୍କ ଆୟ ତୁଳନାରେ ପ୍ରାୟ ୧୨୩ ପ୍ରତିଶତ ଅଧିକ ସମ୍ପତ୍ତି ଥିବା ତଦନ୍ତରୁ ଜଣାପଡ଼ିଛି । ଏହି ଆଧାରରେ ଭିଜିଲାନ୍ସ ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଗତ ଜାନୁୟାରୀ ୬ ତାରିଖରେ ଜଣେ ଠିକାଦାରଙ୍କ ଠାରୁ ୬୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ କନିଷ୍ଠ ଯନ୍ତ୍ରୀ ସୁବ୍ରତ ମହାନ୍ତି ଭିଜିଲାନ୍ସ ହାତରେ ଧରାପଡ଼ି ଜେଲ୍ ଯାଇଥିଲେ । ଠିକାଦାରଙ୍କ ଦ୍ୱାରା ଶେଷ ହୋଇଥିବା ୨୫ ଲକ୍ଷ ଟଙ୍କାର ପ୍ରକଳ୍ପ ବାବଦକୁ ବକେୟା ଥିବା ପ୍ରାୟ ୫ ଲକ୍ଷ ଟଙ୍କାର ବିଲ୍ ଏବଂ ସିକ୍ୟୁରିଟି ଡିପୋଜିଟ୍ ଛାଡ଼ିବା ପାଇଁ ଲାଞ୍ଚ ମାଗିଥିଲେ । ଲାଞ୍ଚ ଟଙ୍କା ନେଉଥିବା ବେଳେ ଧରାପଡ଼ିଥିଲେ। ସେହି ଲାଞ୍ଚ ମାମଲା ପରେ ଭିଜିଲାନ୍ସ ପକ୍ଷରୁ ସୁବ୍ରତଙ୍କ ସମ୍ପତ୍ତି ଉପରେ ତଦନ୍ତ ଆରମ୍ଭ କରାଯାଇଥିଲା। ଏହି ଖୋଳତାଡ଼ ବେଳେ ବିପୁଳ ଆୟ ବହିର୍ଭୂତ ସମ୍ପତ୍ତିର ଖୁଲାସା ହେବା ପରେ ଭିଜିଲାନ୍ସ ତାଙ୍କୁ ପୁନର୍ବାର ଗିରଫ କରି ଜେଲ୍ ପଠାଇଛି ।

## ଘରେ ପଶି ରୁପା ଚୋରି, ୩ ଗିରଫ

ଭୁବନେଶ୍ୱର(ନିପ୍ର): ଘରେ ପଶି ରୁପା ଚୋରି କରିବା ଅଭିଯୋଗରେ ଭରତପୁର ଥାନା ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅବିନାଶ ମହାନ୍ତି, ରଂଜିତା ସେଠୀ ଓ ରାକେଶ ସେଠୀ। ପୁଲିସ ଏମାନଙ୍କ ବିରୋଧରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରୀ ପ୍ରଦୀପ୍ତ କୁମାର ଦାଶ ଜଣେ ରୁପା ବ୍ୟବସାୟୀ ଏବଂ ସେ ବିଭିନ୍ନ ସ୍ଥାନରୁ ରୁପା କିଣାବିକା କରି ଆଣି ନିଜ ଘରେ ରଖନ୍ତି। ଅଭିଯୁକ୍ତ ଅବିନାଶ ମହାନ୍ତି ତାଙ୍କର ପରିଚିତ ଥିଲା ଏବଂ ସେ ଅଭିଯୋଗକାରୀଙ୍କ ସହ ରୁପା ବ୍ୟବସାୟ ପାଇଁ ବିଭିନ୍ନ ସ୍ଥାନକୁ ଯାଉଥିଲା। ତେଣୁ ସେ ଘରେ କେଉଁଠି ରୁପା ରହେ ଏବଂ ଚାବି କେଉଁଠି ଲୁଚାଯାଏ, ସେ ସମ୍ପର୍କରେ ସବୁକିଛି ଜାଣିଥିଲା।

## ୩୧୫ କେଜି ଗଂଜେଇ ଜବତ, ୨ ଗିରଫ

ବୌଦ୍ଧ: ବୌଦ୍ଧ ଥାନା ଅନ୍ତର୍ଗତ ୫୭ ନମ୍ବର ଜାତୀୟ ରାଜପଥ ହରଭଙ୍ଗା ବ୍ଲକର ସରସରାଠାରେ ପୁଲିସ ଏକ କଣ୍ଟେନରରୁ ୩୧୫ କେଜି ଗଞ୍ଜେଇ ଜବତ କରିଛି। ଡ୍ରାଇଭର ସିଟ୍ ତଳେ ଏକ ଚାମ୍ବରରେ ଗଞ୍ଜେଇ ରଖି ଚାଲାଣ କରାଯାଉଥିଲା। ଏଥିସହ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିହାର ରାଜ୍ୟର ମୁଙ୍ଗେର ଜିଲ୍ଲା ହରପୁର ଥାନା ଧୂରଟେରମିଟା ଗ୍ରାମର ଡ୍ରାଇଭର ସାଗର କୁମାର (୨୧) ଓ ଭାଗଲପୁର ଜିଲ୍ଲାର ସକୁନ ଥାନା ସୁନନ୍ଦାନପୁର ଗ୍ରାମର ହେଲପର ରୋଶନ କୁମାର(୨୨)।

## ନୂଆ ପ୍ରମାଣ ନେଇ କ୍ରାଇମବ୍ରାଞ୍ଚ ଡିଆଇଜିଙ୍କୁ ଭେଟିଲେ ମୃତ ଜିଆରପି କନେଷ୍ଟବଳ ସୌମ୍ୟଙ୍କ ବାପା

କଟକ(ନିପ୍ର): କ୍ରାଇମବ୍ରାଞ୍ଚରେ ସୌମ୍ୟଙ୍କ ବାପା । ବାଲିଅନ୍ତା ଭିଡ଼ ହିଂସାରେ ସୌମ୍ୟ ରଞ୍ଜନଙ୍କ ମୃତ୍ୟୁ ମାମଲାକୁ ନେଇ ପୁଣିଥରେ ସଠିକ ତଦନ୍ତ ଦାବି କରିଛନ୍ତି ତାଙ୍କ ପିତା ଦୁଃଶାସନ ସ୍ୱାଇଁ । କିଛି ନୂଆ ପ୍ରମାଣ ନେଇ କ୍ରାଇମବ୍ରାଞ୍ଚ ଡିଆଇଜିଙ୍କୁ ଭେଟିଛନ୍ତି । ଏହା ସହ ତଦନ୍ତର ଦିଗ ନେଇ ଆପତ୍ତି ଉଠାଇଛନ୍ତି। ଅଭିଯୋଗ କରିଛନ୍ତି ଘଟଣାର ତଦନ୍ତ ଯେଉଁ ଢଙ୍ଗରେ ଆଗକୁ ବଢ଼ିବା କଥା, ସେଭଳି ହେଉନାହିଁ। ସୌମ୍ୟଙ୍କ ବାପା କହିଛନ୍ତି, ଘଟଣା ଦିନ ଉପସ୍ଥିତ ଥିବା କିଛି ପୋଲିସ କର୍ମଚାରୀ ଓ ସ୍ଥାନୀୟ ବାସିନ୍ଦାଙ୍କ ସମ୍ପର୍କରେ ଏବେ କିଛି ନୂଆ ତଥ୍ୟ ଓ ପ୍ରମାଣ ହାତକୁ ଆସିଛି। ଏହି ପ୍ରମାଣଗୁଡ଼ିକୁ ତଦନ୍ତ ପରିସରଭୁକ୍ତ କରି ଘଟଣାର ପ୍ରକୃତ ସତ୍ୟ ଉନ୍ମୋଚନ କରିବାକୁ ଦାବି କରିଛନ୍ତି। ତତ୍କାଳୀନ ଏଡିଜି ଦୟାଲ ଗଙ୍ଗୱାରଙ୍କ ସମ୍ପର୍କିତ ଭୂମିକା ଓ ଘଟଣା ସମୟରେ ନିଆଯାଇଥିବା ପଦକ୍ଷେପ ନେଇ ମଧ୍ୟ ତଦନ୍ତ କରାଯିବାକୁ ଦାବି କରିଛନ୍ତି । ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚ କରୁଥିଲେ ମଧ୍ୟ ଏହି ତଦନ୍ତକୁ ନେଇ ସନ୍ତୁଷ୍ଟ ନୁହେଁ ସୌମ୍ୟଙ୍କ ପରିବାର। ମାମଲାର ତଦନ୍ତକୁ ଅଧିକ ନିରପେକ୍ଷ ଓ ବିଶ୍ୱସନୀୟ କରିବା ପାଇଁ ତଦନ୍ତକାରୀ ଅଧିକାରୀଙ୍କ ପରିବର୍ତ୍ତନ ଜରୁରୀ ବୋଲି କହିଛନ୍ତି । ସୌମ୍ୟଙ୍କ ପରିବାରର ମୁଖ୍ୟ ଦାବି, ଘଟଣାର ପ୍ରକୃତ ସତ୍ୟ ସାମ୍ନାକୁ ଆସୁ, ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେଉ ।

## ନିଖୋଜ ମେଡିକାଲ ଛାତ୍ର ମୟୂରଭଞ୍ଜରୁ ଉଦ୍ଧାର

ଭୁବନେଶ୍ୱର/ବାରିପଦା: ଗତ ଅଗଷ୍ଟ ୩୧ ତାରିଖରୁ ନିଖୋଜ ଥିବା ବ୍ରହ୍ମପୁର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜର ଛାତ୍ର ସାଗର ସାହୁ (୨୧) ସୁରକ୍ଷିତ ଭାବେ ଉଦ୍ଧାର ହୋଇଛନ୍ତି। ମୟୂରଭଞ୍ଜ ଜିଲା ତିରିଂ ଅଞ୍ଚଳରୁ ତିରିଂ ଥାନା ପୋଲିସ ତାଙ୍କୁ ଉଦ୍ଧାର କରିଛି। ମିଳିଥିବା ସୂଚନା ମୁତାବକ, ଯାଜପୁର ଜିଲାର ସାଗର ସାହୁ ଗତ ୩୧ ତାରିଖରୁ ହଠାତ ନିଖୋଜ ହୋଇଯାଇଥିଲେ। ଏ ନେଇ ପରିବାର ଲୋକେ କୁଆଖିଆ ଥାନାରେ ଏତଲା ଦେବା ପରେ ପୋଲିସ ଛାନଭିନ୍ ଜାରି ରଖିଥିଲା। ତେବେ ଆଜି ସାଗର ଝାଡ଼ଖଣ୍ଡ ପଟୁ ଏକ ବସ୍‌ରେ ଆସୁଥିବା ସମୟରେ ବସ କଣ୍ଡକ୍ଟରଙ୍କ ମୋବାଇଲରୁ ଘର ଲୋକଙ୍କ ସହ ଯୋଗାଯୋଗ କରିଥିଲେ। ଫୋନ ପାଇବା ପରେ ପରିବାର ଲୋକେ ତୁରନ୍ତ କୁଆଖିଆ ପୋଲିସକୁ ଖବର ଦେଇଥିଲେ। ତିରିଂ ଥାନା ପୋଲିସ ସହାୟତାରେ ବସ୍‌କୁ ଅଟକାଇ ସାଗରଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି।

## ପାରିବାରିକ ବିବାଦକୁ ନେଇ ହତ୍ୟା ଉଦ୍ୟମ, ଦୁଇ ଗିରଫ

ଭୁବନେଶ୍ୱର(ନିପ୍ର): ପାରିବାରିକ ବିବାଦକୁ କେନ୍ଦ୍ର କରି ସମ୍ପର୍କୀୟଙ୍କ ମଧ୍ୟରେ ସଂଘବଦ୍ଧ ଆକ୍ରମଣ, ହତ୍ୟା ଉଦ୍ୟମ ଏବଂ ପୋଲିସ ଉପସ୍ଥିତିରେ ଗଣ୍ଡଗୋଳ କରିବା ଅଭିଯୋଗରେ କ୍ୟାପିଟାଲ ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ସୁମନ୍ତ ନାହାକ ଓ ପଞ୍ଚୁ ନାହାକ। ପୁଲିସ ଏମାନଙ୍କ ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ପଞ୍ଚୁ ନାହାକ ଏବଂ ତାଙ୍କ ପତ୍ନୀ ସୁଜାତା ନାହାକଙ୍କ ମଧ୍ୟରେ ବିବାଦ କାରଣରୁ ସେମାନେ ଗତ ଦୁଇ ବର୍ଷ ହେବ ଅଲଗା ରହୁଥିଲେ। ଦୁଇ ଦିନ ତଳେ ଶାସ୍ତ୍ରୀନଗରରେ ପଞ୍ଚୁ ନିଜ ପତ୍ନୀଙ୍କୁ ମାଡ଼ ମାରିବା ସହ ତାଙ୍କ ମୋବାଇଲ୍ ଛଡ଼ାଇ ନେଇଥିଲେ। ଯେଉଁଥିପାଇଁ ସୁଜାତାଙ୍କ ଅଭିଯୋଗ କ୍ରମେ କେସ୍ ନଂ ୭୧୧ ରୁଜୁ ହୋଇଛି। ଏହି ମୋବାଇଲ୍ ଫେରାଇ ଆଣିବା ପାଇଁ ଗତକାଲି ରାତି ପ୍ରାୟ ୧୧.୦୦ ଟାରେ ସୁଜାତାଙ୍କ ସମ୍ପର୍କୀୟ ପୁତୁରା ସୁମନ୍ତ ନାୟକ ତା'ର ସାନ ଭାଇ ସୁରେଶ ଏବଂ ଅନ୍ୟ କିଛି ସହଯୋଗୀଙ୍କ ସହ ମାଷ୍ଟର କ୍ୟାଣ୍ଟିନ୍ ଛକରେ ଅଟୋ ଚଳାଉଥିବା ତାଙ୍କ ମଉସା ପଞ୍ଚୁଙ୍କ ପାଖକୁ ଯାଇଥିଲେ। ସେଠାରେ ଉଭୟ ପକ୍ଷଙ୍କ ମଧ୍ୟରେ ବଚସା ହୋଇ ତୁମୁଳ କାଣ୍ଡ ଘଟିଥିଲା। ସୁମନ୍ତ ଏବଂ ତା'ର ସହଯୋଗୀମାନେ ହାତରେ ପିନ୍ଧିଥିବା ଏକ ଷ୍ଟିଲ୍ ବାଲା ସାହାଯ୍ୟରେ ପଞ୍ଚୁଙ୍କ ମୁଣ୍ଡକୁ ପ୍ରବଳ ଆକ୍ରମଣ କରି ହତ୍ୟା ଉଦ୍ୟମ କରିଥିଲେ। ଫଳରେ ପଞ୍ଚୁଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହୋଇଥିଲା। ପାଲଟା ଆକ୍ରମଣରେ ପଞ୍ଚୁ ମଧ୍ୟ ସେମାନଙ୍କ ତଣ୍ଟି ଚିପି ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ଖବରପାଇ ପିସିଆରପୋଲିସ ତୁରନ୍ତ ସେମାନଙ୍କୁ ଉଦ୍ଧାର କରିଥିଲା, ମାତ୍ର ଆଇନକୁ ଖାତିର ନକରି ପୋଲିସ ଉପସ୍ଥିତିରେ ମଧ୍ୟ ସେମାନେ ଘଟଣାସ୍ଥଳରେ ପୁଣିଥରେ ପରସ୍ପରକୁ ଆକ୍ରମଣ କରିଥିଲେ। ବହୁ ବୁଝାସୁଝା ପରେ ପୋଲିସ ସେମାନଙ୍କୁ ଆୟତ୍ତ କରି ଥାନାକୁ ଆଣିଥିଲା। ଏହି ଘଟଣାରେ ପୋଲିସ ଉଭୟ ପକ୍ଷରୁ ସୁମନ୍ତ ନାୟକ ଏବଂ ପଞ୍ଚୁ ନାହାକଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି। ଫେରାର ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସରତଦନ୍ତ ଜାରି ରହିଛି।

## ଲିଫ୍ଟ ବାହାନାରେ ବାଇକ ଲୁଟ୍, ଜଣେ ଗିରଫ

ଭୁବନେଶ୍ୱର(ନିପ୍ର): ଲିଫ୍ଟ ମାଗିବା ବାହାନାରେ ଛୁରୀ ଦେଖାଇ ଆକ୍ରମଣ ଓ ବାଇକ୍ ଲୁଟ୍ ଅଭିଯୋଗରେ ଇନଫୋଭ୍ୟାଲି ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ସଂଜୟ ନାୟକ। ପୁଲିସ ଏନେଇ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରୀ ସୁଜିତ କୁମାର ଦାସ ଜଣେ ଏମବିଏ ଛାତ୍ର ଏବଂ ସେ କାଇମାଟିଆ ସ୍ଥିତ ଜି-ନେକ୍ସଟ୍ ଭ୍ୟାଲିରେ ରହନ୍ତି। ଗତ ଅଗଷ୍ଟ ୩୧ ତାରିଖ ରାତି ପ୍ରାୟ ୯.୧୫ ମିନିଟରେ ସେ ନିଜ ହୋଣ୍ଡା ସିବି ସାଇନ୍ବାଇକରେ ଗୋହିରା ଛକରୁ ଫେରୁଥିଲେ। ସେଠାରେ ଥିବା ଅଭିଯୁକ୍ତ ସଞ୍ଜୟ ନାଏକ ଜାଁଳା ଯିବା ପାଇଁ ଲିଫ୍ଟ ମାଗିଥିଲା। ଅଭିଯୋଗକାରୀ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ତାକୁ ବାଇକରେ ବସାଇଥିଲେ। ମାତ୍ର ବାଟରେ ଅମୃତା ବିଦ୍ୟାଳୟ ନିକଟସ୍ଥ ଏକ ନିଛାଟିଆ ଅନ୍ଧାରିଆ ସ୍ଥାନରେ ଅଭିଯୁକ୍ତ ହଠାତ୍ ଅଭିଯୋଗକାରୀଙ୍କ ବେକ ଚିପି ତଳେ ପକାଇ ଦେଇଥିଲା। ଏହାକୁ ବିରୋଧ କରିବାରୁ ଅଭିଯୁକ୍ତ ଏକ ଛୁରୀ ସାହାଯ୍ୟରେ ତାଙ୍କୁ ଆକ୍ରମଣ କରିଥିଲା, ଯାହା ଫଳରେ ତାଙ୍କ ମୁଣ୍ଡ, ହନୁହାଡ଼, ପିଠି ଓ ଅଣ୍ଟାରେ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ଏହି ସୁଯୋଗ ନେଇ ଅଭିଯୁକ୍ତ ବାଇକ୍ଟିକୁ ଲୁଟି ନେଇ ଜଟଣୀ ଗେଟ୍ ଆଡ଼କୁ ଫେରାର ହୋଇଯାଇଥିଲା। ଅଭିଯୋଗକାରୀ ପରେ ଜଟଣୀ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ। ଇନଫୋଭ୍ୟାଲି ପୋଲିସ ତୁରନ୍ତ ଏହି ଘଟଣାର ତଦନ୍ତ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଯାଞ୍ଚ କଡ଼ାକଡ଼ି କରିଥିଲା। ଆଜି ବଡ଼ରଘୁନାଥପୁର ଛକ ନିକଟରେ ଗାଡ଼ି ମୋଟର ଯାଞ୍ଚ ବେଳେ ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଲୁଟେରା ସଞ୍ଜୟ କୁମାର ନାୟକ ଓରଫ ବେଲୁନ୍କୁ ଉକ୍ତ ଚୋରା ବାଇକରେ ଯାଉଥିବା ବେଳେ କାବୁ କରିବାରେ ସଫଳ ହୋଇଛି। ଯାଞ୍ଚ ବେଳେ ତା' ନିକଟରୁ ଲୁଟ୍ ହୋଇଥିବା ବାଇକ୍ଟିକୁ ଉଦ୍ଧାର କରାଯାଇ ଜବତ କରାଯାଇଛି। ପଚରାଉଚରା ବେଳେ ସେ ଛୁରୀରେ ଆକ୍ରମଣ କରି ବାଇକ୍ ଲୁଟିଥିବା କଥା ସ୍ୱୀକାର କରିଛି। ଗିରଫ ଅଭିଯୁକ୍ତ ନାମରେ ପୂର୍ବରୁ ନୟାଗଡ଼ ଜିଲ୍ଲା ନୂଆଗାଁ ଥାନାରେ ହତ୍ୟା ଉଦ୍ୟମ ଓ ଡକାୟତି ଭଳି ୪ଟି ସଙ୍ଗିନ ମାମଲା ରହିଛି। ସଂଗୃହୀତ ପ୍ରମାଣ ଆଧାରରେ ତାକୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ଭଡାଘରୁ ମହିଳାଙ୍କ ମୃତଦେହ ଉଦ୍ଧାର

କଣ୍ଟିଲୋ(ନି.ପ୍ର) କଣ୍ଟିଲୋ ହାଟମୁଣ୍ଡ ପାଟଣା ଗ୍ରାମରେ ଏକ ଭଡା ଘରେ ରହୁଥିବା ଜଣେ ମହିଳାଙ୍କ ମୃତ ଦେହକୁ କଣ୍ଟିଲୋ ପୁଲିସ ସୋମବାର ଉଦ୍ଧାର କରି ଘଟଣାର ଅନୁସନ୍ଧାନ ଜାରି ରଖିଥିବା ଜଣାଯାଇଛି। ମୃତ ମହିଳା ଜଣକ ନିକଟସ୍ଥ ନୃସିଂହପୁରପାଟଣା ଗ୍ରାମର ପ୍ରତାପ ସାମଲଙ୍କ ପତ୍ନୀ ଗୀତାଞ୍ଜଳି (୩୫)ଙ୍କର ବୋଲି ପୁଲିସ ସୂଚନା ଦେଇଛି। ମୃତ ମହିଳା ଜଣକ ଝିଅ ସହ ସେଠାରେ ଗତ ୧ ମାସ ହେଲା ରହି ଆସୁଥିଲେ। ମହିଳାଙ୍କ ସ୍ୱାମୀ କଟକ, ଭୁବନେଶ୍ୱରରେ ରହି ଏକ ଘରୋଇ ପ୍ରତିଷ୍ଠାନରେ କାମ କରୁଥିବା ଜଣାପଡିଛି। ଗତକାଲି ସୋମବାର ଝିଅ ବିଦ୍ୟାଳୟକୁ ଯିବା ପରେ ଭଡାଘର ମଧ୍ୟରେ ଏଭଳି ଅଘଟଣ ଘଟିଥିବା ଜଣାପଡିଛି। ଉକ୍ତ ଭଡାଘର ମଧ୍ୟରୁ ପୁଲିସ ଝୁଲନ୍ତା ଅବସ୍ଥାରେ ମହିଳାଙ୍କ ମୃତ ଦେହ ଉଦ୍ଧାର କରିଥିବା ବେଳେ କେଉଁ କାରଣକୁ ନେଇ ଏଭଳି ଘଟଣା ଘଟିଲା ସେ ସଂପର୍କରେ ପୁଲିସ ଖୋଳତାଡ କରୁଥିବା ଜଣାପଡିଛି। ଖବରପାଇ ଖଣ୍ଡପଡା ଏସଡିପିଓ ସରୋଜ ସାହୁ, କଣ୍ଟିଲୋ ଫାଣ୍ଡି ଅଧିକାରୀ ମନୋରଞ୍ଜନ ପଣ୍ଡା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଭଡାଘର ମଧ୍ୟରୁ ମହିଳାଙ୍କ ମୃତଦେହ ଉଦ୍ଧାର କରି ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି। ମୃତ ମହିଳାଙ୍କ ସ୍ୱାମୀଙ୍କ ଲିଖିତ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଥିବା ପୁଲିସ ସୂତ୍ରରୁ ପ୍ରକାଶ।

### କେନ୍ଦ୍ରାଞ୍ଚଳ ରେଞ୍ଜର ଆଇନ-ଶୃଙ୍ଖଳା ଓ ଅପରାଧ ସ୍ଥିତି ସମୀକ୍ଷା

# ଆଗୁଆ ସୁରକ୍ଷା ପ୍ରସ୍ତୁତି ଉପରେ ଡିଜିପିଙ୍କ ଗୁରୁତ୍ୱାରୋପ




ଭୁବନେଶ୍ୱର/କଟକ(ନିପ୍ର): ରାଜ୍ୟ ପୋଲିସ ମୁଖ୍ୟାଳୟରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରାଞ୍ଚଳ ରେଞ୍ଜ ଅଧୀନସ୍ଥ ଜିଲ୍ଲାଗୁଡ଼ିକର ଆଇନ-ଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ ଓ ପୋଲିସ ବ୍ୟବସ୍ଥା ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲାଗୁଡ଼ିକର ସାମଗ୍ରିକ ଆଇନ-ଶୃଙ୍ଖଳା ସ୍ଥିତି ସହ ହତ୍ୟା, ଚୋରି, ଡକାୟତି ଓ ଲୁଣ୍ଠନ ଭଳି ଗୁରୁତର ଅପରାଧର ନିୟନ୍ତ୍ରଣ, ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ, ଅବକାରୀ ଅପରାଧ ଦମନ, 'ନିଶାମୁକ୍ତ ଓଡ଼ିଶା' ଗଠନ ଦିଗରେ ପଦକ୍ଷେପ, ସାଇବର ଅପରାଧ, ମାମଲାର ତଦନ୍ତ ତ୍ୱରାନ୍ୱିତ କରି ସଠିକ୍ ସମୟରେ ଚାର୍ଜସିଟ୍ ଦାଖଲ ଏବଂ ଦଣ୍ଡାଦେଶ ହାର ବୃଦ୍ଧି ଆଦି ବିଷୟରେ ଡିଜିପି ଜିଲ୍ଲା ଏସ୍ ?ପିମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଡିଜିପି ଶ୍ରୀ ମିଶ୍ର କହିଥିଲେ ଯେ, ରାଜ୍ୟର ଅନେକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା କେନ୍ଦ୍ରାଞ୍ଚଳ ରେଞ୍ଜ ଅଧୀନରେ ଥିବାରୁ ଏହି ଅଞ୍ଚଳର ଆଇନ-ଶୃଙ୍ଖଳା ସ୍ଥିତିର ବିଶେଷ ଗୁରୁତ୍ୱ ରହିଛି। ଆଗାମୀ ଦିନରେ ଗଣେଶ ପୂଜା, ନୂଆଖାଇ, ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା, ଗଜଲକ୍ଷ୍ମୀ ପୂଜା, ଦୀପାବଳି/କାଳୀପୂଜା, ଅଁଳା ନବମୀ, ପଞ୍ଚୁକ ଓ ବାଲିଯାତ୍ରା ଭଳି ଅନେକ ପର୍ବପର୍ବାଣୀ ଅନୁଷ୍ଠିତ ହେବାକୁ ଥିବାରୁ ସେଗୁଡ଼ିକୁ ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷିତ ପରିବେଶରେ ସମ୍ପନ୍ନ କରିବା ପାଇଁ ଏବେଠାରୁ ଯୋଜନା ପ୍ରସ୍ତୁତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ପାର୍ବଣ ସମୟରେ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ପର୍ଯ୍ୟାପ୍ତ ପୋଲିସ ମୁତୟନ, ଭିଡ଼ ନିୟନ୍ତ୍ରଣ ଓ ସୁଚାରୁ ଟ୍ରାଫିକ ପରିଚାଳନା ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ଏଥିସହ ଶାନ୍ତି କମିଟି ବୈଠକ ଆୟୋଜନ କରିବା ସହ ସ୍ଥାନୀୟ ଜନପ୍ରତିନିଧି, ବିଭିନ୍ନ ସଂଗଠନ ଓ ସମ୍ପ୍ରଦାୟର ପ୍ରମୁଖ ବ୍ୟକ୍ତିବିଶେଷଙ୍କ ସହ ନିରନ୍ତର ସମନ୍ୱୟ ରକ୍ଷା କରିବାକୁ ସେ ଏସ୍‌ପିମାନଙ୍କୁ ପରାମର୍ଶ ଦେଇଥିଲେ। ସାମ୍ପ୍ରଦାୟିକ ଭାବେ ସମ୍ବେଦନଶୀଳ ଅଞ୍ଚଳରେ ନିୟମିତ ନଜର ରଖିବା ସହ ସମ୍ଭାବ୍ୟ ଅପ୍ରୀତିକର ଘଟଣାକୁ ପ୍ରତିହତ କରିବା ପାଇଁ ଆଗୁଆ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ ଉପରେ ସେ ଗୁରୁତ୍ୱ ଦେଇଥିଲେ। ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ଆଇନ-ଶୃଙ୍ଖଳା ରକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ବୋଲି ଡିଜିପି କହିଥିଲେ। ଏଥିପାଇଁ ସ୍ଥାନୀୟ ଥାନା ଅଧିକାରୀମାନେ ନିୟମିତ ଭାବେ ନିଜ ଅଞ୍ଚଳ ପରିଦର୍ଶନ କରି ସ୍ଥାନୀୟ ଜନପ୍ରତିନିଧି ଓ ବାସିନ୍ଦାଙ୍କ ସହ ଉତ୍ତମ ସମ୍ପର୍କ ସ୍ଥାପନ କରି ସେମାନଙ୍କ ସମସ୍ୟା ଓ ଆଇନ-ଶୃଙ୍ଖଳା ସମ୍ପର୍କିତ ଅଭିଯୋଗ ପ୍ରତି ଦୃଷ୍ଟି ଦେବା ଦିଗରେ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସେହିପରି, ଏସ୍‌ଡିପିଓମାନେ ନିୟମିତ ଭାବେ ଅଧୀନସ୍ଥ ଥାନାଗୁଡ଼ିକ ପରିଦର୍ଶନ କରି ଥାନାର କାର୍ଯ୍ୟପ୍ରଣାଳୀ, ଅପରାଧ ତଦନ୍ତ, ମାମଲାର ଅଗ୍ରଗତି ଓ ପୋଲିସ ସେବା ପ୍ରଦାନ ବ୍ୟବସ୍ଥାର ତଦାରଖ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ଅପରାଧ ନିୟନ୍ତ୍ରଣକୁ ଆହୁରି ପ୍ରଭାବଶାଳୀ କରିବା ଦିଗରେ ଅଭ୍ୟାସଗତ ଅପରାଧୀ ଓ ସଂଗଠିତ ଅପରାଧୀଙ୍କ ଗତିବିଧି ଉପରେ କଡ଼ା ନଜର ରଖି ସେମାନଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ବେଆଇନ ଗୋ-ଚାଲାଣ, ବେଆଇନ ଖଣିଜ ଉତ୍ତୋଳନ ଓ ପରିବହନ ରୋକିବା ପାଇଁ ନାକା ଚେକିଂ ଓ ପାଟ୍ରୋଲିଂକୁ ଅଧିକ ସୁଦୃଢ଼ କରିବା ସହ ନିୟମିତ ଚଢ଼ାଉ, ଯାନବାହନ ଯାଞ୍ଚ ଓ ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି, ସୋସିଆଲ ମିଡିଆରେ ପ୍ରସାରିତ ଗୁଜବ, ଉତ୍ତେଜନାମୂଳକ, ଆପତ୍ତିଜନକ ଓ ବିଭ୍ରାନ୍ତିକର ତଥ୍ୟ ଉପରେ ନିରନ୍ତର ନଜର ରଖିବା ସହ ଏଭଳି ଅପପ୍ରଚାର ପ୍ରୟାସକୁ ମୁକାବିଲା କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ।

### ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଖପରାପଦା ଶାଖାରୁ ଲୁଟ୍

## ଡକାୟତଙ୍କ ମାଡ଼ରେ ବ୍ୟାଙ୍କ ମ୍ୟାନେଜର ଗୁରୁତର

ଭୁବନେଶ୍ୱର: ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଖପରାପଦା ଓଡିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରୁ ଲୁଟ ହୋଇଛି। ବନ୍ଧୁକ ଏବଂ ବିଭିନ୍ନ ମାରଣାସ୍ତ୍ର ଦେଖାଇବା ସହ ବ୍ୟାଙ୍କର ମ୍ୟାନେଜର ଏବଂ କର୍ମଚାରୀଙ୍କୁ ମାଡ ମାରି କ୍ୟାସ କାଉଣ୍ଟରରୁ ଦୁର୍ବୃତ୍ତମାନେ ଲୁଟ୍ କରିଛନ୍ତି। ୧୦ ଲକ୍ଷରୁ ଅଧିକ ଟଙ୍କା ଲୁଟି ନେଇଛନ୍ତି



ଡକାୟତ। ମଙ୍ଗଳବାର ଦ୍ୱିପହରରେ ୪ରୁ ୫ ଜଣ ଡକାୟତ ବ୍ୟାଙ୍କ ଭିତରେ ପଶି ବନ୍ଧୁକ ଦେଖାଇ ସମସ୍ତ କର୍ମଚାରୀଙ୍କୁ ଭୟଭୀତ କରାଇଥିଲେ। ପରେ କ୍ୟାସ କାଉଣ୍ଟରରୁ ୧୦ଲକ୍ଷରୁ ଅଧିକ ଟଙ୍କା ଲୁଟି ନେଇଥିଲେ। ଡକାୟତଙ୍କ ମାଡରେ ବ୍ୟାଙ୍କ ମ୍ୟାନେଜର ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ବ୍ୟାଙ୍କ ମ୍ୟାନେଜରଙ୍କୁ ବାଲିଆପାଳ ହସପିଟାଲରେ ଭର୍ତ୍ତି କରାଯାଇଛି । ଘଟଣା ସ୍ଥଳରେ ବାଲିଆପାଳ ପୋଲିସ ପହଞ୍ଚି ତଦନ୍ତ କରୁଛି।

# ଭି-ସ୍ପାର୍କ ଡିପ୍‌ଟେକ୍ ପଦକ୍ଷେପକୁ ବ୍ୟାପକ କରିବ ବେଦାନ୍ତ ଆଲୁମିନିୟମ୍




**ଝାରସୁଗୁଡ଼ା, ୮/୯(ନିପ୍ର):** ଭାରତର ସର୍ବବୃହତ୍ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍ ଓ ଭାରତର ସର୍ବବୃହତ୍ ଉତ୍ପାଦନ କ୍ଷେତ୍ରଭିତ୍ତିକ ଡିପଟ୍ଟେକ୍ ଇନ୍‌କ୍ୟୁବେଟର୍ ଭି-ସ୍ପାର୍କ ମିଳିତ ଭାବେ ଡିପଟ୍ଟେକ୍ ପଦକ୍ଷେପକୁ ବ୍ୟାପକ କରିବା ସହ ଶିଳ୍ପ କ୍ଷେତ୍ରରେ ଅତ୍ୟାଧୁନିକ ପ୍ରଯୁକ୍ତିର ପ୍ରୟୋଗକୁ ତ୍ୱରାନ୍ୱିତ କରିବ। ଝାରସୁଗୁଡ଼ାରେ ଆୟୋଜିତ ବେଦାନ୍ତ ଆଲୁମିନିୟମ୍ର ପ୍ରଯୁକ୍ତି ପ୍ରଦର୍ଶନୀ 'ମେଟାଲଭର୍ସ'ରେ ଡିପଟ୍ଟେକ୍ ସମାଧାନ ପ୍ରୟୋଗ ପାଇଁ ଏକାଧିକ ବୁଝାମଣାପତ୍ର (ଏମ୍‌ଓୟୁ) ଘୋଷଣା କରାଯାଇଛି। ଏହି ଅବସରରେ ଓପନଏଆଇ, ମାଇକ୍ରୋସଫ୍ଟ ଓ ଏସଏପି ଭଳି ଅଗ୍ରଣୀ ପ୍ରଯୁକ୍ତି ସଂସ୍ଥା ସମେତ ଅନେକ ଅତ୍ୟାଧୁନିକ ପ୍ରଯୁକ୍ତି ପ୍ରଦାନକାରୀଙ୍କ ସହ ବେଦାନ୍ତ ଆଲୁମିନିୟମ୍ ଭାଗିଦାରି ଘୋଷଣା କରିଛି। କୃତ୍ରିମ ବୁଦ୍ଧିମତ୍ତା, ଡିଜିଟାଲୀକରଣ ଓ ସ୍ୱୟଂଚାଳନ ପ୍ରଯୁକ୍ତିର ବ୍ୟାପକ ପ୍ରୟୋଗ ମାଧ୍ୟମରେ ବେଦାନ୍ତ ଆଲୁମିନିୟମର ବିଭିନ୍ନ କାର୍ଯ୍ୟକଳାପରେ ସାମୂହିକ ଭାବେ ୨୧୦୦ କୋଟି ଟଙ୍କା ପର୍ଯ୍ୟନ୍ତ ମୂଲ୍ୟ ସୃଷ୍ଟି କରିବା ଏହି ସହଯୋଗିତାର ଲକ୍ଷ୍ୟ ଅଟେ। ବେଦାନ୍ତ ଆଲୁମିନିୟମର 'ମେଟାଲଭର୍ସ' କାର୍ଯ୍ୟକ୍ରମକୁ ବୃହତ୍ ଶିଳ୍ପ କାର୍ଯ୍ୟକଳାପରେ ନୂଆ ପିଢ଼ିର ପ୍ରଯୁକ୍ତି ପ୍ରୟୋଗକୁ ତ୍ୱରାନ୍ୱିତ କରିବା ପାଇଁ ଏକ ରଣନୈତିକ ମଞ୍ଚ ଭାବେ ପରିକଳ୍ପନା କରାଯାଇଛି। ଏଥିରେ ବିଶ୍ୱସ୍ତରୀୟ ପ୍ରଯୁକ୍ତି କମ୍ପାନୀ, ଉଦୀୟମାନ ଷ୍ଟାର୍ଟଅପ୍ ଏବଂ ଶୀର୍ଷ ବ୍ୟବସାୟିକ ବିଶେଷଜ୍ଞମାନେ ଏକାଠି ହୋଇଛନ୍ତି। ଏହି ଭାଗିଦାରି ଅଧୀନରେ ବେଦାନ୍ତ ଆଲୁମିନିୟମର ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ନୂଆ ପିଢ଼ିର ପ୍ରଯୁକ୍ତି ସମାଧାନର ମୂଲ୍ୟାଙ୍କନ, ପରୀକ୍ଷାମୂଳକ ପ୍ରୟୋଗ ଓ ବ୍ୟାପକ ପ୍ରୟୋଗ କରାଯିବ।

## ଚୋରା ମଦ ଜବତ, ୮ କୋର୍ଟଚାଲାଣ

**କେନ୍ଦ୍ରାପଡ଼ା, ୮/୯(ନିପ୍ର):** ରାଜନଗର ଓ ଆଳି ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଚଢ଼ାଉ ସମୟରେ ସାହାସପୁର ଗ୍ରାମର ରାମେଶ୍ୱର ମଲିକଙ୍କ ନିକଟରୁ ୩୧ ଲିଟର, ଚକଡ଼ା ବରାଙ୍ଗ ଗ୍ରାମର ରାଜୁ ମଲିକଙ୍କ ନିକଟରୁ ୨୯ ଲିଟର ଏବଂ ହଳଦିଆ ଗ୍ରାମର ଜାକୀର ଖାନଙ୍କ ନିକଟରୁ ୨୬ ଲିଟର ଦେଶୀ ମଦ ଜବତ ହୋଇଥିଲା। ସେହିପରି ପୋଖରିଆ ଗ୍ରାମର ଅର୍ଜୁନ ଚନ୍ଦ୍ର ମଲିକଙ୍କ ନିକଟରୁ ୩୬ ଲିଟର, ଦେବେନ୍ଦ୍ର ନାରାୟଣପୁର ଗ୍ରାମର ଶାନ୍ତିଲତା ମିର୍ଧାଙ୍କ ନିକଟରୁ ୧୬ ଲିଟର, ବାଳକଟି ଗ୍ରାମର ବିଜୟ କୁମାର ସାହୁଙ୍କ ନିକଟରୁ ୨୩ ଲିଟର ଏବଂ ବାଟିପଡ଼ା ଗ୍ରାମର ଭିକାରି ଚନ୍ଦ୍ର ପରିଡ଼ାଙ୍କ ନିକଟରୁ ୨୧ ଲିଟର ବିଦେଶୀ ମଦ ଜବତ କରାଯାଇଥିଲା। ଡେମଳ ଗ୍ରାମର ସର୍ବେଶ୍ୱର ମଲିକଙ୍କ ନିକଟରୁ ମଧ୍ୟ ୧୯ ଲିଟର ଦେଶୀ ମଦ ଜବତ ହୋଇଛି। ଏହି ଚଢ଼ାଉରେ ମୋଟ ୨୦୧ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। ଏ ସଂକ୍ରାନ୍ତରେ ରୁଜୁ ହୋଇଥିବା ଅବକାରୀ ମାମଲାରେ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

## ଚିଲିକାରୁ ୬୫୦ ଏକର ବେଆଇନ ଘେରି ଉଚ୍ଛେଦ

କୃଷ୍ଣପ୍ରସାଦ, ୮/୯(ନିପ୍ର): ନୀଳାମ୍ବୁ ଚିଲିକାରୁ କିଛି ଦିନ ହେଲା ଘେରି ମୁକ୍ତଅଭିଯାନ ଆରମ୍ଭ ହୋଇଛି । ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କୃଷ୍ଣପ୍ରସାଦ ତହସିଲ ଅଧୀନ ଚିଲିକାରୁ ଘେରି ଉଚ୍ଛେଦ ଆରମ୍ଭ ହୋଇଛି । ତହସିଲ ପ୍ରଶାସନ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ବେଆଇନ ଘେରି ଉଚ୍ଛେଦ ଆରମ୍ଭ ହୋଇଛି । ମଙ୍ଗଳବାର କୃଷ୍ଣପ୍ରସାଦ ରାଜସ୍ୱ ସର୍କଲ ଅଧୀନ ଘିମୁଦା ଘାଟ ପେଣ୍ଠ ଠାରୁ ଚଟେଇକୋଣ ପର୍ଯ୍ୟନ୍ତ ବାହାର ଚିଲିକା ଅଞ୍ଚଳରୁ ୬୫୦ ଏକର ଚିଲିକାରେ ହୋଇଥିବା ଜାଲ ବାଉଁଶ ଘେରିକୁ ପ୍ରଶାସନ ଉଚ୍ଛେଦ କରିଛି । ଘେରିରେ ବ୍ୟବହାର ହୋଇ ଥିବା ଜାଲ, କିଳା, ବାଉଁଶ ଆଦିକୁ ନିଆଁ ଲଗାଇ ନଷ୍ଟ କରାଯାଇଛି । ଏହି ଉଚ୍ଛେଦରେ କୃଷ୍ଣପ୍ରସାଦ ତହସିଲଦାର ସହଦେବ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବର୍ଜ ଜେସିବି ମେସିନ ସହିତ ୩୦ ଜଣ ଶ୍ରମିକଙ୍କୁ ନେଇ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି । ଶାନ୍ତି ଶୃଙ୍ଖଳା ଲାଗି କୃଷ୍ଣପ୍ରସାଦ ଥାନା ପକ୍ଷରୁ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ନିରୀକ୍ଷକ କୃଷ୍ଣପ୍ରସାଦ ଦିଲ୍ଲିପ କୁମାର କିଶାନ, ରାଜସ୍ୱ ସୁପରଭାଇଜର ବିଜୟରାଜ ସାହୁ, କୃଷ୍ଣପ୍ରସାଦ ଥାନା ଏଏସଆଇ ବ୍ରଜ ମୋହନ ଜେନା ପ୍ରମୁଖ ସହଯୋଗ କରିଥିଲେ ।

## ତେଲେଙ୍ଗା କଟୁରି ଧରି ଗାଁରେ ଆତଙ୍କ
## ଘରେ ପଶି ୧୦ ବର୍ଷର ନାବାଳିକାକୁ ଆକ୍ରମଣ

ଉଦଳା, ୮/୯: ମୟୂରଭଞ୍ଜ ଜିଲ୍ଲାର ଉଦଳା ଥାନା ଅଞ୍ଚଳରେ ଏକ ଅଭାବନୀୟ ଓ ହୃଦୟବିଦାରକ ଘଟଣା ଘଟିଛି । ଜଣେ ଯୁବକ ତେଲେଙ୍ଗା କଟୁରୀ ଧରି ଗାଁ ରାସ୍ତାରେ ବୁଲି ଆତଙ୍କ ସୃଷ୍ଟି କରିବା ସହ ଶେଷରେ ଏକ ଘରେ ପଶି ୧୦ ବର୍ଷର ନାବାଳିକାଙ୍କୁ ଆକ୍ରମଣ କରିଛି । ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଭୟ ଓ ଚାଞ୍ଚଲ୍ୟକର ପରିବେଶ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଲକ୍ଷ୍ମଣ ମାରାଣ୍ଡି ସନ୍ଧ୍ୟା ସମୟରେ ହାତରେ ଏକ ତେଲେଙ୍ଗା କଟୁରୀ ଧରି ଚଉଦା ଗାଁ ଦାଣ୍ଡରେ ବୁଲୁଥିଲା । ତାଙ୍କୁ ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଥିଲେ। କିଛି ସମୟ ପରେ ସେ ହଠାତ୍ ଜଣଙ୍କ ଘର ଭିତରକୁ ପଶିଯାଇ ସେଠାରେ ଥିବା ୧୦ ବର୍ଷର ଜଣେ ନାବାଳିକାଙ୍କ ଉପରେ କଟୁରିରେ ଆକ୍ରମଣ କରିଥିଲା। ଆକ୍ରମଣରେ ନାବାଳିକାଙ୍କ ବେକରେ ଗଭୀର ଆଘାତ ଲାଗିଥିବାରୁ ସେ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକ ଓ ସ୍ଥାନୀୟ ବାସିନ୍ଦାମାନେ ତୁରନ୍ତ ନାବାଳିକାଙ୍କୁ ଉଦଳା ଉପଖଣ୍ଡ ଡାକ୍ତରଖାନାକୁ ନେଇ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି। ଆକ୍ରମଣକାରୀକୁ ପୋଲିସ ଅଟକ ରଖିଛି।

## ଚୋରାଚାଲାଣ ବେଳେ ଗଞ୍ଜେଇ ସହ ୫ ଗିରଫ

**ରେଢ଼ାଖୋଲ, ୮/୯(ନିପ୍ର):** ସମ୍ବଲପୁର ଦେଇ ଉତ୍ତରପ୍ରଦେଶ ଅଭିମୁଖେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଚାରମାଳ ପୋଲିସକୁ ମିଳିଛି ବଡ଼ ସଫଳତା। ଏକ ହୁଣ୍ଡାଇ କାରରେ ଗଞ୍ଜେଇ ନେଇ ଉତ୍ତରପ୍ରଦେଶ ଯାଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ସୂଚନା ପାଇ ଚାରମାଳ ପୋଲିସ ଗାଡ଼ିକୁ ପିଛା କରି ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ କାରରୁ ୨୭ କିଲୋ ୯୮୦ ଗ୍ରାମ ଗଞ୍ଜେଇ ଜବତ ହୋଇଥିଲା। ଏହାସହ ଗୋଟିଏ ଧଳା ରଙ୍ଗର ଜରି ବ୍ୟାଗ, ଗୋଟିଏ ହୁଣ୍ଡାଇ କାର, ୬ଟି ମୋବାଇଲ ଫୋନ୍ ଏବଂ ୧,୦୬୦ ଟଙ୍କା ନଗଦ ଜବତ କରିଛି ପୋଲିସ। ଏହି ଘଟଣାରେ ପୋଲିସ ୫ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦିପକ କର୍ମୀ, ତପନ ନାଏକ, ତ୍ରିଭୁବନ ସିଂହ ଯାଦବ, ରବି ପ୍ରକାଶ ଯାଦବ ଓ ସତୀଶ କୁମାର ଗୌଡ଼।

### ଏମଏମଡିଆର ଆକ୍ଟକୁ ଜୋରଦାର ବିରୋଧ, ଇଣ୍ଡିଆ ବ୍ଲକର ବିଶାଳ ସମାବେଶ
# ଏମଏମଡିଆରକୁ ପ୍ରତ୍ୟାହାର କରାନଗଲେ ଆନ୍ଦୋଳନ: ବିଜେଡି



**ଭୁବନେଶ୍ୱର, ୮/୯(ନିପ୍ର):** ଏମଏମଡିଆର ବିଲ ବିରୋଧ କରି ଭୁବନେଶ୍ୱର ଲୋୟର ପିଏମଜିରେ ଇଣ୍ଡିଆ ବ୍ଲକ ପକ୍ଷରୁ ବିଶାଳ ସମାବେଶ ଅନୁଷ୍ଠିତ ହୋଇଛି । ଆସନ୍ତା ୨୯ ତାରିଖରେ ବିଧାନସଭା ଘେରାଉ କରିବାକୁ ଇଣ୍ଡିଆ ବ୍ଲକର ନିଷ୍ପତ୍ତି ହୋଇଥିବା ପିସିସି ସଭାପତି କହିଛନ୍ତି । ଏହି ବିଲ ଓଡ଼ିଶାକୁ କ୍ଷତି ଦେଇଛି । ତେଣୁ ଏହାକୁ ପ୍ରତ୍ୟାହାର କରିବାକୁ କଂଗ୍ରେସ ଓ ୮ଟି ରାଜନୈତିକ ଦଳ ଦାବି କରିଛନ୍ତି । ଏମଏମଡିଆର ବିଲ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଇଣ୍ଡିଆ ମେଣ୍ଟ ତାର ପ୍ରତିବାଦ କାର୍ଯ୍ୟକ୍ରମ ଜାରି ରଖିବ ଏବଂ ଆଗକୁ ଏହା ମହା ଆନ୍ଦୋଳନର ରୂପ ନେବ ବୋଲି କଂଗ୍ରେସ ଓ ବାମ ଦଳର ନେତାମାନେ ସରକାରଙ୍କୁ ଚେତାବନୀ ଦେଇଛନ୍ତି । କଂଗ୍ରେସ କହିଛି ଯେ, ଓଡ଼ିଶା ପାଇଁ ଏମଏମଡିଆର ବିଲ୍ ଏକ ଲଜ୍ୟାର ବିଷୟ । ବିଜେପିର ୨୦ ଜଣ ଏମପି କାହିଁକି ନୀରବ ଅଛନ୍ତି ? ଏହା ଓଡ଼ିଶା ପ୍ରତି ବିଶ୍ୱାସଘାତ । ୧୫ ହଜାର କୋଟି ଓଡ଼ିଶା ନପାଇବା କ୍ଷତି ନା ଲାଭ ବୋଲି ଇଣ୍ଡିଆ ମେଣ୍ଟ ପ୍ରଶ୍ନ କରିଛି । ଓଡ଼ିଶା ଭଳି ରାଜ୍ୟର ଅଧିକାର କ୍ଷୁର୍ଣ୍ଣ ହୋଇଛି । ଯାହାକୁ ନେଇ ଆସନ୍ତା ୨୯ ତାରିଖ ଦିନ କଂଗ୍ରେସ ବିଧାନସଭା ଘେରାଉ କରିବ । ୨୯ ତାରିଖ ପୂର୍ବରୁ ରାଜ୍ୟର ୪ଟି ସ୍ଥାନ ସୁନ୍ଦରଗଡ଼, ରାୟଗଡା, ଅନୁଗୁଳ ଓ କେନ୍ଦୁଝରରେ ବିଭିନ୍ନ ଦିନ ବଡ଼ ଆନ୍ଦୋଳନ ହେବ । ଶିକ୍ଷା ଓ ଏମଏମଡିଆର ପ୍ରସଙ୍ଗରେ କଂଗ୍ରେସ ବଡ଼ ଆନ୍ଦୋଳନ କରିବ । ଅନ୍ୟପଟେ ବିଜେଡି ମଧ୍ୟ ଏମଏମଡିଆର ବିଲକୁ ବିରୋଧ କରୁଛି । ବିଜେଡି ବିଧାୟକ ଅରୁଣ ସାହୁ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି । ସେ କହିଛନ୍ତି ଯେ, ଏମଏମଡିଆର ଆକ୍ଟକୁ କେନ୍ଦ୍ର ସରକାର ପରିବର୍ତ୍ତନ କଲେ । ଖଣି ଓ ଜମି ଯଦି ରାଜ୍ୟର ତାହାଲେ କେନ୍ଦ୍ର କାହିଁକି ଆମର ଜମି, ଜଙ୍ଗଲ ଓ ଖଣିକୁ ହାତକୁ ନେବ । ଦେଶର ଅନେକ ରାଜ୍ୟରେ ବିଜେପି ସରକାର । ହେଲେ କାହିଁକି ଜମି ଖଣି ଜଗା ସବୁ କେନ୍ଦ୍ର ହାତକୁ ନେବ । ଏହା ଅସମାହିତ ପ୍ରଶ୍ନ । ଆସନ୍ତାକାଲି ଲୋକଭବନ ସାମ୍ନାରେ ଆନ୍ଦୋଳନ ହେବ ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ରାପଡ଼ାର ବନ୍ୟା କ୍ଷତିଗ୍ରସ୍ତ



**ଭୁବନେଶ୍ୱର, ୮/୯(ନିପ୍ର):** କେନ୍ଦ୍ରାପଡ଼ା ଜିଲ୍ଲାର ଆଳି, ରାଜକନିକା, ରାଜନଗର, ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡ଼ା ବ୍ଲକର ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳବାସୀଙ୍କ ଏକ ପ୍ରତିନିଧି ଦଳ ଭୁବନେଶ୍ୱର ସଚିବାଳୟରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ବନ୍ୟା ପରବର୍ତ୍ତୀ ଦୁର୍ଦ୍ଦଶା ସମ୍ପର୍କରେ ଅବଗତ କରିଛନ୍ତି। ବରିଷ୍ଠ ବିଜେପି ନେତ୍ରୀ ସୁଜାତା ବାରିକଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳକୁ ସ୍ୱତନ୍ତ୍ର ବନ୍ୟାଞ୍ଚଳ ଘୋଷଣା, ନଷ୍ଟ ହୋଇଥିବା ଧାନ ଓ ପନିପରିବା ଫସଲ ପାଇଁ ଉପଯୁକ୍ତ କ୍ଷତିପୂରଣ ଏବଂ କ୍ଷତିଗ୍ରସ୍ତ ଘର ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇବାକୁ ଦାବି କରାଯାଇଛି। ଏଥିସହ କ୍ଷତିଗ୍ରସ୍ତ ଚାଷୀଙ୍କ ଋଣ ଛାଡ଼, ଆଗାମୀ ରବି ଋତୁ ପାଇଁ ବିନା ସୁଧରେ କୃଷି ଋଣ, ମାଗଣାରେ ବିହନ, ସାର ଓ କୀଟନାଶକ ଯୋଗାଣ ପାଇଁ ମଧ୍ୟ ଦାବି ରହିଛି। ବନ୍ୟାରେ କ୍ଷତିଗ୍ରସ୍ତ କୂଅ, ପୋଖରୀ ଓ ନଳକୂଅର ପୁନରୁଦ୍ଧାର ସହ ଉଠା ଜଳସେଚନ ପଏଣ୍ଟଗୁଡ଼ିକର ତୁରନ୍ତ ମରାମତି ଏବଂ ଅତିକମରେ ଏକ ବର୍ଷ ପାଇଁ କୃଷି ଜଳସେଚନ ବିଦ୍ୟୁତ ବିଲ୍ ଛାଡ଼ କରିବାକୁ ପ୍ରତିନିଧି ଦଳ ଅନୁରୋଧ କରିଛି। କ୍ଷତିଗ୍ରସ୍ତ ପରିବାରକୁ ଆଗାମୀ ଅମଳ ଋତୁ ପର୍ଯ୍ୟନ୍ତ ଚାଉଳ ଓ ମାସିକ ଆର୍ଥିକ ସହାୟତା ଦେବାକୁ ମଧ୍ୟ ଦାବି କରାଯାଇଛି। ବନ୍ୟାରେ ସ୍କୁଲ ଘର ଓ ଶିକ୍ଷା ସାମଗ୍ରୀ କ୍ଷତିଗ୍ରସ୍ତ ହୋଇଥିବାରୁ ଛାତ୍ରଛାତ୍ରୀଙ୍କୁ ବହିପତ୍ର ଓ ୟୁନିଫର୍ମ ଯୋଗାଇବାକୁ ଦାବି ହୋଇଛି। ପ୍ରତିବର୍ଷ ବ୍ରାହ୍ମଣୀ, ଖରସ୍ରୋତା ଓ କାଣୀ ନଦୀ ବନ୍ୟାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳ ଏବଂ ଲୁଣା, ଚିତ୍ରୋତ୍ପଳା ନଦୀ ବନ୍ୟାରେ ପାଟକୁରା, ମାର୍ଶାଘାଇ, ମହାକାଳପଡ଼ା ଓ ଗରଦପୁର ଅଞ୍ଚଳ ପ୍ରଭାବିତ ହେଉଥିବାରୁ ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ମଧ୍ୟ ଦାବି ରଖାଯାଇଛି ଓ କେନ୍ଦ୍ରାପଡ଼ା ଦାଦନ ପ୍ରବଣ ଜିଲ୍ଲା ହୋଇଥିବାରୁ ବନ୍ୟା କ୍ଷତିଗ୍ରସ୍ତଙ୍କ ଜୀବନ-ଜୀବିକାର ସୁରକ୍ଷା ନହେଲେ ଯୁବକମାନେ କାମଧନ୍ଦା ପାଇଁ ବାହାର ରାଜ୍ୟକୁ ଚାଲିଯିବାର ଆଶଙ୍କା ଥିବା ନେଇ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛି।


## ୧ କୁଇଣ୍ଟାଲ ପଲିଥିନ ଜବତ, ୧୯ ହଜାର ଟଙ୍କା ଜରିମାନା ଆଦାୟ

କେନ୍ଦ୍ରାପଡ଼ା,୮/୯(ନିପ୍ର): ପୌରାଞ୍ଚଳରେ ବେଆଇନ ପଲିଥିନ ଓ ନିଷିଦ୍ଧ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ବିରୋଧରେ ପୌର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଚଢାଉ ଅଭିଯାନ କରାଯାଇଛି। ପୌରାଞ୍ଚଳର ବିଭିନ୍ନ ଦୋକାନ, ବ୍ୟବସାୟିକ ପ୍ରତିଷ୍ଠାନ ଓ ବଜାର ଅଞ୍ଚଳରେ ଯାଞ୍ଚ କରିଥିଲା ଟିମ୍। ଯାଞ୍ଚ ସମୟରେ ବେଆଇନ ଭାବେ ମହଜୁଦ ଓ ବିକ୍ରି ହେଉଥିବା ପଲିଥିନ ଜବତ କରାଯାଇଥିଲା। ଅଭିଯାନରେ ବିଭିନ୍ନ ସ୍ଥାନରୁ ପ୍ରାୟ ୧ କୁଇଣ୍ଟାଲ ପଲିଥିନ ଜବତ ହୋଇଥିବା ବେଳେ ନିୟମ ଉଲ୍ଲଂଘନକାରୀଙ୍କଠାରୁ ୧୯ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

## ଦେଶୀମଦ ସହ ପୋଚ ନଷ୍ଟ, ୪ ମାମଲା ରୁଜୁ

**ଆଠଗଡ଼,୮।୯(ନିପ୍ର):** ଆଠଗଡ଼ ଅବକାରୀ ଉପ ଅଧୀକ୍ଷକ ସିଏଚ ତିରୁପଥୀ ଓ ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତିଗିରିଆ ଥାନା ଅନ୍ତର୍ଗତ ଭିରୁଡ଼ା (ଉପରଗଡ଼, ଗରପଡ଼ା, ପାଇକ ସାହି), ପଣସପାଟଣା ଗ୍ରାମ ଏବଂ ସଂରକ୍ଷିତ ଜଙ୍ଗଲରେ ଆଠଗଡ଼ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, କଟକ ସଦର-୨ ଅବକାରୀ ବିଭାଗ ଏବଂ ନରସିଂହପୁର ଅବକାରୀ ବିଭାଗ ସହିତ ଏକ ମିଳିତ ଚଢ଼ାଉ କରାଯାଇଥିଲା। ଏହି ଚଢାଉରେ ସର୍ବମୋଟ ୧୮୫୫ ଲିଟର ଦେଶୀମଦ ସହ ୨୨୮୫୫ଲିଟର ମଦ ପ୍ରସ୍ତୁତି ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ଼ ପୋଚ ଉଦ୍ଧାର କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଥିଲା। ଏଥିସହ ୪ଟି ମାମଲା ରୁଜୁ କରାଯାଇଛି।

## ଗଣେଶ ମୂର୍ତ୍ତି ପ୍ରସ୍ତୁତିରେ ଶିଳ୍ପୀ



ପୁରୀ, ୮/୯(ନିପ୍ର): ପୁରୀ ସହରରେ ଗଜାନନଙ୍କ ପୂଜା ଏକ ପ୍ରମୁଖ ଉତ୍ସବ। ଗଣେଶ ପୂଜା ଆଉ ମାତ୍ର ୬ ଦିନ ବାକି ଥିବା ବେଳେ ମୂର୍ତ୍ତି କାରିଗରମାନେ ମୂର୍ତ୍ତି ନିର୍ମାଣରେ ବ୍ୟସ୍ତ ରହିଛନ୍ତି। ବିଭିନ୍ନ ପ୍ରକାର ଛୋଟ ବଡ଼ ମୂର୍ତ୍ତି ନିର୍ମିତ ହେଉଛି। ମୂର୍ତ୍ତି ନିର୍ମାଣରେ ବ୍ୟବହୃତ ହେଉଥିବା ମାଟି, ନଡା ଓ ସୁତୁଳି ଦର ବୃଦ୍ଧି ପାଉଥିବା ଯୋଗୁଁ ସବୁବର୍ଷ ଅପେକ୍ଷା ଚଳିତବର୍ଷ ମୂର୍ତ୍ତି ଦର ମଧ୍ୟ ବୃଦ୍ଧି ପାଉଥିବା ଦେଖାଯାଇଛି। ପୁରୀ ସହରରେ ଛୋଟ ବଡ଼ ହୋଇ ଶତାଧିକ ମଣ୍ଡପରେ ପୂଜିତ ହେବେ। ଏଥିପାଇଁ ବିଭିନ୍ନ ସ୍ଥାନରେ ଚିତ୍ତାକର୍ଷକ ମଣ୍ଡପ ଓ ଉଚ୍ଚା ତୋରଣ ପ୍ରସ୍ତୁତିରେ ଶିଳ୍ପୀମାନେ ଲାଗି ପଡିଛନ୍ତି।

## କଳାଜୀରା ଧାନଚାଷ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୮।୯: ରାଜ୍ୟର କୃଷି ପ୍ରେକ୍ଷାପଟ୍ଟକୁ ପରିବର୍ତ୍ତନ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ସ୍ୱଦେଶୀ ବିଶେଷ ଧାନ ଚାଷ, ମୂଲ୍ୟ ବୃଦ୍ଧି ଏବଂ ବାଣିଜ୍ୟକରଣକୁ ବୃଦ୍ଧି କରିବା ପାଇଁ ଭୁବନେଶ୍ୱରଠାରେ ଉପମୁଖ୍ୟମନ୍ତ୍ରୀ, କୃଷି ଏବଂ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଏବଂ ଫିଲିପାଇନ୍ସର ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ ର ଏକ ପ୍ରତିନିଧିମଣ୍ଡଳୀ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କଳାଜୀରା ଚାଉଳ ଉପରେ କେନ୍ଦ୍ରିତ ହୋଇ ସ୍ୱଦେଶୀ ବିଶେଷ ଧାନର ଚାଷ, ମୂଲ୍ୟ ବୃଦ୍ଧି ଏବଂ ବାଣିଜ୍ୟକରଣକୁ ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

## ୧୨ରେ ଟିପିଏସ୍‌ଓଡିଏଲ୍ ଉପଭୋକ୍ତାଙ୍କ ପାଇଁ ଲୋକ ଅଦାଲତ

**ବ୍ରହ୍ମପୁର, ୮/୯(ନିପ୍ର):** ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ଆସନ୍ତା ୧୨ ତାରିଖ ଶନିବାର ତୃତୀୟ ଜାତୀୟ ଲୋକ ଅଦାଲତ ଓ ପ୍ରବର୍ତ୍ତନ ସମାଧାନ ଶିବିର ଅନୁଷ୍ଠିତ ହେବ । ଉପଭୋକ୍ତାଙ୍କ ଦ୍ୱାରା ଅନଧିକୃତ ବିଦ୍ୟୁତ ବ୍ୟବହାର ତଥା ବିଦ୍ୟୁତ ଚୋରି ସମ୍ବନ୍ଧୀୟ ମାମଲାର ସମାଧାନ ନିମନ୍ତେ ଏହି ଶିବିରର ଆୟୋଜନ କରାଯାଉଛି । ଏଠାରେ ଦୀର୍ଘ ଦିନ ଧରି ବିଚାରାଧୀନ ଥିବା ମାମଲାଗୁଡ଼ିକର ଏକକାଳୀନ ସମାଧାନ କରାଯିବ । ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ, କୋରାପୁଟ, ରାୟଗଡା, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାର ସମସ୍ତ ଟିପିଏସ୍‌ଓଡିଏଲ୍ ଡିଭିଜନ୍, ସବ୍-ଡିଭିଜନ୍, ସେକ୍ସନ ଅଫିସ ଓ ନିର୍ଦ୍ଦିଷ୍ଟ କୋର୍ଟ ପରିସରରେ ଏକକାଳୀନ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏହି ଶିବିରଗୁଡ଼ିକ ସକାଳ ୯ଟାରୁ ଆରମ୍ଭ ହେବ । ଉପଭୋକ୍ତାମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ପହଞ୍ଚି ମାର୍ଗଦର୍ଶନ ଓ ସହାୟତା ପାଇପାରିବେ । ଟିପିଏସ୍‌ଓଡିଏଲର ଏଭଳି ପଦକ୍ଷେପ ଦାୟିତ୍ୱପୂର୍ଣ୍ଣ ବିଜୁଳି ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହ କାର୍ଯ୍ୟାନ୍ୱୟନ ସମ୍ବନ୍ଧୀୟ ମାମଲାଗୁଡ଼ିକର ସମାଧାନକୁ ଶୃଙ୍ଖଳିତ କରିବାରେ ସହାୟକ ହେବ । ବିଜୁଳି ବ୍ୟବହାରରେ ସ୍ୱଚ୍ଛତା ଓ ନିୟମିତତା ରକ୍ଷା ହେବା ସହ ଉପଭୋକ୍ତା ଅନୁକୂଳ ବ୍ୟବସ୍ଥା ସ୍ଥାପିତ ହୋଇପାରିବ । ପ୍ରବର୍ତ୍ତନ ଅଧିକାରୀ, ଆଇନ ବିଶେଷଜ୍ଞ ଓ ଉପଭୋକ୍ତା ସହାୟତା କର୍ମଚାରୀମାନଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଦଳ ଲୋକ ଅଦାଲତରେ ଉପସ୍ଥିତ ରହି ଉପଭୋକ୍ତାମାନଙ୍କୁ ଆନୁଷଙ୍ଗିକ ସହାୟତା ପ୍ରଦାନ କରିବେ ।

## ୭୦୦ଫୁଟ ଉଚ୍ଚ ପାହାଡ଼ ଉପରେ ଫସିଥିବା ଛାତ୍ର ଉଦ୍ଧାର



ନୟାଗଡ, ୮।୯(ନିପ୍ର): ଆଜିକାଲିର ଯୁବପୀଢ଼ିଙ୍କୁ ଘାରିଛି ରିଲସ ନିଶା। ସେଥିପାଇଁ ଅନେକଙ୍କ ଜୀବନ ମଧ୍ୟ ଚାଲି ଯାଉଛି। ତଥାପି ମଧ୍ୟ ସଚେତନ ହେଉନାହାନ୍ତି। ସୂଚନାନୁସାରେ ନୟାଗଡ ଟାଉନ ଥାନା ଅଧୀନ କଇଥ ଗାଡ଼ିଆ ଗ୍ରାମର ଅକ୍ଷୟ ଦୋରାଙ୍କ ପୁଅ ଆଦିତ୍ୟ ଦୋରା ଯୁକ୍ତତିନି ବର୍ଷର ଛାତ୍ର, ସେ ନୟାଗଡ ଘରୋଇ କୋଚିଙ୍ଗ ବିକାଶ ଟିଉଟୋରିଆଲରେ ରହି ପଢୁଛନ୍ତି । ସେ +୩ବାଣିଜ୍ୟ ଦ୍ୱିତୀୟ ବର୍ଷର ଛାତ୍ର । ରିଲସ କରିବା ପାଇଁ ନୟାଗଡ ଟାଉନ ଅଧୀନ ରୁକ୍ଷି ପାହାଡ଼କୁ ବୁଲିବାକୁ ଯାଇ ପାହାଡ଼ ଉପରେ ରାସ୍ତା ହରାଇ ସନ୍ଧ୍ୟା ହେବାରୁ ଅନ୍ଧାରରେ ୭୦୦ଫୁଟ ଉଚ୍ଚତାରେ ଫଶି ରହିଥିଲେ । ନେଟୱର୍କର ତ୍ରୁଟି ଯୋଗୁ କାହାକୁ ଜଣାଇ ପାରୁନଥିଲେ । ଘନ ଅନ୍ଧାରରେ ଛାତ୍ର ଜଣକ ଅଧିକ ଭୟଭୀତ ହୋଇପଡ଼ିଥିଲେ । ପାହାଡରେ ତଳୁ ଉପର, ଉପର ତଳ ଇତସ୍ତତଃ ହୋଇ କୌଣସି ସ୍ଥାନରେ ଫୋନ୍ ନେଟୱାର୍କ କାମକରିବା ପରେ ବଡ଼ଭାଇ ଖବର ପାଇ ନିକଟସ୍ଥ ଟାଉନ ଥାନାରେ ପୁଲିସକୁ ଜଣାଇ ଅଗ୍ନିଶମ ବିଭାଗ, ପୁଲିସ ଓ ବନ ବିଭାଗର କର୍ମଚାରୀମାନେ ଆବଶ୍ୟକ ସରଞ୍ଜାମ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ପାହାଡ଼ିଆ ଓ ଦୁର୍ଗମ ଅଞ୍ଚଳ ହୋଇଥିବାରୁ ଉଦ୍ଧାରକାରୀ ଦଳକୁ ଛାତ୍ରଙ୍କ ନିକଟରେ ପହଞ୍ଚିବା ପାଇଁ ବେଶ୍ କିଛି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଦୀର୍ଘ ସାଢ଼େ ତିନି ଘଣ୍ଟା ସମୟ ଧରି ଖୋଜାଖୋଜି ଓ ଉଦ୍ଧାର କାର୍ଯ୍ୟ ଚାଲିବା ପରେ ଶେଷରେ ଛାତ୍ରଙ୍କୁ ଠାବ କରାଯାଇଥିଲା। ପରେ ଉଦ୍ଧାରକାରୀ ଦଳ ସତର୍କତାର ସହ ଛାତ୍ରଙ୍କୁ ପାହାଡ଼ ତଳକୁ ଆଣିଥିଲେ। ତାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯିବା ପରେ ପରିବାର ଓ ସାଥୀମାନେ ଆଶ୍ୱସ୍ତ ହୋଇଥିଲେ। ପୁଲିସ, ଅଗ୍ନିଶମ ଓ ବନ ବିଭାଗର ମିଳିତ ଉଦ୍ୟମ ଯୋଗୁଁ ଛାତ୍ରଜଣକ ସୁରକ୍ଷିତ ଭାବେ ଉଦ୍ଧାର ହୋଇ ପାରିଥିଲେ।

## 'ମୌସୁମୀ ଅଧିବେଶନରେ ଆଗତ ହେବ ୫ରୁ ୬ଟି ବିଲ୍'

ଭୁବନେଶ୍ୱର,୮।୯: ଓଡ଼ିଶା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚାଇଛନ୍ତି ଯେ ସେପ୍ଟେମ୍ବର ୨୨ରୁ ଆରମ୍ଭ ହେବ ରାଜ୍ୟ ବିଧାନସଭାର ସ୍ୱଳ୍ପକାଳୀନ ମୌସୁମୀ ଅଧିବେଶନ। ଏଥିରେ ପାଞ୍ଚରୁ ଛଅଟି ବିଲ୍ ଆଗତ କରିବାକୁ ସରକାର ଯୋଜନା କରୁଛନ୍ତି। ସେ କହିଛନ୍ତି ଯେ କାର୍ଯ୍ୟପନ୍ଥା ଚୂଡ଼ାନ୍ତ କରିବା ପାଇଁ କାର୍ଯ୍ୟ ପରାମର୍ଶଦାତା କମିଟି ବୈଠକ କରିବ। ସେପ୍ଟେମ୍ବର ୨୧ରେ ଏକ ସର୍ବଦଳୀୟ ବୈଠକ ହେବ। ଏଥିରେ ମୁଖ୍ୟମନ୍ତ୍ରୀ ଏବଂ ବିରୋଧୀ ଦଳ ନେତା ଉଭୟ ଯୋଗଦେବେ ବୋଲି ଆଶା କରାଯାଉଛି।

# ଜାତୀୟ ରାଜପଥ ଖାଲଖମା, ତାଳିପକାରେ ନିମ୍ନମାନର ପିଚୁକାମ




**ହିଞ୍ଜିଳିକାଟୁ ୮/୯(ନିପ୍ର):** ହିଞ୍ଜିଳିକାଟୁ ସହରକୁ ଅତିକ୍ରମ କରୁଥିବା ୫୯ନଂ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଦୀର୍ଘଦିନ ଧରି ବହୁ ଖାଲଖମା ସୃଷ୍ଟି ହୋଇଥିଲା। ବିଶେଷ କରି ସହରର ସବୁଠାରୁ ବ୍ୟସ୍ତବହୁଳ ବିଜୁ ପଟ୍ଟନାୟକ ଛକଠାରୁ ଘୋଡାହଡ ସେତୁ ଏବଂ ବିଜୁ ପଟ୍ଟନାୟକ ଛକଠାରୁ ସୋମପୁର ରାସ୍ତାର ଉଭୟ ପାର୍ଶ୍ୱରେ ଛୋଟବଡ଼ ପ୍ରାୟ ୫୦ ରୁ ଅଧିକ ଖାଲଖମାରେ ଭରି ରହିଛି। ଦୈନିକ ପ୍ରାୟ ଶହଶହ ଛୋଟ ବଡ଼ ଭାରିଯାନ ଓ ହାଲୁକା ଯାନ ଯାତାୟାତ କରୁଥିବା ବେଳେ ଅଧିକାଂଶ ସମୟରେ ଦୁର୍ଘଟଣାମାନ ଘଟୁଥିବା ନଜିର ରହିଛି। ଏଭଳି ଅଭାବନୀୟ ପରିସ୍ଥିତି ନେଇ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରସାରଣ କରି ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଗତ ଦୁଇଦିନ ଧରି ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ଖାଲଖମା ଗୁଡ଼ିକୁ ମରାମତି କାମ ଆରମ୍ଭ ହୋଇଛି। ବିଭିନ୍ନ ସ୍ଥାନରେ ମରାମତି ନାମରେ ତାଳିପକା ପିଚୁକାମକୁ ନେଇ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘଦିନ ଧରି ରାସ୍ତାରେ ସୃଷ୍ଟି ହୋଇଥିବା ବଡ଼ବଡ଼ ଖାଲଖମାକୁ ସ୍ଥାୟୀ ଭାବେ ମରାମତି କରିବା ପରିବର୍ତ୍ତେ କେବଳ ନାମକୁ ମାତ୍ର ତାଳିପକା କାମ କରାଯାଉଥିବା ଅଭିଯୋଗ ହୋଇଛି। କିଛିଦିନର ବର୍ଷା ପରେ ରାଜପଥର ବିଭିନ୍ନ ସ୍ଥାନରେ ପିଚୁ ଉଠିଯାଇ ଶୋଚନୀୟ ଅବସ୍ଥା ସୃଷ୍ଟି ହୋଇଥିଲା। ତେବେ ସମ୍ପୃକ୍ତ ବିଭାଗ ଓ ଠିକାସଂସ୍ଥା ପକ୍ଷରୁ ଗୁଣବତ୍ତା ପ୍ରତି ଧ୍ୟାନ ନଦେଇ କେବଳ ଅସ୍ଥାୟୀ ଭାବେ ଖାଲଖମା ଗୁଡ଼ିକୁ ବୁଜି ଦିଆଯାଉଛି। ଫଳରେ ମାତ୍ର କିଛି ଦିନର ଗାଡ଼ି ଚଳାଚଳ ପରେ ପୁନର୍ବାର ସେହି ସ୍ଥାନଗୁଡ଼ିକରୁ ପିଚୁ ଓ ଗୋଡ଼ି ଛାଡ଼ିଯାଉଛି। ରାସ୍ତାରେ ଅସମାନ ଭାବେ ପିଚୁ ଢଳେଇ କାମ ସରିଲା ପରେ ଦ୍ରୁତଗତିରେ ଆସୁଥିବା ବାଇକ୍ ଓ ଅନ୍ୟାନ୍ୟ ଯାନବାହନ ନିୟନ୍ତ୍ରଣ ହରାଇ ଦୁର୍ଘଟଣାର ଶିକାର ହେଉଛନ୍ତି। ରାତି ସମୟରେ ଏହି ଅସମାନ ତାଳିପକା ସ୍ଥାନଗୁଡ଼ିକ ଚାଳକଙ୍କୁ ସ୍ପଷ୍ଟ ଦୃଶ୍ୟମାନ ହେଉନଥିବାରୁ ବିପଦ ଆହୁରି ବୃଦ୍ଧି ପାଉଛି। ସ୍ଥାୟୀ ନିର୍ମାଣ ପରିବର୍ତ୍ତେ ବାରମ୍ବାର ତାଳିପକା କାମ କରି ସରକାରୀ ଅର୍ଥର ଶ୍ରାଦ୍ଧ କରାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏଣୁ ମରାମତି କାମ ଆରମ୍ଭ ପୂର୍ବରୁ ଖାଲଖମା ଗୁଡିକୁ ଉପଯୁକ୍ତ ଭାବେ ସଫା ନ କରିବା ଓ ଜରୁରୀ ତରଳ ରସାୟନ ଦ୍ରବ୍ୟ ମିଶ୍ରିତ ନ ହୋଇ ତାଳିପକା ପିଚୁ କାମ କରା ଯାଉଥିବା ଦେଖିବାକୁ ମିଳିଛି।

## ଭିଜିଲାନ୍ସ ଜାଲରେ ଜୁନିଅର ଆସିଷ୍ଟାଣ୍ଟ

**କୁଚିଣ୍ଡା,୮/୯(ନିପ୍ର):** ସରକାରୀ ଅର୍ଥ ହେରଫେର ଓ ଜାଲିଆତି ବିଲ୍ ମାଧ୍ୟମରେ ୧ କୋଟି ୧୫ଲକ୍ଷ ୧୪ହଜାର ୫୩୯ଟଙ୍କା ଆତ୍ମସାତ୍ ଅଭିଯୋଗରେ ଭିଜିଲାନ୍ସ ଜଣେ ଜୁନିଅର ଆସିଷ୍ଟାଣ୍ଟଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମିର୍ ଇମତିୟାଜ୍ ଅଲ୍ଲୀ। ସେ ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ୍ ଅନ୍ତର୍ଗତ ଫାସିମାଲ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଜୁନିୟର ଆସିଷ୍ଟାଣ୍ଟ ଓ ଗୋବିନ୍ଦପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଇନଚାର୍ଜ ଜୁନିଅର ଆସିଷ୍ଟାଣ୍ଟ ଦାୟିତ୍ୱରେ ଥିଲେ। ଏନେଇ ସମ୍ବଲପୁର ଭିଜିଲାନ୍ସ ବିଭାଗ ଦଫା ୧୩(୨)ଆର/ଡବ୍ଲ୍ୟୁ ୧୩(୧)କ ପିସି ଆକ୍ଟ ୫ ବିଏନଏସ ୨୦୨୩ (ନଂ.୧୪ ଓ ୧୫/୨୦୨୬)ମାମଲା ରୁଜୁ କରି ମଙ୍ଗଳବାର ଅଭିଯୁକ୍ତ ଅଲ୍ଲୀଙ୍କୁ ଗିରଫ କରି ସମ୍ବଲପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଛି।

GOVERNMENT OF ODISHA 32001/835/2627
OFFICE OF THE SUPERINTENDING ENGINEER
MINOR IRRIGATION DIVISION, KENDUJHAR
*******
NOTICE INVITING TENDER e-Procurement
Bid ID No. 03 SEMID (KJR/ 2026-2027) Dt. 03.09.2026

The Superintending Engineer, Minor Irrigation Division, Kendujhar on behalf of the Govemer of Odisha invites online percentage rate tender through "e" procurement to be received in online mode for the works as detailed in the Annexure to this bid notice.

| | |
|---|---|
| Name of work | Civil Construction works |
| No. of Works | 27 (Twenty) Nos. |
| Estimated Cost | Various from Rs. to 6.88 lakhs to Rs. 12.71 Lakhs approximately. |
| Tender Paper Cost | Mentioned in Column No. 6 of Tender call notice |
| Period of completion | 04 (Four) calendar months |
| Availability of Bid Documents | From 11.09.2026 to 22.09.2026 up to 5.00 PM in Website (www.tenderorissa.gov.in) |
| Period of receipt of Bid through online | From 11.09.2026 to 22.09:2026 up 5.00 PM through online. |
| Date of Opening of Technical / Financial Bid Documents | At 11.00 A.M. on 23.09.2026 in the office chamber of the Superintending Engineer, M.I. Division, Kendujhar |
| Date of Lottery | Will be notified in due course |
| Digital Signature Certificate of Bidder | The bidder must possess compatible digital signature certificate (DSC) of Class-II or Class-III |
| Name and Address of the OIT: | Superintending Engineer, M.I. Division, Kendujhar Near Parkline Kendujhar, At/Po-Kendujhar, Dist- Kendujhar Pin-758001. E-Mail ID-eemikjr@yahoo.co.in |

Further Details can be seen from the web site : www.tendersorissa.gov.in

OIPR 32001/32123/1/26-27/0003
Er. Rashmi Rekha Chatlan
Superintending Engineer
M.I. Division, Kendujhar

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ